ସ୍ୱାଗତଂ ଓଡ଼ିଶା
ଡୁମାଣୀ ଖବର
Dumani Khabar (Odia Daily)
R.N.I. Regd. No. ODIODI/2020/78914
P.O. Regd. No. : BN/290/23-25
Visit us: www.dumanikhabar.in • e-paper.dumanikhabar.in
DUMANI TV
Follow us: Facebook YouTube Twitter
ବର୍ଷ-୬ | ସଂଖ୍ୟା-୧୦୩ | ଶନିବାର | ୫ ଜୁଲାଇ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-103 | Saturday | 5 July 2025 | Bhubaneswar | Pages-8 | Rs. 2.00

### ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା

# ପୁରୀ ପୌରପାଳିକା ହେବ ମହାନଗର ନିଗମ



ଭୁବନେଶ୍ୱର, ୪।୭ (ହି.ସ): ପୁରୀ ପୌରପାଳିକା ହେବ ମହାନଗର ନିଗମ। ଘୋଷଣା କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହାସହ ପୁରୀରେ ଜଗନ୍ନାଥ ମ୍ୟୁଜିୟମ ପ୍ରତିଷ୍ଠା ହେବା ନେଇ କହିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ବାହୁଡ଼ା ଯାତ୍ରା ନେଇ ସାମ୍ବାଦିକ ସମ୍ମିଳନୀ ଅବସରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଏବେ ପବିତ୍ର ପୁରୀ ସହରରେ ମହାପ୍ରଭୁଙ୍କ ଘୋଷଯାତ୍ରା ଜାରି ରହିଛି। ବାହୁଡା ଯାତ୍ରା ପାଇଁ ମହାପ୍ରଭୁ ଆଜ୍ଞା ଦେଇ ସାରିଛନ୍ତି। ଏହି ଯାତ୍ରାକୁ ସୂରୁରୁ ରୂପେ ଏବଂ ସୁରକ୍ଷିତ ଢଙ୍ଗରେ ସଂପୂର୍ଣ୍ଣ କରିବା ପାଇଁ ଠାକୁରଙ୍କ ନିର୍ଦ୍ଦେଶରେ ସମସ୍ତେ ନିଜ ନିଜ ସେବା ପ୍ରଦାନ କରୁଛନ୍ତି। ପୁରୀ ଜଗନ୍ନାଥ ଧାମ ସାରା ଭାରତର ସବୁ ଧର୍ମସ୍ଥଳୀଠାରୁ ଅନନ୍ୟ। ଏଠାରେ ଭକ୍ତ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତେ ଏକାକାର ହୋଇ ଯାଆନ୍ତି। ନବ ଦିନ ବ୍ୟାପ୍ତ ଏହି ପବିତ୍ର ଯାତ୍ରା ସମୟରେ ବଡଦାଣ୍ଡରେ ଚାଲୁଥିବା ସବୁ ଭକ୍ତ ଜଣେ ଜଣେ ଦାସିଆ। ମୁଁ ବି ଏହି ଅସଂଖ୍ୟ ଜଗନ୍ନାଥ ଭକ୍ତଙ୍କ ମଧ୍ୟରୁ ଜଣେ ସାଧାରଣ ଭକ୍ତ। ରାଜ୍ୟର ମୁଖ୍ୟ ସେବକ ଭାବେ ରାଜ୍ୟବାସୀ ଯେଉଁ ଗୁରୁ ଦାୟିତ୍ୱ ମୋତେ ଅର୍ପଣ କରିଛନ୍ତି, ସେଥି ମଧ୍ୟରୁ, ପୁରୀକୁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ସହିତ ପୁରୀବାସୀଙ୍କୁ ଗୁଣାତ୍ମକ ମୌଳିକ ସୁବିଧା ପ୍ରଦାନ କରିବା। ମୁଁ ବ୍ୟକ୍ତିଗତ ଭାବେ ପୂର୍ବରୁ ଅନୁଭବ କରିଛି ଯେ କୌଣସି ନା କୌଣସି କାରଣରୁ ବର୍ତ୍ତମାନର ପୁରୀ ପୌରପାଳିକା ଉଭୟ ଭକ୍ତ ଏବଂ ସହରବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାରେ ସମର୍ଥ ହୋଇନାହିଁ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ସ୍ଥାନୀୟ ସ୍ୱାୟତ୍ତ ଶାସନ ପଦ୍ଧତିରେ ସଂସ୍କାର ଆଣିବାକୁ ପଡିବ। ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ତଦାରଖ, ପୁନଃବିନ୍ୟାସ ଏବଂ ରକ୍ଷଣାବେକ୍ଷଣ କରିବା ପାଇଁ ନୂତନ ଢାଞ୍ଚାର ଆବଶ୍ୟକତା ରହିଛି। କ୍ରମ ବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହିତ ବର୍ଷସାରା ସହରକୁ ଆସୁଥିବା ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ସୁବିଧା ଯୋଗାଇବା ପାଇଁ ଆମ ସରକାର ପୁରୀ ପୌରପାଳିକାକୁ ମହାନଗର ନିଗମରେ ପରିଣତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ପୁରୀ ସହର ଏବଂ ଆଖପାଖ ଅବସ୍ଥିତ ଗ୍ରାମ ପଞ୍ଚାୟତକୁ ସାମିଲ କରି ପୁରୀ ମହାନଗର ନିଗମ ଗଠିତ ହେବ। ଏହାଦ୍ୱାରା ପୁରୀ ସଦର ଏବଂ ବ୍ରହ୍ମଗିରି ବ୍ଲକର ପ୍ରାୟ ସାତରୁ ଆଠଗୋଟି ଗ୍ରାମ ପଞ୍ଚାୟତକୁ ସାମିଲ କରାଯିବ, ଯାହା ଫଳରେ ଏହି ପଞ୍ଚାୟତବାସୀ ସହର ପରି ସୁବିଧା ପାଇ ପାରିବେ। ଶନିବାର ଠାରୁ ଏହି ସମ୍ବନ୍ଧୀୟ ସମସ୍ତ ପ୍ରକ୍ରିୟା ଆରମ୍ଭ କରାଯିବ। ପୁରୀକୁ ଦେଶର ସର୍ବଶ୍ରେଷ୍ଠ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳ ଭାବେ ଗଢି ତୋଳିବାକୁ ଆମ ସରକାର ବଦ୍ଧପରିକର। ଏଥିପାଇଁ ଅନେକ ନୂତନ ପ୍ରକଳ୍ପର ନିର୍ମାଣ ଏବଂ ରକ୍ଷଣାବେକ୍ଷଣର ଆବଶ୍ୟକତା ରହିଛି। ୨୦୩୬ ସୁଦ୍ଧା ପୁରୀକୁ ଦେଶର ଏକ ମୁଖ୍ୟ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳରେ ପରିଣତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏକ ସୁନ୍ଦର, ସବୁଜ, ବିକଶିତ ପୁରୀ ସହର ବିନା ସମୃଦ୍ଧ ଓଡିଶାର ପରିକଳ୍ପନା ଅସମ୍ଭବ। ଆଜିର ଏହି ଘୋଷଣା ସରକାରଙ୍କ ଏହି ଭିଜନର ଏକ ଅଂଶ ବିଶେଷ। ସେହିଭଳି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହୁରି ମଧ କହିଛନ୍ତି, ଲୀଳାମୟ ପ୍ରଭୁଙ୍କ ନବଦିନ ବ୍ୟାପୀ ଘୋଷଯାତ୍ରା ଜାରି ରହିଛି। ଠାକୁର ବାହୁଡିବା ପାଇଁ ନିର୍ଦ୍ଦେଶ ଦେଇସାରିଛନ୍ତି। ସେବକ, ସେବାୟତ, କର୍ମଚାରୀ, ଅଧିକାରୀ ଏହି ବାହୁଡା ଯାତ୍ରାକୁ ସୁନ୍ଦର ସାବଲୀଳ କରିବା ପାଇଁ ସମସ୍ତେ ନିଜ ନିଜ କର୍ତ୍ତବ୍ୟ ସମର୍ପଣ ଭାବ ନେଇ ସେବା ପ୍ରଦାନ କରୁଛନ୍ତି। ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଅନନ୍ୟ। ନୟାଗଡର ଘଞ୍ଚ ଜଙ୍ଗଲର ଏକଦା ଅଧିଷ୍ଠିତ ପ୍ରଭୁ ନୀଳମାଧବଙ୍କ ନୀଳକନ୍ଦରକୁ ଯାତ୍ରା ହେଉଛି ଅବିସ୍ମରଣୀୟ। ଜଗନ୍ନାଥ ଧାମର ସ୍ୱର୍ଣ୍ଣିମ ଇତିହାସ ଓ ପରମ୍ପରାକୁ ଅଗଣିତ ଲୋକକଥା, ଅନେକ କାହାଣୀ ଏବଂ ଐତିହାସିକ ଘଟଣାବଳୀ ସମୃଦ୍ଧ କରିଛି। ଏହି ସଂସ୍କୃତି ସହିତ ଅନେକ ଧର୍ମୀୟ ମହାନୁଭବ, ଲେଖକ, କବି, ଗାୟକ, ନୃତ୍ୟଶିଳ୍ପୀ, କାରିଗର ନିଜ ନିଜର ଅବଦାନ ଦେଇ ଆହୁରି ପରିପୃଷ୍ଟ କରିଛନ୍ତି। କିନ୍ତୁ, ପରିତାପର ବିଷୟ ଯେ ଆଜିର ଯୁବ ସମାଜ ତଥା ପୁରୀକୁ ଆସୁଥିବା ଭକ୍ତଗଣ ଜଗନ୍ନାଥ ସଂସ୍କୃତିର ଧର୍ମିକ ଇତିହାସ ବିଷୟରେ ବେଶୀ କିଛି ଜାଣନ୍ତି ନାହିଁ। ତା'ଠୁ ଦୁଃଖର ବିଷୟ ଯେ ଏହି ସଂସ୍କୃତି ଏବଂ ଇତିହାସକୁ ଜଣାଇବା ପାଇଁ ପୁରୀ ଠାରେ କିଛି ବ୍ୟବସ୍ଥା ଗତ ସାଢେ ସାତ ଦଶନ୍ଧିରେ କରାଯାଇ ପାରିଲା ନାହିଁ। ଏତଦ ବ୍ୟତୀତ ପୁରୀକୁ ଏକ ଉତ୍ତମ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢି ତୋଳିବା ପାଇଁ ବିଶେଷ କିଛି ପଦକ୍ଷେପ ନିଆଯାଇନାହିଁ। ଚିନ୍ତା କରନ୍ତୁ, ଆଜି ଜଣେ ପର୍ଯ୍ୟଟକ ପୁରୀ ଆସିଲେ, ତା' ପାଇଁ ମୁଖ୍ୟତଃ ଦୁଇଟି ଠିକଣା। ଜଗନ୍ନାଥ ମନ୍ଦିର ଏବଂ ବେଳାଭୂମି। ଏହାକୁ ଛାଡିଦେଲେ ଅନ୍ୟ କୌଣସି ମନୋରଞ୍ଜନ କିମ୍ବା ପର୍ଯ୍ୟଟନ ଭିତ୍ତିଭୂମି ନାହିଁ, ଯେଉଁଠାରେ ସେ କିଛି ସମୟ ବ୍ୟତୀତ କରି ପାରିବ। ଯେ କୌଣସି ପର୍ଯ୍ୟଟନ ସ୍ଥଳକୁ ବିକାଶ କରିବାକୁ ହେଲେ, ପ୍ରଥମ ନିୟମ ହେଉଛି କିପରି ଜଣେ ପର୍ଯ୍ୟଟକ ସେଠାରେ ଅଧିକରୁ ଅଧିକ ସମୟ ବ୍ୟତୀତ କରିବ। ଯାହାଦ୍ୱାରା ସେ ଅଧିକ ଖର୍ଚ୍ଚ ବି କରିବ। କିନ୍ତୁ, ପୁରୀ ଠାରେ ସେମିତି କିଛି ବ୍ୟବସ୍ଥା ନାହିଁ। ତେଣୁ ଏହି ଦୁଇ ସମସ୍ୟାକୁ ସମାଧାନ କରିବା ପାଇଁ ଆମ ସରକାର ପୁରୀ ଠାରେ ଏକ ବିଶ୍ୱ ସ୍ତରୀୟ ଶ୍ରୀ ଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରୀ ଏବଂ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଗୋଟିଏ ପରିସରରେ ଏହା ନିର୍ମିତ ହେବ। ଶ୍ରୀ ଜଗନ୍ନାଥ ସଂଗ୍ରହାଳୟରେ • ପୃଷ୍ଠା ୭ ଦେଖନ୍ତୁ...

### ତ୍ରିନିଦାଦ ଏବଂ ଟୋବାଗୋରେ ପ୍ରବାସୀ ଭାରତୀୟଙ୍କୁ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

# ପ୍ରବାସୀ ଭାରତୀୟ ଆମର ଗର୍ବ: ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୪।୭ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ତ୍ରିନିଦାଦ ଏବଂ ଟୋବାଗୋରେ ଭାରତୀୟ ପ୍ରବାସୀମାନଙ୍କର ଏକ ବିଶାଳ ସମାବେଶକୁ ସମ୍ବୋଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ତ୍ରିନିଦାଦ ଏବଂ ଟୋବାଗୋ ଗଣରାଜ୍ୟର ପ୍ରଧାନମନ୍ତ୍ରୀ ମହାମହିମ କମଳା ପର୍ସାଦ-ବିସେସାର, ତାଙ୍କ କ୍ୟାବିନେଟର ସଦସ୍ୟ, ସାଂସଦ ଏବଂ ଅନେକ ସମ୍ମାନିତ ବ୍ୟକ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ, ପ୍ରଧାନମନ୍ତ୍ରୀଙ୍କୁ ପ୍ରବାସୀମାନେ ଅସାଧାରଣ ଉତ୍ସାହ ସହିତ ସ୍ୱାଗତ କରିଥିଲେ ଏବଂ ଏକ ରଙ୍ଗୀନ ପାରମ୍ପରିକ ଭାରତ-ତ୍ରିନିଦାଦ ସ୍ୱାଗତ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସ୍ୱାଗତ କରି ପ୍ରଧାନମନ୍ତ୍ରୀ କମଳା ପର୍ସାଦ ବିସେସର ଘୋଷଣା କରିଥିଲେ ଯେ ତ୍ରିନିଦାଦ ଏବଂ ଟୋବାଗୋ ତାଙ୍କୁ ସେମାନଙ୍କର ସର୍ବୋଚ୍ଚ ଜାତୀୟ ପୁରସ୍କାର, ଦି ଅର୍ଡର ଅଫ୍ ଦି ରିପବ୍ଲିକ୍ ଅଫ୍ ତ୍ରିନିଦାଦ ଆଣ୍ଡ ଟୋବାଗୋ ପ୍ରଦାନ କରିବ। ପ୍ରଧାନମନ୍ତ୍ରୀ ଏହି ସମ୍ମାନ ପାଇଁ ତାଙ୍କୁ ଏବଂ ତ୍ରିନିଦାଦ ତଥା ଟୋବାଗୋର ଜନସାଧାରଣଙ୍କୁ ହୃଦୟର ସହିତ କୃତଜ୍ଞତା ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ, ପ୍ରଧାନମନ୍ତ୍ରୀ କମଳା ପର୍ସାଦ-ବିସେସରଙ୍କ ଉତ୍ସାହ ଏବଂ ଦୁଇ ଦେଶ ମଧ୍ୟରେ ସ୍ପନ୍ଦନଶୀଳ ଓ ସ୍ୱତନ୍ତ୍ର ସମ୍ପର୍କକୁ ମଜବୁତ କରିବାରେ ତାଙ୍କର ଅବଦାନ ପାଇଁ ଧନ୍ୟବାଦ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଯେତେବେଳେ ଦେଶ ଏହାର ଉପକୂଳରେ ଭାରତୀୟ ପ୍ରବାସୀମାନଙ୍କର ପ୍ରଥମ ଆଗମନର ୧୮୦ ବର୍ଷ ପାଳନ କରୁଛି, ସେତେବେଳେ ତାଙ୍କର ଐତିହାସିକ ଟି ଆଣ୍ଡ ଟି ଗସ୍ତ ଏହାକୁ ଆହୁରି ସ୍ୱତନ୍ତ୍ର କରିଛି। ପ୍ରଧାନମନ୍ତ୍ରୀ ଭାରତୀୟ ପ୍ରବାସୀମାନଙ୍କୁ ସେମାନଙ୍କର ସ୍ଥିରତା, ସାଂସ୍କୃତିକ ସମୃଦ୍ଧି ଏବଂ ତ୍ରିନିଦାଦ ଏବଂ ଟୋବାଗୋ ପ୍ରତି ସେମାନଙ୍କର ଅତୁଳନୀୟ ଅବଦାନ ପାଇଁ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ ପ୍ରଶଂସା କରି କହିଥିଲେ ଯେ ତ୍ରିନିଦାଦ ଏବଂ ଟୋବାଗୋରେ ଥିବା ଭାରତୀୟ ପ୍ରବାସୀମାନେ ଏହାର ଭାରତୀୟ ସାଂସ୍କୃତିକ ମୂଳ ଏବଂ ପରମ୍ପରାକୁ ସଂରକ୍ଷଣ ଓ ପୋଷଣ କରିଚାଲିଛନ୍ତି। ଏହି ବନ୍ଧନକୁ ଆହୁରି ମଜବୁତ କରିବା ପାଇଁ, ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ଯେ ଏବେ ତ୍ରିନିଦାଦ ଏବଂ ଟୋବାଗୋରେ ଭାରତୀୟ ବଂଶୋଦ୍ଭବ ଲୋକଙ୍କ ଷଷ୍ଠ ପିଢ଼ିକୁ ଓସିଆଇ କାର୍ଡ ପ୍ରଦାନ କରାଯିବ। ଏହି ବିଶେଷ ପଦକ୍ଷେପକୁ ଜୋରଦାର କରତାଳି ସହିତ ସ୍ୱାଗତ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଏହା ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ ଭାରତ ସରକାର ଗିର୍ମିଟିଆ ଐତିହ୍ୟକୁ ସଂରକ୍ଷିତ କରିବା ପାଇଁ ଅନେକ ପଦକ୍ଷେପକୁ ସମର୍ଥନ କରିବ। ପ୍ରଧାନମନ୍ତ୍ରୀ ଭିତ୍ତିଭୂମି, ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା, • ପୃଷ୍ଠା ୭ ଦେଖନ୍ତୁ...

# ଆଜି ରତ୍ନବେଦୀକୁ ବାହୁଡ଼ିବେ ମହାବାହୁ



➲ ମଧ୍ୟାହ୍ନ ୧୨ରୁ ବାହୁଡ଼ା ପହଣ୍ଡି
➲ ଅପରାହ୍ନ ୪ଟାରୁ ରଥ ଟଣା

ପୁରୀ, ୪।୭ (ଡିକେ ନ୍ୟୁଜ): ନବଦିନ ଯାତ୍ରା ଶେଷ କରି ଶନିବାର ଜନ୍ମବେଦୀରୁ ରତ୍ନବେଦୀ ଅଭିମୁଖେ ବାହୁଡିବେ ମହାବାହୁ। ଆଉ ମାତ୍ର ଘଣ୍ଟା କେଇଟାରେ ଅପେକ୍ଷା। ଏଥିପାଇଁ ଶେଷ ହେଲାଣି ସମସ୍ତ ପ୍ରସ୍ତୁତି। ମହାପ୍ରଭୁଙ୍କ ଅପେକ୍ଷାରେ ନାକଚଣା ଦ୍ୱାରରେ ପ୍ରସ୍ତୁତ ହୋଇ ରହିଛି ତିନି ରଥ। କେବଳ ମହାପ୍ରଭୁଙ୍କ ଆଗମନକୁ ଅପେକ୍ଷା। ଛତିଶା ନିଯୋଗ ବୈଠକରେ ନୀତିନିର୍ଘଣ୍ଟ ଅନୁଯାୟୀ ଶୁକ୍ରବାର ରାତି ୪ଟାରେ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ମଙ୍ଗଳଆଳତି କରାଯିବ। ମଇଲମ୍ , ରୋଷ ହୋମ, ଅବକାଶ, ଦ୍ୱାରପାଳ ପୂଜା, ସକାଳ ୫ଟା ୪୫ରୁ ୬ଟା୪୫ ମଧ୍ୟରେ ଗୋପାଳବଲ୍ଲଭ ଓ ସକାଳଧୂପ (କେବଳ ଖେଚୁଡି ଭୋଗ) ହେବ। ସକାଳ ସାଢେ ୭ରୁ ସାଢେ ୧୧ଟା ମଧ୍ୟରେ ସେନାପଟା ଲାଗି, ଦିନ ୧୧ଟା ୪୫ରେ ମଙ୍ଗଳାର୍ପଣ ପରେ ଦିନ ୧୨ଟାରୁ ପହଣ୍ଡି ଆରମ୍ଭ ହୋଇ ଦିନସାଢ଼େ ୨ଟାରେ ଶେଷ ହେବ। ଅପରାହ୍ନ ସାଢ଼େ ୨ରୁ ସାଢେ ୩ଟା ମଧ୍ୟରେ ଚାରଫିଟାଯିବା ପରେ ଓ ଘୋଡା ସାରଥୀ ଲାଗିବ। ଅପରାହ୍ନ ୪ଟାରେ ଆରମ୍ଭ ହେବ ରଥଟଣା। ବାହୁଡ଼ା ଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଶୃଙ୍ଖଳିତ ଦର୍ଶନ, ଭକ୍ତଙ୍କ ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ତିନି ରଥର କର୍ଡନ ତଥା ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ନିୟନ୍ତ୍ରଣ ଓ ଯୋଗାଯୋଗ ପାଇଁ ପୃଥକ ବ୍ୟବସ୍ଥା କରାଯାଇଛି। ଜନସମାଗମକୁ ଦୃଷ୍ଟିରେ ଯାନବାହାନ ଚଳାଚଳ ଏବଂ ପାର୍କିଂ ପାଇଁ ସ୍ୱତନ୍ତ୍ର ଟ୍ରାଫିକ କଟକଣା କଡାକଡି କରାଯାଇଛି। ଆଣ୍ଟି ଡ୍ରୋନ୍, ଆଣ୍ଟି ସାବୋଟେଜ ଓ ଡଗସ୍କାଡ ସମେତ ୨୦୫ ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଛନ୍ତି। ସେମାନଙ୍କ ସହିତ ବିଏସଏଫ୍ ଓ ସିଆରପିଏଫ୍, • ପୃଷ୍ଠା ୭ ଦେଖନ୍ତୁ...

# ରାମ ଚରିତ ମାନସ ମନ୍ଦିର ଭୂମି ପୂଜନ ସମାରୋହରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୪।୭ (ହି.ସ): ପୁରୀର ମଙ୍ଗଳାଘାଟ ଠାରେ ଆୟୋଜିତ ରାମ ଚରିତ ମାନସ ମନ୍ଦିର ଭୂମି ପୂଜନ ସମାରୋହରେ ସାମିଲ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ କହିଛନ୍ତି ଯେ, ସଂସ୍କୃତି ଓ ସଂସ୍କାରଧର୍ମୀ କାର୍ଯ୍ୟ ଓ ଏହାର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏହି ଭୂମି ପୂଜନ କାର୍ଯ୍ୟକ୍ରମରେ ପଦ୍ମବିଭୂଷଣ ଜଗତ ଗୁରୁ ରାମଭଦ୍ରାଚାର୍ଯ୍ୟ ଜୀ ମହାରାଜ ଅଧକ୍ଷତା କରି ଏହି ନୂତନ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ କରିଥିଲେ। ରାଘବ ପରିବାର ଟ୍ରଷ୍ଟ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପାଟଣା ଗାଁର ଭଗବାନ ଶ୍ରୀରାମ ଚରିତ ମାନସ ଭବ୍ୟ ମନ୍ଦିର ହେବା ଏକ ସୌଭାଗ୍ୟର ବିଷୟ ଏବଂ ଏହି ମନ୍ଦିର ନିର୍ମାଣ ନିମନ୍ତେ ଭୂମି ପୂଜନ କରିବାକୁ ଜଗତ ଗୁରୁ ରାମଭଦ୍ରାଚାର୍ଯ୍ୟ ଜୀ ମହାରାଜଙ୍କ ଆଗମନ ଆମ ପାଇଁ ଆଶୀର୍ବାଦ। ଏଠାରେ ରାମ ଚରିତ ମାନସ ମନ୍ଦିର ପ୍ରତିଷ୍ଠା ହିନ୍ଦୁ ପରମ୍ପରାର ଏକ ଅନନ୍ୟ ନିଦର୍ଶନ। ଆଗାମୀ ୧୦ ବର୍ଷ ଅର୍ଥାତ ୨୦୩୬ ମସିହା ପର୍ଯ୍ୟନ୍ତ ଆମର ଭିଜନ୍ ଡକୁମେଣ୍ଟ ୩୬ ପାଇଁ ୩୬ ପ୍ରସ୍ତୁତ ଅଛି ଏବଂ ସରକାର ସେଇ ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କର ସମାଜର ୪ଟି ବର୍ଗ- ଅନ୍ନଦାତା, ଗରିବ, ମହିଳା ଓ ଯୁବ ବିକାଶକୁ ପ୍ରାଧାନ୍ୟ ଦେଇ ସମସ୍ତ ଯୋଜନାକୁ ଜନସାଧାରଣଙ୍କ ପାଇଁ ଉପଲବ୍ଧ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ଆହୁରି କହିଥିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଆମ ସରକାର ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଭାବରେ ଏବଂ ୨୦୪୭ରେ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ବିକଶିତ ଭାରତକୁ ସାକାର କରିବ। ରାଜ୍ୟରେ ସମସ୍ତ ଜନହିତକର ଯୋଜନା ଲୋକଙ୍କ ପର୍ଯ୍ୟନ୍ତ ପହଞ୍ଚିଛି ଏବଂ ଓଡ଼ିଶା ବିକାଶର ଶିଖର ଛୁଇଁବ। ଭୂମି ପୂଜନ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ସେହି ସ୍ଥାନରେ ଏକ ନିମ୍ବ ଗଛ ଲଗାଇଥିଲେ ଏବଂ ଭୂମି ପୂଜନ ଯଜ୍ଞରେ ନିର୍ମାଣ ପ୍ରସ୍ତରର ଶୁଭ ଦେଇଥିଲେ। ଏହି ଅବସରରେ ପୁରୀ ସାଂସଦ ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟକ ଉପାସନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ହିମାଚଳ ପ୍ରଦେଶରେ ପ୍ରକୃତିର ତାଣ୍ଡବ

### ୬୩ ମୃତ, ୧୦୦ ଆହତ, ୪୦୦ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ନଷ୍ଟ



ନୂଆଦିଲ୍ଲୀ, ୪।୭ (ହି.ସ): ହିମାଚଳ ପ୍ରଦେଶରେ ବର୍ଷା ବିପ୍ରାତ। ଲଗାଣ ବର୍ଷାରେ ହିମାଚଳ ପ୍ରଦେଶର ଅବସ୍ଥା ବେହାଲ। ବାଦଲଫଟା ବର୍ଷା, ଆକସ୍ମିକ ବନ୍ୟା ଓ ଭୂସ୍ଖଳନ ସହିତ ସଂଘର୍ଷ କରୁଥିବା ହିମାଚଳ ପ୍ରଦେଶରେ ୬୩ ଜଣ ଲୋକଙ୍କର ମୃତ୍ୟୁ ଘଟିଛି। ତା'ସହିତ ୪୦୦ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ହେଲେ ଏତିକିରେ ଶେଷ ହୋଇନି ବିପତ୍ତି। କାରଣ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସବୁ ଜିଲ୍ଲା ପାଇଁ ଜାରି ହୋଇଛି ପ୍ରବଳ ବର୍ଷା ନେଇ ଓ୍ୱାର୍ଣ୍ଣିଂ। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଓ ରାଜସ୍ୱ ବିଭାଗର ସ୍ୱତନ୍ତ୍ର ସଚିବ ଡିସି ରାଣା କହିଛନ୍ତି, ଆମ ପାଖକୁ ଆସିଥିବା ତଥ୍ୟ ଅନୁସାରେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୪୦୦ କୋଟି ଟଙ୍କାର କ୍ଷୟକ୍ଷତି ଆକଳନ କରାଯାଇଛି। କିନ୍ତୁ ବାସ୍ତବ କ୍ଷୟକ୍ଷତି ଢେର ଅଧିକ। ବର୍ତ୍ତମାନ ଆମେ ନିଖୋଜ ଲୋକଙ୍କୁ ଉଦ୍ଧାର, ଥଇଥାନ ଓ ପୁନଃନିର୍ମାଣ ଉପରେ ଗୁରୁତ୍ୱ ଦେଉଛୁ। ବାସ୍ତବ କ୍ଷୟକ୍ଷତି ବିଷୟରେ ଜାଣିବା ପାଇଁ ସମୟ ଲାଗିବ। ହିମାଚଳ ପ୍ରଦେଶକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ। କେବଳ ହିମାଚଳ ପ୍ରଦେଶ ନୁହେଁ, ବର୍ଷା ଯୋଗୁ ପ୍ରଭାବିତ ହୋଇଥିବା ଅନ୍ୟ ରାଜ୍ୟଗୁଡ଼ିକୁ ମଧ୍ୟ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ଗତ ଜୁନ ୨୦ ତାରିଖରେ ହିମାଚଳ ପ୍ରଦେଶରେ ପ୍ରବେଶ କରିଥିଲା ମୌସୁମୀ ବାୟୁ। ରାଜ୍ୟରେ ମୌସୁମୀ ବାୟୁ ପ୍ରବେଶ କରିବା ପରେ ପ୍ରତି ବର୍ଷ ଭଳି ଏ ବର୍ଷ ମଧ୍ୟ ତାଣ୍ଡବ ରଚିଛି। କେବଳ ମଣ୍ଡି ଜିଲ୍ଲାରେ ୧୭ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ କାଙ୍ଗଡ଼ାରେ ୧୩, ଚମ୍ବାରେ ୬ ଓ ଶିମଲାରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ମଣ୍ଡିର ଥୁନାଗ ଓ ବାଗସୟେଦ • ପୃଷ୍ଠା ୭ ଦେଖନ୍ତୁ...

# 'ଅପରେଶନ ସିନ୍ଦୂର' ସମୟରେ ଚାଇନା ପାକିସ୍ତାନକୁ ଦେଇଥିଲା ଲାଇଭ ଇନପୁଟ

ନୂଆଦିଲ୍ଲୀ, ୪।୭ (ହି.ସ): ଚୀନ୍ ଚକ୍ରାନ୍ତ 'ଅପରେସନ ସିନ୍ଦୂର'ରେ ଫେଲ୍। ଭାରତକୁ ହରାଇବାକୁ ଡ୍ରାଗନ ରଚିଥିଲା ଷଡ଼ଯନ୍ତ୍ର। ପାକିସ୍ତାନକୁ ଦେଉଥିଲା ଲାଇଭ୍ ଅପଡେଟ୍। ଏକ ସାଙ୍ଗରେ ମାତ ଖାଇଲେ ତିନି ଶତ୍ରୁ। 'ଅପରେସନ ସିନ୍ଦୂର'ରେ ଭାରତୀୟ ସେନା ପାଇଁ ଥିଲା ବଡ଼ ଚ୍ୟାଲେଞ୍ଜ। ବ୍ୟାଟେଲ୍ ଗ୍ରାଉଣ୍ଡରେ ଭାରତ କେବଳ ପାକିସ୍ତାନ ସହ ନୁହେଁ ବରଂ ପାକର ମିତ୍ର ଦେଶମାନଙ୍କ ସହିତ ଲଢେଇ କରୁଥିଲା। ଚିର ଶତ୍ରୁ ଚୀନ୍ ଏବଂ ତୁର୍କୀ, ଭାରତ ସହିତ ଛାୟା ଯୁଦ୍ଧ କରୁଥିଲେ। ତୁର୍କୀ ଇସଲାମାବାଦକୁ ଅସ୍ତ୍ରଶସ୍ତ୍ର ଯୋଗାଇଥିବା ବେଳେ ଡ୍ରାଗନ ଦେଉଥିଲା ସଠିକ୍ ଇନପୁଟ୍ ଡାଟା। ସାମରିକ କାର୍ଯ୍ୟକଳାପର ଲାଇଭ୍ ସୂଚନା ଦେଉଥିଲା ବେଜିଂ। ମାତ୍ର ଭାରତୀୟ ସେନା ଏହାକୁ ସଫଳତାର ସହିତ ହ୍ୟାଣ୍ଡଲ୍ କରି ପାକିସ୍ତାନକୁ ମାତ ଦେଇଥିଲା। ଏନେଇ ବଡ଼ ଖୁଲାସା କରିଛନ୍ତି ସେନା ଉପମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ୍ ରାହୁଲ ଆର୍ ସିଂହ। ଫିକି ଦ୍ୱାରା ଆୟୋଜିତ 'ନ୍ୟୁ ଏଜ୍ ମିଲିଟାରୀ ଟେକ୍ନୋଲଜି' କାର୍ଯ୍ୟକ୍ରମରେ ସାମିଲ୍ ହୋଇ ସେନା ଉପମୁଖ୍ୟ ଦୁଇ ଶତ୍ରୁ ଦେଶର ମୁଖା ଖୋଲି ଦେଇଛନ୍ତି। ସେ କହିଛନ୍ତି, ଭାରତୀୟ ସେନା 'ଅପରେସନ ସିନ୍ଦୂର'ରେ ଏକସଙ୍ଗରେ ତିନି ଶତ୍ରୁ ଦେଶକୁ ପରାସ୍ତ କରିଛି। ପାକ୍ ସେନା ସାମ୍ନା ପଟକୁ ଆକ୍ରମଣ କରୁଥିବା ବେଳେ ତା'ପଛ ପଟୁ ସମର୍ଥନ କରିଥିଲେ ଚୀନ୍ ଓ ତୁର୍କୀ। ଯୁଦ୍ଧ କେବଳ ଗୋଟିଏ ସୀମାରୁ ହେଉଥିଲା। ମାତ୍ର ଲଢ଼େଇ ତିନି ଦେଶ କରୁଥିଲେ। ପାକିସ୍ତାନକୁ ଅତ୍ୟାଧୁନିକ ଡ୍ରୋନ ଯୋଗାଉଥିଲା ତୁର୍କୀ। ଆଉ ତାକୁ ସଂଚାଳନ ପାଇଁ ଲାଇଭ୍ ଇନପୁଟ୍ ଦେଉଥିଲା ଚୀନ୍। ଏହାଛଡ଼ା ଯୁଦ୍ଧରେ ପାକିସ୍ତାନ ବ୍ୟବହାର କରିଥିବା ୮୧ ପ୍ରତିଶତ ଅସ୍ତ୍ରଶସ୍ତ୍ର ଚୀନର ଥିଲା। ଡ୍ରାଗନ କିଛି ମାରାତ୍ମକ ମିସାଇଲକୁ ପାକିସ୍ତାନ ମାଧ୍ୟମରେ ଆକ୍ରମଣ କରି ପରୀକ୍ଷଣ କରିଥିଲା। ଭାରତ-ପାକିସ୍ତାନ ସଂଘର୍ଷ, ଚୀନ୍ ପାଇଁ ଏକ 'ଲାଇଭ୍ ଲ୍ୟାବ' ଥିଲା ବୋଲି ଉପସେନା ପ୍ରମୁଖ ଲେଫ୍ଟନାଣ୍ଟ ଜେନେରାଲ୍ ରାହୁଲ ଆର୍ ସିଂହ କହିଛନ୍ତି। 'ଅପରେସନ ସିନ୍ଦୂର'ରେ ଭାରତୀୟ ସେନାର ପ୍ରଭାବଶାଳୀ • ପୃଷ୍ଠା ୭ ଦେଖନ୍ତୁ...



# ରଥଯାତ୍ରା ପାଇଁ ଓମଫେଡର ସ୍ୱତନ୍ତ୍ର ଷ୍ଟଲ

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଜଗତର ନାଥ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଉପଲକ୍ଷେ ଓମଫେଡ୍ ପକ୍ଷରୁ ଦର୍ଶନାର୍ଥୀ ଭକ୍ତଙ୍କ ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପିପିଲିଠାରୁ ଆରମ୍ଭ କରି ପୁରୀ ବଡ ଦାଣ୍ଡରେ ତଥା ଜନ ଗହଳି ସ୍ଥାନରେ ଷ୍ଟଲ ଖୋଲି ଶ୍ରଦ୍ଧାଳୁମାନଙ୍କୁ ଗୁଳିଗୁଳିରୁ ରକ୍ଷା କରିବା ପାଇଁ ଘୋଳ ଦହି ବଣ୍ଟନ କରୁଛି ଓମଫେଡ୍। ପବିତ୍ର ଶ୍ରୀ ଗୁଣ୍ଡିଚା ଦିନ ୧୦ ହଜାର ଘୋଳ ଦହି ଶ୍ରଦ୍ଧାଳୁମାନଙ୍କୁ ବଣ୍ଟନ କରାଯାଇଥିବା ବେଳେ, ବାହୁଡା ଦିନ ୧୦ ହଜାର ଏବଂ ସୁନା ବେଶ ଦିନ ୧୦ ହଜାର ଘୋଳ ଦହି ପ୍ୟାକେଟ୍ ଶ୍ରଦ୍ଧାଳୁମାନଙ୍କୁ ବଣ୍ଟନ କରିବାକୁ ଯୋଜନା କରିଛି। ପାଗ ଅନୁକୂଳ ରହିଥିଲେ ମଧ୍ୟ ରଥଯାତ୍ରା ଦିନ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଥିଲା। ଓମଫେଡର ଏହି କାର୍ଯ୍ୟକୁ ହଜାର ହଜାର ଭକ୍ତ ଭୂୟସି ପ୍ରସଂଶା କରିଛନ୍ତି। ଭକ୍ତମାନଙ୍କୁ ଅସହ୍ୟ ଗୁଳୁଗୁଳି ସମୟରେ ଓମଫେଡ୍ ଘୋଳ ଦହି ଅମୃତ ସଦୃଶ୍ୟ ବୋଲି




ଦର୍ଶନାର୍ଥି ଭକ୍ତମାନେ କହିଛନ୍ତି। ଓମଫେଡ୍ ହେଉଛି ଓଡିଆ ଅସ୍ମିତାର ପ୍ରତୀକ। ଲକ୍ଷ ଲକ୍ଷ ଦୁଗ୍ଧ ଚାଷୀଙ୍କ କଠୋର ପରିଶ୍ରମର ଫଳ ହେଉଛି ଓମଫେଡ୍ ଉତ୍ପାଦ। ରାଜ୍ୟର ଅଗଣିତ ଗ୍ରାହକଙ୍କ ନିକଟରେ ଓମଫେଡର ବିଭିନ୍ନ ଉତ୍ପାଦ ପହଞ୍ଚିଛି ଏବଂ ଲୋକମାନଙ୍କ ମଧ୍ୟରେ ବେଶ ଆଦର ଲାଭ କରିଛି। କାରଣ ଓମଫେଡ୍ ନିଜର ଗୁଣବତ୍ତା ବଜାୟ ରଖିଛି। ବାହୁଡା ସୁନା ବେଶେ ଦିନ ମଧ୍ୟ ଶ୍ରଦ୍ଧାଳୁମାନଙ୍କୁ ଓମଫେଡ୍ ପକ୍ଷରୁ ଏହି ଘୋଳ ଦହି ପ୍ୟାକେଟ୍ ବଣ୍ଟନ କରାଯିବ ବୋଲି କୁହାଯାଇଛି। ରଥଯାତ୍ରା ସମୟରେ ଓମଫେଡ୍ ପକ୍ଷରୁ ପିପିଲିଠାରୁ ପୁରୀ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ଏବଂ ବଡଦାଣ୍ଡରେ ମୋଟ ୨୨ଟି ଷ୍ଟଲ ଖୋଲାଯାଇଛି। ପୁରୀ ଟାଉନ ଭିତରେ ୭ ଟି ଷ୍ଟଲ ରହିଛି। ଏହି ସବୁ ଷ୍ଟଲରେ ଓମଫେଡର ବିଭିନ୍ନ ଉତ୍ପାଦ ଯଥା ଦହି, ଲସି, ଫ୍ଲେଭର ମିଲ୍କ, ପେଡା, ଛେନାପୋଡ, ଆଇସକ୍ରିମ୍ ଆଦି ବିକ୍ରି ମଧ୍ୟ ହେଉଛି। ଓମଫେଡ୍ ନିଜ ଉତ୍ପାଦର ପ୍ରଚାର ପ୍ରସାର କରିବା ସହ ଲୋକମାନଙ୍କୁ ବିଭିନ୍ନ ଉପାୟରେ ସହାୟତା କରୁଛନ୍ତି। ଓମଫେଡ୍ କର୍ମଚାରୀ ଓ ବଛା ବଛା ଓମଫେଡ୍ ବୁଥର ମାଲିକମାନେ ଏହି କାର୍ଯ୍ୟକ୍ରମରେ ସହାୟତା କରୁଛନ୍ତି। ଆଗାମୀ ଦିନରେ ଓମଫେଡର ଏହି ପରି ସେବାମୂଳକ କାର୍ଯ୍ୟ ଜାରି ରହିବ ବୋଲି ଓମଫେଡ ପକ୍ଷରୁ କୁହାଯାଇଛି।

# ଇଞ୍ଚା : ଥେରୁବାଲି ଦ୍ୱାରା ଷଷ୍ଠ ତମ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ

**ରାୟଗଡା,(ଡିକେ ନ୍ୟୁଜ୍):** ଗତ ୨୬ ଜୁନ ୨୦୨୫ରୁ ୨ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଇଞ୍ଚା ଥେରୁବାଲି କାରଖାନାରେ ଷଷ୍ଠ ତମ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ବିଶେଷ ଉତ୍ସାହ ଓ ଦୃଢ଼ ସମର୍ପଣ ସହିତ ପାଳିତ ହୋଇଅଛି। ଏହି ଅବସରରେ କାରଖାନା ଅଞ୍ଚଳ ଓ ସାଧାରଣ ଜନଗହଳି ଅଞ୍ଚଳରେ ବିଦ୍ୟୁତ୍ ସୁରକ୍ଷା ବ୍ୟାନର୍ ପ୍ରଦର୍ଶିତ କରାଯାଇ କାରଖାନା କର୍ମଚାରୀ ଓ ଜନସାଧାରଣ ମନକୁ ସଚେତନ କରାଯାଇଥିଲା। ୨୬ ଜୁନ ୨୦୨୫ ରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର କର୍ମଚାରୀ ଓ ଅଧିକାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏଥିରେ ସମସ୍ତଙ୍କୁ ବିଦ୍ୟୁତ୍ ସୁରକ୍ଷା ପ୍ରତି ନିଷ୍ଠା ବଢ଼ାଇବା ପାଇଁ ସୁରକ୍ଷା ସପଥ ଦିଆଯାଇଥିଲା। ଏହି ଅବସରରେ ଅଶିଷ କୁମାର ରାୟ, ଉପସଭାପତି ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ରହି ଉଦ୍‌ବୋଧନ ମାଧ୍ୟମରେ ଏହି ବର୍ଷର ଥିମ୍ ସ୍ମାର୍ଟ ଏନର୍ଜି, ସେଫ ନେସନ ଉପରେ ଆଲୋକପାତ କରିଥିଲେ। ଏକ ଦୃଢ଼ ସନ୍ଦେଶ ଦେଇଥିଲେ। କେ. ସି. ଦାଶ, ଉପ ମହା ପ୍ରବନ୍ଧକ,(ବିଦ୍ୟୁତ୍



ବିଭାଗ), ଏହି ସପ୍ତାହର ସମସ୍ତ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ ଓ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ। ସପ୍ତାହ ବ୍ୟାପି ବିଦ୍ୟୁତ୍ ସୁରକ୍ଷା ବିଷୟରେ ବିଭିନ୍ନ ସଚେତନତା ବୃଦ୍ଧି କାର୍ଯ୍ୟକ୍ରମ, ଟ୍ରେନିଂ, ଓ ଭିଜୁଆଲ୍ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯେଉଁଥିରେ ବିଜୁଳି ଝଟକା ପ୍ରତିରୋଧ, ମାଟି ଜଡ଼ା, ଆଲୋକ ବ୍ୟବସ୍ଥା, ବ୍ୟକ୍ତିଗତ ସୁରକ୍ଷା ଉପକରଣ, ବିଦ୍ୟୁତ୍ ଝୁମ୍ପ ଓ ତାହାର ନିବାରଣ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯାଇଥିଲା। କାରଖାନା ଅଞ୍ଚଳ ବ୍ୟତୀତ, ସରକାରୀ ହାଇସ୍କୁଲ୍, ଟଚ ସ୍କୁଲ୍, ଓ ସେଣ୍ଟୁରିଅନ୍ ପବ୍ଲିକ୍ ସ୍କୁଲ୍‌ରେ ମଧ୍ୟ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସପ୍ତାହ ଦିନ ଧରି କିଛି ମୁଖ୍ୟ କାର୍ଯ୍ୟକ୍ରମ ହେଉଛି ବେଲ୍ଟ କନଭେୟର ସୁରକ୍ଷା ଉପକରଣ ନିରୀକ୍ଷଣ, କର୍ମଚାରୀ ଓ ଠିକା କାର୍ଯ୍ୟରତ ମହିଳାମାନଙ୍କ ପାଇଁ ଅନସାଇଟ୍ ଟ୍ରେନିଂ, କ୍ୱିଜ୍ ପ୍ରତିଯୋଗିତା, ସ୍ପଟ୍ ଦି ହ୍ୟାଜାର୍ଡ ପ୍ରତିଯୋଗିତା, ଜିସିପି-୨ ବିକ୍ୱିୟଟି ପ୍ଲାଣ୍ଟରେ ବିଦ୍ୟୁତ୍ ମକ୍ ଡ୍ରିଲ୍ ଓ ଉଚଜ ଟ୍ରେନିଂ, ଏବଂ ଚିତ୍ରାଙ୍କନ ଓ ପୋଷ୍ଟର ପ୍ରତିଯୋଗିତା, ଯାହା ଦ୍ୱାରା ସୂକ୍ଷ୍ମ ଓ ସୃଜନାତ୍ମକ ଭାବରେ ସୁରକ୍ଷା ସନ୍ଦେଶ ପ୍ରଚାରିତ କରାଯାଇଥିଲା। ବିଦ୍ୟୁତ୍ ବିଭାଗ ପୂରା କାର୍ଯ୍ୟସୂଚୀକୁ ସଫଳ ଭାବରେ ବ୍ୟବସ୍ଥାପନା କରିଥିଲେ ଓ ଉତ୍ସାହ ଭରା ସଭାଗତ ଏବଂ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଚଳନା ପାଇଁ ପ୍ରେରିତ କରିଥିଲେ। ସପ୍ତାହର ଶେଷ ଦିନ ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ ସହିତ ସମାପ୍ତ ହୋଇଥିଲା, ଯେଉଁଠି ସୁରକ୍ଷା କ୍ୱିଜ୍ ଓ ଅନ୍ୟାନ୍ୟ ପ୍ରତିଯୋଗିତାର ବିଜେତାମାନେ ସମ୍ମାନିତ ହୋଇଥିଲେ।

## ଓଡ଼ିଶାରେ ଏମ୍‌ଏସ୍‌ଏମଇ ପାଇଁ ରପ୍ତାନି ସୁଯୋଗ

# ବିକ୍ରେତା ଗତିଶୀଳତା ଅଭିଯାନ ଏବଂ ଜ୍ଞାନ ବିନିମୟ ପଦକ୍ଷେପ କାର୍ଯ୍ୟକ୍ରମରେ ଯୋଗଦେଲେ ଶିଳ୍ପମନ୍ତ୍ରୀ

**ପାରାଦୀପ,(ଡିକେ ନ୍ୟୁଜ୍):** ଓଡିଶାରେ ଅତି କ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ମାନଙ୍କର ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ବୃଦ୍ଧି କରିବା ପାଇଁ ଏକ ପ୍ରମୁଖ ପ୍ରୟାସ ସ୍ୱରୂପ, ଜିଲ୍ଲା ଶିଳ୍ପ କେନ୍ଦ୍ର (ଡିଆଇସି), ଜଗତସିଂହପୁର ଏବଂ ଓଡ଼ିଶା ସରକାରଙ୍କ ରପ୍ତାନି ପ୍ରୋତ୍ସାହନ ଓ ମାର୍କେଟିଂ ନିର୍ଦ୍ଦେଶାଳୟ (ଡିଇପିଏମ)ର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ପୂର୍ବାହ୍ନରେ ପାରାଦୀପର ଏମ୍ପାୟାର୍ସ ହୋଟେଲ ଠାରେ ଏମଏସଏମଇ ଯୋଜନା ଅଧୀନରେ ଏକ ବିକ୍ରେତା ଗତିଶୀଳତା ଅଭିଯାନ ଏବଂ ଜ୍ଞାନ ବିନିମୟ ପଦକ୍ଷେପ ସଫଳତାର ସହିତ ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, କହିଥିଲେ ଯେ ଏମଏସଏମଇ ଗୁଡିକୁ ପ୍ରୋତ୍ସାହନ ଦେବା ଏବଂ ଏହି କ୍ଷେତ୍ରରେ ରପ୍ତାନି ସମ୍ଭାବନାକୁ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ରାଜ୍ୟ ତଥା ଜିଲ୍ଲା ର ଶିଳ୍ପ ସମ୍ଭାବନାକୁ ସୁଦୃଢ଼ କରିବା ସହ ଯୁବ ପୀଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ, ଓଏଏସଏମଇର ସେକ୍ରେଟାରୀ ଜେନେରାଲ ସାତ୍ତ୍ୱିକ ସ୍ୱାଇଁ, ପାରାଦ୍ୱୀପ ବନ୍ଦର ପ୍ରାଧିକରଣର ଟ୍ରାଫିକ ମ୍ୟାନେଜର ଜି.ଏଡିସନ୍, ଇଫକୋ ୟୁନିଟ୍




ହେଡ୍ ପି.କେ ମହାପାତ୍ର, ଡିଇପିଏମର ଯୁଗ୍ମ ନିର୍ଦ୍ଦେଶକ ଅଭିମନ୍ୟୁ ମାଝୀ ପ୍ରମୁଖ ଯୋଗଦେଇ ରପ୍ତାନୀ ପ୍ରୋତ୍ସାହନ, ଲଜିଷ୍ଟିକ୍ସ ସମର୍ଥନ ଏବଂ ଆର୍ଥିକ ସହାୟତା ବିଷୟରେ ଆଲୋଚନା କରିଥିଲେ। ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ରପ୍ତାନି ସୁଯୋଗ ଖୋଜୁଥିବା ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବୈଷୟିକ ଅଧିବେଶନ ଗୁଡ଼ିକ ଆଲୋଚନା କରାଯାଇଥିଲା। ରିସୋର୍ସ ପର୍ସନ ଭାବେ ଏଫଆଇଇଓର ଓଡ଼ିଶା ମୁଖ୍ୟ କମଳ କାନ୍ତ ସାହୁ ରପ୍ତାନି ବୃଦ୍ଧି ଆବଶ୍ୟକ ରପ୍ତାନି ପ୍ରୋତ୍ସାହନ, ମାର୍କେଟିଂ ଏବଂ ବ୍ରାଣ୍ଡିଂ, ବିଶ୍ୱ ବଜାର ଗତିଶୀଳତା, ଏବଂ ଡିଜିଟାଲ୍ ଉପକରଣ ଉପରେ ଧ୍ୟାନ ଆକର୍ଷଣ କରିଥିଲେ। ସେହିପରି ଅନ୍ତର୍ଦୃଷ୍ଟି ସହିତ ଅଲ୍ଟ୍ରା ଲଜିଷ୍ଟିକ୍ସର ସିଇଓ ସଞ୍ଜୟ କୁମାର ପ୍ରଧାନ ଯୋଗାଣ ଶୃଙ୍ଖଳକୁ ସର୍ବାଧିକ ଉପଯୋଗ କରିବା, ପରିବହନ ପ୍ରକ୍ରିୟା ଏବଂ ପ୍ରଯୁକ୍ତି ବିଦ୍ୟାକୁ ଉପଯୋଗ କରିବା ବିଷୟରେ ଆଲୋକପାତ କରିଥିଲେ। ପରେ ଇସିଜିସି ଲିମିଟେଡ୍ ଶାଖା ପରିଚାଳକ ପ୍ରଣବ କୁମାରଙ୍କ ଦ୍ୱାରା ରପ୍ତାନି କ୍ରେଡିଟ୍ ଏବଂ ବିପଦ ପରିଚାଳନା, ରପ୍ତାନି କ୍ରେଡିଟ୍ ବୀମା ଏବଂ ଆର୍ଥିକ ପ୍ରବେଶ ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ରପ୍ତାନିକାରୀଙ୍କ ପାଇଁ ବ୍ୟାଙ୍କିଂ ସହାୟତା, ଆନ୍ତର୍ଜାତୀୟ ବ୍ୟବସାୟ, ଏସବିଆଇ ଦ୍ୱାରା ବାଣିଜ୍ୟ ଆର୍ଥିକ ଏବଂ ବିଶ୍ୱ ଦେୟ ସମାଧାନକୁ ଅନ୍ତର୍ଭୁକ୍ତ କରିବା ନେଇ ଆଲୋଚନା ହୋଇଥିଲା। ପରିଶେଷରେ ଜଗତସିଂପୁର ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ ତରୁଣକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିବା ସହ ଏମଏସଏମଇ କ୍ଷେତ୍ର ପାଇଁ ନିରନ୍ତର କ୍ଷମତା-ନିର୍ମାଣ ଏବଂ ଜ୍ଞାନ ବଣ୍ଟନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ରପ୍ତାନୀ ପ୍ରୋତ୍ସାହନ ବିଶେଷଜ୍ଞ, ଲଜିଷ୍ଟିକ୍ସ ଏବଂ ଫାଇନାନ୍ସ ବିଭାଗ ବିଶେଷଜ୍ଞ, ଜିଲ୍ଲାର ସମସ୍ତ ଏମଏସଏମଇ ଉଦ୍ୟୋଗୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଏଆଇପିଏନ୍‌ବିଓଏ ଭୁବନେଶ୍ୱର ସର୍କଲର କାର୍ଯ୍ୟନିର୍ବାହୀ କମିଟିର ନିର୍ବାଚନ

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ସର୍ବଭାରତୀୟ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଅଧିକାରୀ ସଂଘ (ଏଆଇପିଏନ୍‌ବିଓଏ) ଭୁବନେଶ୍ୱର ସର୍କଲର ତିନି ବର୍ଷୀୟା କାର୍ଯ୍ୟକାଳ (୨୫-୨୮) ପାଇଁ ତ୍ରିବର୍ଷୀୟ ନିର୍ବାଚନ ତା୨୮.୦୬.୨୦୨୫ରିଖରେ ଏଆଇପିଏନ୍‌ବିଓଏର ସମ୍ବିଧାନ ଅନୁଯାୟୀ ଯଥାର୍ଥ ପ୍ରକ୍ରିୟା ଅନୁସରଣ କରି ଗଣତାନ୍ତ୍ରିକ ଉପାୟରେ ଅନୁଷ୍ଠିତ ହୋଇଥିଲା। ସୌମିତ୍ରୀ ପତି, ବରିଷ୍ଠ ପ୍ରବନ୍ଧକଙ୍କୁ ଗୁପ୍ତ ମତଦାନ ମାଧ୍ୟମରେ ନିର୍ବାଚନ ପରିଚାଳନା ପାଇଁ ରିଟର୍ଣ୍ଣିଂ ଅଫିସର ଭାବେ ନିଯୁକ୍ତ କରାଯାଇଥିଲା। ତାଙ୍କୁ ସହାୟକ ରିଟର୍ଣ୍ଣିଂ ଅଫିସର ସୋମେନ୍ଦ୍ର ନାଥ ବେହେରା ଏବଂ ରାକେଶ ପ୍ରଧାନ ସହାୟତା କରୁଥିଲେ। ୧୪.୦୫.୨୦୨୫ରେ ନିର୍ବାଚନ ବିଜ୍ଞପ୍ତି ଜାରି କରାଯାଇ କାର୍ଯ୍ୟନିର୍ବାହୀ କମିଟିରେ ବିଭିନ୍ନ ପଦବୀ ପାଇଁ ନାମାଙ୍କନ ଆମନ୍ତ୍ରଣ କରାଯାଇଥିଲା ଏବଂ ଶେଷ ତାରିଖ ପର୍ଯ୍ୟନ୍ତ ପ୍ରାପ୍ତ ବୈଧ ନାମାଙ୍କନ ଅନୁଯାୟୀ, ଏହା ଜଣାପଡିଲା ଯେ କମ୍ରେଡ୍ ବୈଲୋଚନ ସାହୁ ଏବଂ କମ୍ରେଡ୍ ରୋସାନ୍ ରାୟଙ୍କ ନେତୃତ୍ୱାଧିନ ଟିମ୍ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। କମ୍ରେଡ୍ ବୈଲୋଚନ ସାହୁ ସର୍କଲ ସେକ୍ରେଟାରୀ ଭାବେ ଏବଂ କମ୍ରେଡ୍ ରୋସାନ୍ ରାୟ ସର୍କଲ ସଭାପତି ଭାବେ ନିର୍ବାଚିତ ହୋଇଥିଲାବେଳେ, ମନୋରଞ୍ଜନ ହୋତାଙ୍କୁ କାର୍ଯ୍ୟକାରୀ ସଭାପତି ରୂପେ, ପୂର୍ଣ୍ଣ ଚନ୍ଦ୍ର ରାଉତ ଏବଂ ବ୍ରିଜେଶ ପଲାଇଙ୍କୁ ଉପ ସଭାପତି ରୂପେ ଏବଂ ସଂଯୋଗ ଦାଶ ଏବଂ ଜ୍ଞାନ ରଞ୍ଜନ ମହାନ୍ତିଙ୍କୁ ଯୁଗ୍ମ ସମ୍ପାଦକ ରୂପେ, ରଶ୍ମୀ ରଞ୍ଜନ ମହାପାତ୍ରଙ୍କୁ ସଂଗଠନ ସମ୍ପାଦକ ରୂପେ, ସୁଜାତା ବାରିକଙ୍କୁ କୋଷାଧ୍ୟକ୍ଷ ରୂପେ, ଅନିଲ କୁମାର ଦାସଙ୍କୁ ଉପ-କୋଷାଧ୍ୟକ୍ଷ ରୂପେ ଏବଂ ସୁମନ୍ତ କୁମାର ପରିଡା, ଶୁଭଜିତ ସାହୁ ଏବଂ ସ୍ୱର୍ଣ୍ଣଲତା ସାହୁଙ୍କୁ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଛି। ନବ ନିର୍ବାଚିତ କାର୍ଯ୍ୟନିର୍ବାହୀ କମିଟିର ପ୍ରଥମ ସଭା ସମସ୍ତ ନବ ନିର୍ବାଚିତ ପ୍ରତିନିଧି, ବିଶେଷ ନିମନ୍ତ୍ରିତ ପ୍ରତିନିଧି ଏବଂ ଅନ୍ୟାନ୍ୟ ପ୍ରତିନିଧି ତଥା ପରାମର୍ଶଦାତାଙ୍କ ଉପସ୍ଥିତିରେ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ହୋଟେଲ ପଦ୍ମଜାରେ ତା ୨.୭.୨୦୨୫ରିଖରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସମସ୍ତ ଅଂଶଗ୍ରହଣକାରୀ ସେମାନଙ୍କର ମତାମତ ପ୍ରକାଶ କରିଥିଲେ ଏବଂ ଆଗାମୀ ତିନି ବର୍ଷର କାର୍ଯ୍ୟ ପାଇଁ ଭବିଷ୍ୟତ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିଥିଲେ।

# ବେଦାନ୍ତ ବିକଶିତ ଭାରତ ପାଇଁ ଏକ ଆତ୍ମନିର୍ଭର ଆଲୁମିନିୟମ କ୍ଷେତ୍ର ନିର୍ମାଣ ଉଦ୍ଦେଶ୍ୟରେ ଭାରତର ଆଲୁମିନିୟମ ଦର୍ଶନ ଡକ୍ୟୁମେଣ୍ଟକୁ ସ୍ୱାଗତ

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଭାରତ ସରକାରଙ୍କ ମାନ୍ୟବର କୋଇଲା ଓ ଖଣି ମନ୍ତ୍ରୀ ଶ୍ରୀ ଜି. କିଶନ ରେଡୀଙ୍କ ଦ୍ୱାରା ଉନ୍ମୋଚିତ ଜାତୀୟ ଆଲୁମିନିୟମ ଦୃଷ୍ଟିକୋଣ ଡକ୍ୟୁମେଣ୍ଟକୁ ବେଦାନ୍ତ ସ୍ୱାଗତ କରିଛି। ଏଥିରେ ଆଲୁମିନିୟମ ଭବିଷ୍ୟତକୁ ସୂଚାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଓ ଭାରତକୁ ବିଶ୍ୱରେ ଏକ ଆଲୁମିନିୟମ ହବରେ ପରିଣତ ଲାଗି ଏକ ରୋଡମ୍ୟାପ ରୂପରେଖ ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖକ ରାଯାଇଥିବା ବିଷୟ ଗୁଡ଼ିକ ଯେପରିକି ଆଲୁମିନିୟମ ଉତ୍ପାଦନରେ ଆତ୍ମନିର୍ଭରତା ବୃଦ୍ଧି, କଞ୍ଚାମାଲ ସଂଗ୍ରହରେ ସଫଳତା ହାସଲ କରିବା, କମ କାର୍ବନ ଯୁକ୍ତ ଉତ୍ପାଦ ପ୍ରସ୍ତୁତି ତଥା ମୂଲ୍ୟଯୁକ୍ତ ଉତ୍ପାଦ ସୃଷ୍ଟି କେବଳ ଘରୋଇ ଚାହିଦା ପୂରଣ ପାଇଁ ନୁହେଁ ବରଂ ୨୦୪୭ ସୁଦ୍ଧା ବିଶ୍ୱ ଆଲୁମିନିମୟ ବଜାରରେ ୧୦% ଅଂଶ ଦାବି କରିବା ଲାଗି ରୋଡମ୍ୟାପ ପ୍ରଦାନ କରେ ଓ ସକ୍ଷମ ବିକଶିତ ଭାରତରେ ଆତ୍ମନିର୍ଭରତା ବୃଦ୍ଧିକୁ ନେଇ ରହିଛି। ଆଲୁମିନିୟମର ରଣନୈତିକ ଏବଂ ଜାତୀୟ ଗୁରୁତ୍ୱକୁ ସ୍ୱୀକାର କରି, ଡକ୍ୟୁମେଣ୍ଟଟି ସୂଚାଏ ଯେ କିପରି ବିଶ୍ୱର ବିକଶିତ ଅର୍ଥନୀତିଗୁଡ଼ିକ ଆଲୁମିନିୟମକୁ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ରଣନୈତିକ ଧାତୁ ଭାବରେ ବିବେଚନା କରନ୍ତି, ଯାହା ନବୀକରଣୀୟ ଶକ୍ତି, ବୈଦ୍ୟୁତିକ ଗତିଶୀଳତା, ସବୁଜ ଭିତିଭୂମି, ପ୍ରତିରକ୍ଷା ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ଏକ ଅପରିହାର୍ଯ୍ୟ ଭୂମିକା ଗ୍ରହଣ କରିବ। ୨୦୪୭ ସୁଦ୍ଧା ଦେଶର ତୃତୀୟ ବୃହତମ ଅର୍ଥନୀତି ଓ ବିକଶିତ ରାଷ୍ଟ୍ର ହେବା ଦିଗରେ ଆଲୁମିନିୟମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ୨୦୪୭ ସୁଦ୍ଧା ଭାରତରେ ଆଲୁମିନିୟମ ଚାହିଦା ଛଅଗୁଣ ବୃଦ୍ଧି ପାଇବ ଓ ଏହି ଚାହିଦା ପୂରଣ ଲାଗି ଭାରତକୁ ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ଉତ୍ପାଦନକୁ ବର୍ତ୍ତମାନର ୪.୫ ନିୟୁତ ଟନ ଏମଟିପିଏରୁ ପ୍ରାୟ ୩୭ ଏମଟିପିଏ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ପଡ଼ିବ ଓ ଯାହା ପାଇଁ ୨୦ ଲକ୍ଷ କୋଟି ଟଙ୍କାରୁ ଅଧିକ ଅତିରିକ୍ତ ନିବେଶ କରିବା ଆବଶ୍ୟକ। ଭିଜନ ଡକ୍ୟୁମେଣ୍ଟ ଉପରେ ମତ ଦେଇ ବେଦାନ୍ତ ଆଲୁମିନିୟମର ସିଇଓ ଶ୍ରୀ ରାଜୀବ କୁମାର କହିଛନ୍ତି ଯେ ଆଜି ଆଲୁମିନିୟମ ଶିଳ୍ପ କେବଳ ଧାତୁର ଉପଯୋଗି ଯୋଗାଣକାରୀ ନୁହେଁ ଏହା ୩୦ ଟ୍ରିଲିୟନ ଡଲାର ଅର୍ଥନୀତି, ନେଟ ଶୂନ୍ୟ ଲକ୍ଷ୍ୟ ଓ ଉତ୍ପାଦନ ପ୍ରତିଯୋଗିତା ଆଡ଼କୁ ଭାରତର ଯାତ୍ରାରେ ସହାୟକ ହେବ। ଏହି ଡକ୍ୟୁମେଣ୍ଟ ପୁନଃନିର୍ମାଣ କରେ ଯେ ଆଲୁମିନିୟମ ହେଉଛି ଭବିଷ୍ୟତର ଧାତୁ, ଭାରତର ଶକ୍ତି ସ୍ୱାଧୀନତା, ନେଟଶୂନ୍ୟ ମହତ୍ୱାକାଂକ୍ଷା ଓ ବିଶ୍ୱପ୍ରତିଯୋଗିତାମୂଳକତା ପାଇଁ ଗୁରୁତ୍ୱପୂର୍ଣ୍ଣ। ଯଦି ଆମେ ନିଜର ସମ୍ବଳକୁ ଅନଲକ କରିପାରିବା ତେବେ ଆମେ ମୂଲ୍ୟଯୁକ୍ତ ଉତ୍ପାଦ ସୃଷ୍ଟି କରିପାରିବା। ଏହି ଦୃଷ୍ଟିକୋଣରେ ଉଲ୍ଲେଖ କରାଯାଇଛି ଯେ ଭାରତ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଆଲୁମିନିୟମ ଉତ୍ପାଦକ ହୋଇଥିଲେ ମଧ୍ୟ ଏହା ବିଶ୍ୱ ଉତ୍ପାଦନର ମାତ୍ର ୬% ଅଟେ। ଏହା ଆଲୁମିନିୟ କ୍ଷେତ୍ରର ବିଶାଳ ଅବ୍ୟବହୃତ କ୍ଷେତ୍ରକୁ ସୂଚୀତ କରାଏ। ଯଦି ଏହାର ପ୍ରଭାବଶାଳୀ ଉପଯୋଗ କରାଯାଏ ତେବେ ଏହା ଦେଶର ଦୁର୍ଗମ ଅଞ୍ଚଳକୁ ଯୋଡି ବହୁ ସାମାଜିକ-ଆର୍ଥିକ ଲାଭ ଆଣିପାରିବ। ଏହି ଶିଳ୍ପରେ ୩.୭ ଗୁଣା ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବାର କ୍ଷମତା ରହିଛି। ଆଉ ମଧ୍ୟ ଦର୍ଶାଯାଇଛି ଯେ ଭାରତର ଆଲୁମିନିୟମର ଚାହିଦା ବହୁତ ରହିଛି ଯେଉଁଥିପାଇଁ ପ୍ରଚୁର ନିବେଶ ଆବଶ୍ୟକ । ଏହି ଦୃଷ୍ଟିକୋଣ ଡକ୍ୟୁମେଣ୍ଟଟି ଦର୍ଶାଉଛି ଯେ ଭାରତର ଆଲୁମିନିୟମ ଚାହିଦା ଏକ ଅଭିବୃଦ୍ଧି ଧାରାରେ ରହିଛି ଏବଂ ଏହି ଚାହିଦା ପୂରଣ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ନିବେଶ, ସମୟୋଚିତ କାର୍ଯ୍ୟାନ୍ୱୟନ ଏବଂ ନୀତିଗତ ସଂସ୍କାର ଆବଶ୍ୟକ ହେବ। ଭବିଷ୍ୟତ ଚାହିଦା ପୂରଣ କରିବା ଏବଂ ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା ପାଇଁ, ୨୦୩୦ ସୁଦ୍ଧା ବକ୍ସାଇଟ୍ ଉତ୍ପାଦନକୁ ୫୦ ଏମଟିପିଏ ଏବଂ ୨୦୪୭ ସୁଦ୍ଧା ୧୫୦ ଏମଟିପିଏ ବୃଦ୍ଧି କରିବା, ସଂରଚିତ ସ୍କ୍ରାପ୍ ସଂଗ୍ରହ ଏବଂ ପୁନଃଚକ୍ରଣ ମାଧ୍ୟମରେ ବୃତାକାରିତାକୁ ପ୍ରୋତ୍ସାହିତ କରିବା, ବ୍ୟବହାର ତୀବ୍ରତା ବୃଦ୍ଧି କରିବା ଏବଂ ସମଗ୍ର ଉତ୍ପାଦନ ମୂଲ୍ୟ ଶୃଙ୍ଖଳରେ ଗୁଣବତା ଉପରେ ଧ୍ୟାନ ବୃଦ୍ଧି କରିବା ଅତ୍ୟନ୍ତ ଜରୁରୀ। ଡିଜିଟାଲାଇଜେସନ୍, ଏଆଇ ଏବଂ ସ୍ୱୟଂଚାଳିତକରଣର ଉପଯୋଗ କରି ଶିଳ୍ପ ୪.୦ ଗ୍ରହଣ ସହିତ ଏହି କ୍ଷେତ୍ର ଅଭିବୃଦ୍ଧି ପାଇଁ ପ୍ରସ୍ତୁତ। ଭାରତ ଏହାର ଆଲୁମିନିୟମ ଭବିଷ୍ୟତକୁ ପୁନଃପରିଭାଷିତ କରିବାକୁ ପ୍ରସ୍ତୁତ ହୋଇଥିବାରୁ, ବେଦାନ୍ତ ସ୍ଥାୟୀ ଅଭିବୃଦ୍ଧି, ବିଶ୍ୱସ୍ତରୀୟ ପ୍ରତିଯୋଗିତା ଏବଂ ଜାତୀୟ ସ୍ଥିରତା ପାଇଁ ଆଲୁମିନିୟମ କ୍ଷେତ୍ରକୁ ଏକ ପ୍ରମୁଖ କରିବାରେ ସରକାରଙ୍କ ସହିତ ଘନିଷ୍ଠ ଭାବରେ କାମ କରିବାକୁ ପ୍ରତିବଦ୍ଧତାକୁ ଦୋହରାଇଛି।



## ଦେଶର ବିକାଶ ପାଇଁ ସୁଦୃଢ଼ ବନ୍ଦର ଜରୁରୀ: ଶାନ୍ତନୁ କୁମାର

**ନୂଆଦିଲ୍ଲୀ,(ହି.ସ.):** କେନ୍ଦ୍ରୀୟ ବନ୍ଦର, ଜାହାଜ ପରିବହନ ଏବଂ ଜଳମାର୍ଗ ରାଜ୍ୟମନ୍ତ୍ରୀ ଶାନ୍ତନୁ ଠାକୁର ଶୁକ୍ରବାର ଦିଲ୍ଲୀରେ ଆୟୋଜିତ 'ଗତି ସେ ପ୍ରଗତି କନକ୍ଲେଭ ୨୦୨୫'ରେ କହିଛନ୍ତି ଯେ ଦେଶର ବିକାଶ ପାଇଁ ସବୁଠାରୁ ପ୍ରଭାବଶାଳୀ ମାଧ୍ୟମ ହେଉଛି ତାହାର ବନ୍ଦର। ଯଦି ଆମର ବନ୍ଦରଗୁଡ଼ିକ ଉନ୍ନତ ହେବେ, ତେବେ ଦେଶର ଉନ୍ନତି ସର୍ବୋତ୍ତମ ଭାବରେ ହେବ। ଠାକୁର କହିଛନ୍ତି ଯେ ଗତ ୧୧ ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଜାତୀୟ ଉନ୍ନତି ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେ ଗ୍ରହଣ କରିଛି। ବିଶେଷ କରି ବନ୍ଦର, ଜାହାଜ ରିବହନ ଏବଂ ଜଳମାର୍ଗ ମନ୍ତ୍ରଣାଳୟ ଅଧୀନରେ ଆସୁଥିବା ସାମୁଦ୍ରିକ କ୍ଷେତ୍ରରେ ଅନେକ ଦୃଢ଼ ପଦକ୍ଷେ ଗ୍ରହଣ କରାଯାଇଛି, ।ହାର ପ୍ରଭାବ ବର୍ତ୍ତମାନ ସ୍ପଷ୍ଟ ଭାବରେ ଦେଖାଯାଉଛି। ସେ କହିଛନ୍ତି ଯେ ଜଳମାର୍ଗ ମାଧ୍ୟମରେ ସାମଗ୍ରୀ ପରିବହନ ସାରା ବିଶ୍ୱରେ ସବୁଠାରୁ ଭଲ ଉପାୟ ଅଟେ। ଏହି ପରିସ୍ଥିତିରେ ଭାରତ ପାଖରେ ଅସୀମ ସମ୍ଭାବନା ଅଛି ଯେ ସେ ତାର ବନ୍ଦର ଏବଂ ସାମୁଦ୍ରିକ ପରିବହନକୁ ଆହୁରି ଶକ୍ତିଶାଳୀ କରି ବିଶ୍ୱ ବ୍ୟବସାୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇପାରିବ। ସେ କହିଛନ୍ତି ଯେ ସାମୁଦ୍ରିକ ମାର୍ଗ ମାଧ୍ୟମରେ ଆମଦାନୀ-ରପ୍ତାନୀ ଖର୍ଚ୍ଚ କମିବା ଫଳରେ ଦେଶର ଅର୍ଥନୀତିକୁ ସିଧାସଳଖ ଲାଭ ମିଳୁଛି।

# ମହାରାଷ୍ଟ୍ରର ପୁନେଠାରେ ଥିବା ଜାତୀୟ ପ୍ରତିରକ୍ଷା ଏକାଡେମୀରେ ଶ୍ରୀମନ୍ତ ବାଜିରାଓ ପେଶ୍ୱା ପ୍ରଥମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି : ଅମିତ ଶାହ

**ନୂଆଦିଲ୍ଲୀ,(ପିଆଇବି):** କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ମହାରାଷ୍ଟ୍ରର ପୁଣେରେ ଶ୍ରୀମନ୍ତ ବାଜିରାଓ ପେଶ୍ୱା ପ୍ରଥମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି। ଏହି ଅବସରରେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍, ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ଅଜିତ ପାୱାର, ଏବଂ କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମୁରଲୀଧର ମୋହୋଲ ଏବଂ ଅନ୍ୟାନ୍ୟ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ତାଙ୍କ ଭାଷଣରେ, କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ 'ବିକାଶ ବି ବୀରାସତ୍ ବି' ମନ୍ତ୍ର ଦେଇଛନ୍ତି, ଯାହା ଅଧୀନରେ ଆମର 'ହଜାର ହଜାର ବର୍ଷର ପୁରୁଣା ସଂସ୍କୃତି, ଏହାର ଇତିହାସ ଏବଂ ପ୍ରେରଣାଦାୟକ ବ୍ୟକ୍ତିତ୍ୱଗୁଡ଼ିକୁ ଆମ ଯୁବପିଢ଼ି ଏବଂ ଯୋଦ୍ଧାମାନଙ୍କ ପାଇଁ ସୁଗମ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି ଯେ ପୁନେ ଭୂମି 'ସ୍ୱରାଜ'ର ନୀତିର ଜନ୍ମସ୍ଥାନ। ଶ୍ରୀ ଶାହ କହିଛନ୍ତି ଯେ ୧୭ ଶତାବ୍ଦୀରେ ପୁନେରୁ 'ସ୍ୱରାଜ'ର ସ୍ୱର ଆରମ୍ଭ ହୋଇଥିଲା, ଏବଂ ଯେତେବେଳେ ଲୋକମାନେ ବ୍ରିଟିଶଙ୍କ ବିରୁଦ୍ଧରେ 'ସ୍ୱରାଜ' ପାଇଁ ଲଢ଼ିବାର ସମୟ ଆସିଲା, ସେତେବେଳେ ଲୋକମାନ୍ୟ ବାଳ ଗଙ୍ଗାଧର ତିଲକ ମହାରାଜ ପ୍ରଥମେ ଏହାର ଦାବି କରିଥିଲେ। ସେ ଆହୁରି କହିଛନ୍ତି ଯେ ମହାରାଷ୍ଟ୍ର ଭୂମିରୁ ବୀର ସାଭରକର, ଜୀବନକାଳରେ ଦେଶ ପାଇଁ ଅନେକ କାର୍ଯ୍ୟ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଶ୍ରୀ ଅମିତ ଶାହ କହିଛନ୍ତି ଯେ ଦେଶ ସାରା ପେଶୱା ବାଜିରାଓଙ୍କ ଅନେକ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଥିଲେ ମଧ୍ୟ ତାଙ୍କ ପାଇଁ ସ୍ମାରକୀ ପାଇଁ ସବୁଠାରୁ ଉପଯୁକ୍ତ ସ୍ଥାନ ହେଉଛି ପୁଣେରେ ଥିବା ଜାତୀୟ ପ୍ରତିରକ୍ଷା ଏକାଡେମୀ (ଏନଡିଏ)। ସେ ଉଲ୍ଲେଖ କରିଛନ୍ତି ଯେ ଭାରତର ତିନି ସଶସ୍ତ୍ର ବାହିନୀର ଭବିଷ୍ୟତ ନେତାମାନେ ଏହି ଏକାଡେମୀରେ ତାଲିମପ୍ରାପ୍ତ। ଶ୍ରୀ ଶାହ ଆହୁରି କହିଛନ୍ତି ଯେ ଯଦି ଆମର ଭବିଷ୍ୟତର ସୈନିକମାନେ ବାଜିରାଓ ପେଶୱାଙ୍କଠାରୁ ପ୍ରେରଣା ପାଆନ୍ତି ଏବଂ ତାଙ୍କ ଜୀବନରୁ ଶିକ୍ଷା ପାଆନ୍ତି, ତେବେ ଆଗାମୀ ଯୁଗ ପାଇଁ କେହି ଭାରତର ସୀମାକୁ ଚ୍ୟାଲେଞ୍ଜ କରିବାକୁ ସାହସ କରିବେ ନାହିଁ। କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ଯୁଦ୍ଧ କଳାର କିଛି ନୀତି କାଳଜୟୀ ଏବଂ ଚିରସ୍ଥାୟୀ। ସେ କହିଛନ୍ତି ଯେ ରଣନୀତି, ଗତି, ସମର୍ପଣ, ଦେଶପ୍ରେମ ଏବଂ ବଳିଦାନର ମନୋଭାବ ହିଁ ସେନାବାହିନୀକୁ ଯୁଦ୍ଧରେ ବିଜୟୀ କରାଇଥାଏ। ଶ୍ରୀ ଶାହ ଉଲ୍ଲେଖ କରିଛନ୍ତି ଯେ ବାଜିରାଓ ପେଶୱା ୨୦ ବର୍ଷ ମଧ୍ୟରେ ୪୧ଟି ଯୁଦ୍ଧ ଲଢ଼ିଥିଲେ ଏବଂ ସମସ୍ତ ଯୁଦ୍ଧରେ ବିଜୟୀ ହୋଇଥିଲେ। ସେ ଆହୁରି କହିଛନ୍ତି ଯେ ଏନଡିଏ ଏକାଡେମୀ ହେଉଛି ବାଜିରାଓ ପେଶ୍ୱାଙ୍କ ପରି ଜଣେ ସାହସୀ ଯୋଦ୍ଧାଙ୍କ ପ୍ରତିମୂର୍ତ୍ତି ପାଇଁ ସବୁଠାରୁ ଉପଯୁକ୍ତ ସ୍ଥାନ, ଯିଏ ତାଙ୍କ ଜୀବନ ସାରା କେବେ ପରାଜୟକୁ ତାଙ୍କ ପାଖକୁ ଆସିବାକୁ ଦେଇନଥିଲେ। ଶ୍ରୀ ଅମିତ ଶାହ କହିଛନ୍ତି ଯେ ତାଙ୍କ ଦକ୍ଷତା, ରଣନୀତି ଏବଂ ସାହସୀ ସାଥୀମାନଙ୍କ ସହାୟତାରେ, ବାଜିରାଓ ପେଶ୍ୱା ଅନେକ ହାରିଯାଇଥିବା ଯୁଦ୍ଧକୁ ବିଜୟରେ ପରିଣତ କରିଥିଲେ। ସେ କହିଥିଲେ ଯେ ବାଜିରାଓ ପେଶ୍ୱା ଯେଉଁଠାରେ ଦାସତ୍ୱର ପ୍ରତୀକ ଥିଲେ ସେଗୁଡ଼ିକୁ ନଷ୍ଟ କରି ଦେଇଥିଲେ ଏବଂ ସେହି ସ୍ଥାନରେ ସ୍ୱାଧୀନତାର ଦୀପ ଜାଳିଥିଲେ। ଶ୍ରୀ ଶାହ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ୨୦ ବର୍ଷର କାର୍ଯ୍ୟକାଳ ମଧ୍ୟରେ, କେହି କେବେ ବାଜିରାଓ ପେଶ୍ୱାଙ୍କୁ ତାଙ୍କ ଘୋଡାରୁ ଓହ୍ଲାଇବାର ଦେଖି ନଥିଲେ। ସେ ଆହୁରି କହିଛନ୍ତି ଯେ ବାଜିରାଓ ପେଶ୍ୱା ଶନିବାରୱାଡା ନିର୍ମାଣ କରିଥିଲେ, ଜଳ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲେ ଏବଂ ଅନେକ ସାମାଜିକ କୁସଂସ୍କାର ବିରୁଦ୍ଧରେ ଲଢ଼ିଥିଲେ। ଗୃହମନ୍ତ୍ରୀ କହିଛନ୍ତି ଯେ କିଛି ଲୋକ ବାଜିରାଓ ପେଶ୍ୱାଙ୍କୁ ଜଣେ ଦିବ୍ୟ ପ୍ରତିଭାଶାଳୀ ସେନାପତି, ଜଣେ ଅଜେୟ ଯୋଦ୍ଧା ଏବଂ ଶିବାଜୀଙ୍କ ଶ୍ରେଷ୍ଠ ଶିଷ୍ୟ ବାଜିରାଓ ପେଶ୍ୱା ବୋଲି କୁହନ୍ତି। ସେ ଜୋର ଦେଇ କହିଛନ୍ତି ଯେ ବାଜିରାଓ ତାଙ୍କର ସମସ୍ତ ଯୁଦ୍ଧ ନିଜ ପାଇଁ ନୁହେଁ ବରଂ ଦେଶ ଏବଂ 'ସ୍ୱରାଜ' ପାଇଁ ଲଢ଼ିଥିଲେ। ଶ୍ରୀ ଶାହ ଏହି ସିଦ୍ଧାନ୍ତରେ କହିଥିଲେ ଯେ ବାଜିରାଓ ପେଶ୍ୱା ତାଙ୍କ ମାତୃଭୂମି, ଧର୍ମ ଏବଂ ସ୍ୱରାଜ୍ୟ ପାଇଁ ପ୍ରତ୍ୟେକ ଯୁଦ୍ଧରେ ଲଢ଼ିଥିଲେ, ଏକ ଅମର ଇତିହାସ ସୃଷ୍ଟି କରିଥିଲେ ଯାହାକୁ ଆଗାମୀ ଶତାବ୍ଦୀ ପର୍ଯ୍ୟନ୍ତ କେହି ପୁନରାବୃତ୍ତି କରିପାରିବେ ନାହିଁ। କେନ୍ଦ୍ର ଗୃହମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ କହିଛନ୍ତି ଯେ ତାଙ୍କ ସ୍ୱଳ୍ପ ଜୀବନକାଳ ମଧ୍ୟରେ, ଛତ୍ରପତି ଶିବାଜୀ ମହାରାଜ କେବଳ ହିନ୍ଦବୀ ସ୍ୱରାଜ ପ୍ରତିଷ୍ଠା କରିନଥିଲେ ବରଂ ଯୁବପିଢ଼ିଙ୍କ ହୃଦୟରେ ସ୍ୱରାଜର ମୂଲ୍ୟବୋଧକୁ ମଧ୍ୟ ପ୍ରତିଷ୍ଠା କରିଥିଲେ। ସେ କହିଥିଲେ ଯେ ଶିବାଜୀ ମହାରାଜଙ୍କ ପରେ, ଅନେକ ବ୍ୟକ୍ତି ତାଙ୍କ ପରମ୍ପରାକୁ ଆଗକୁ ବଢ଼ାଉଥିଲେ, ସ୍ୱରାଜର ଶିଖାକୁ ଲିଭାଇବାକୁ ଦେଇନଥିଲେ। ଶ୍ରୀ ଶାହ ଆହୁରି କହିଛନ୍ତି ଯେ ଯଦି ପେଶ୍ୱାମାନେ ଶିବାଜୀ ମହାରାଜଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସ୍ୱାଧୀନତା ସଂଗ୍ରାମକୁ ୧୦୦ ବର୍ଷ ଧରି ଜାରି ରଖି ନଥାଆନ୍ତେ, ତେବେ ଭାରତର ମୂଳ ସାର ଆଜି ପରି ନଥାଆନ୍ତା। ଶ୍ରୀ ଅମିତ ଶାହ କହିଛନ୍ତି ଯେ ଯେତେବେଳେ ଜୀବନରେ ନିରାଶା ପଶିବାକୁ ଆରମ୍ଭ କରେ, ସେତେବେଳେ ଯୁବ ଶିବାଜୀ ମହାରାଜ ଏବଂ ଶ୍ରୀମନ୍ତ ବାଜିରାଓ ପେଶ୍ୱାଙ୍କ ଚିନ୍ତାଧାରା ମନକୁ ଆସେ, ନିରାଶାକୁ ବହୁ ଦୂରକୁ ନେଇଯାଏ। ସେ କହିଛନ୍ତି ଯେ ଶିବାଜୀ ମହାରାଜଙ୍କ ଦ୍ୱାରା ପରିକଳ୍ପିତ ଭାରତ ନିର୍ମାଣର ଦାୟିତ୍ୱ ୧୪୦ କୋଟି ଭାରତୀୟଙ୍କ ଉପରେ ରହିଛି। ସେ ଆହୁରି କହିଛନ୍ତି ଯେ ଯେତେବେଳେ ସ୍ୱରାଜକୁ ସଂରକ୍ଷଣ କରିବାର ଆବଶ୍ୟକତା ପଡ଼ିବ, ଆମର ସଶସ୍ତ୍ର ବାହିନୀ ଏବଂ ନେତୃତ୍ୱ ନିଃସନ୍ଦେହରେ ଏହି କର୍ତ୍ତବ୍ୟ ପାଳନ କରିବେ, ଅପରେସନ୍ ସିନ୍ଦୂର ଏହାର ଏକ ଉଦାହରଣ। ଶ୍ରୀ ଶାହ କହିଥିଲେ ଯେ 'ସ୍ୱରାଜ' ସହିତ, ଏକ ମହାନ ଭାରତ ଗଠନ ମଧ୍ୟ ଛତ୍ରପତିଙ୍କ ଦୃଷ୍ଟିକୋଣ ଥିଲା - ଏକ ରାଷ୍ଟ୍ର ଯାହା ସ୍ୱାଧୀନତାର ଶତବାର୍ଷିକୀ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନରେ ରହିବ।

# ଦେବଗଡ଼ରେ "ଗରିବ କଲ୍ୟାଣ ଓ ବିକାଶ ସମାବେଶ"




**ଭୁବନେଶ୍ୱର/ସମ୍ବଲପୁର,(ଡିକେ ନ୍ୟୁଜ):** ରାଜ୍ୟରେ ପ୍ରଥମ ଥର ପାଇଁ ହୋଇଥିବା ଡବଲ ଇଞ୍ଜିନର ସରକାର ଗରିବଙ୍କ ମୁହଁରେ ହସ ଫୁଟାଉଛି । ସମସ୍ତ ସରକାରୀ ଯୋଜନାର ଲାଭ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ଦିଗରେ ଆମ ସରକାର ନିରନ୍ତର ପ୍ରୟାସ କରୁଛି ବୋଲି ଶୁକ୍ରବାର ଦେବଗଡ଼ ଠାରେ "ଗରିବ କଲ୍ୟାଣ ଓ ବିକାଶ ସମାବେଶ"ରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଡବଲ ଇଞ୍ଜିନ ସରକାରର ୧୪ଟି ବିଭାଗର ପ୍ରାୟ ୧୬୩ କୋଟି ଟଙ୍କା ମୂଲ୍ୟର ୪୫ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବା ସହ କହିଛନ୍ତି, ଦେବଗଡ଼ବାସୀଙ୍କ ଆଶୀର୍ବାଦରୁ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ହୋଇଛି । ନିର୍ବାଚନରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ଗୋଟି ଗୋଟି କରି ପୂରଣ କରାଯାଉଛି । ଆଜି ପ୍ରତିକୂଳ ପାଗ ସତ୍ତ୍ୱେ ଲୋକମାନେ ଏହି ସମାବେଶରେ ସାମିଲ ହୋଇଛନ୍ତି, ଯାହା ଆମ ସରକାର ପ୍ରତି ଥିବା ଲୋକଙ୍କର ଆଶୀର୍ବାଦ ଓ ଭଲପାଇବାକୁ ସୂଚାଉଛି । ସେ କହିଛନ୍ତି ଯେ, ଓଡ଼ିଶାରେ ଯେଉଁ ସରକାର ହୋଇଛି ତାହା ଲୋକଙ୍କ ସରକାର, ଲୋକଙ୍କ ପାଇଁ ସରକାର ଏବଂ ଲୋକଙ୍କ ଦ୍ୱାରା ସରକାର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସବକା ସାଥ୍ - ସବକା ବିକାଶ, ସବକା ପ୍ରୟାସ ଓ ସବକା ବିଶ୍ୱାସ ମନ୍ତ୍ରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଅନ୍ତୋଦୟ ଯୋଜନାରେ ଗରିବଙ୍କୁ ଘର ମିଳୁଛି । ପୂର୍ବ ସରକାର ମୋଦୀଙ୍କ ଲୋକପ୍ରିୟତା ବଢିଯିବ ବୋଲି ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଦିଲ୍ଲୀ ପଠାଉନଥିଲେ । ଲାଞ୍ଚ ନେଇ ସମ୍ପନ୍ନ ଲୋକଙ୍କୁ ଦଳୀୟ ଆଧାରରେ ଘର ଦିଆଯାଉଥିଲା, ଫଳସ୍ୱରୂପ ଗରିବ ଲୋକମାନେ ଘର ପାଇବା ପାଇଁ ବଞ୍ଚିତ ହେଉଥିଲେ । ଆମ ସରକାରରେ ଦଳୀୟ ରାଜନୀତି ଶେଷ ହୋଇଛି । ଯୋଗ୍ୟ ଲୋକମାନଙ୍କୁ ଘର ପ୍ରଦାନ କରାଯାଉଛି । ଡବଲ ଇଞ୍ଜିନ ସରକାରରେ ଗରିବ ଲୋକ ନିଜର ଅଧିକାର ପାଇଛି । ଏବେ ରାଜ୍ୟରେ ସୁଭଦ୍ରା ଯୋଜନାରେ ମାଆ ଓ ଭଉଣୀମାନଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ସେମାନଙ୍କୁ ସ୍ୱାବଲମ୍ବୀ କରିଛି । ଧାନ ସଂଗ୍ରହ, ଧାନର ଏମଏସପି ୩୧୦୦ ଟଙ୍କାକୁ ବୃଦ୍ଧି ଚାଷୀମାନଙ୍କୁ ସଶକ୍ତ କରିଛି । ପିଏମ ସୂର୍ଯ୍ୟ ଘର ଯୋଜନାରେ ସୋଲାର ପ୍ୟାନେଲ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଦୁଗ୍ଧ ଚାଷକୁ ପ୍ରୋତ୍ସାହନ, ଶହୀଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନାରେ ଜନଜାତି ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ରାଶି, ପିଏମ ଶ୍ରୀ ଯୋଜନାରେ ପ୍ରତି ସ୍କୁଲର ବିକାଶ କରାଇବାର ଦାୟିତ୍ୱ ଡବଲ ଇଞ୍ଜିନ ସରକାର ନେଇଛନ୍ତି । ଗରିବ ଲୋକର ମୁହଁରେ ହସ ଫୁଟାଇବା ଆମ ନେତୃତ୍ୱର ସ୍ଲୋଗାନ ହୋଇଛି । ଦେବଗଡ଼ ଜିଲ୍ଲା ଏକ ଚଷା ଚାଷୀର ଅଞ୍ଚଳ । ପଶୁପାଳନ ସହ ଆନୁଷଙ୍ଗିକ କୃଷି କ୍ଷେତ୍ରରେ ଏଠାରେ ଅପାର ସମ୍ଭାବନା ରହିଛି । ଆଗାମୀ ଦିନରେ ଡବଲ ଇଞ୍ଜିନ ସରକାର ସହଯୋଗରେ ଏହି ଜିଲ୍ଲାରେ ଜଳସେଚନକୁ ସୁବ୍ୟବସ୍ଥିତ କରାଯିବା ସହ କୃଷିଜାତ ଦ୍ରବ୍ୟ, ଉଦ୍ୟାନ ଜାତ କୃଷି ଦ୍ରବ୍ୟ, ପଶୁପାଳନ, ମତ୍ସ୍ୟଚାଷ, ଗୋପାଳନ ଓ ଦୁଗ୍ଧ ଚାଷ ସମେତ ଆନୁଷାଙ୍ଗିକ କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କରାଯିବା ପାଇଁ ବିସ୍ତୃତ ଯୋଜନା ହେବ । ଦେବଗଡର ସବୁ ଗାଁର ବିକାଶ କରିବା ଆମର ଦାୟିତ୍ୱ । ଦେବଗଡ଼ ଜିଲ୍ଲାକୁ ଏକ କୃଷି ବ୍ୟବସାୟ ଆଧାରିତ ଅର୍ଥନୀତିରେ ପରିଣତ କରିବା ପାଇଁ ଆମ ସରକାର ବଦ୍ଧ ପରିକର । କୃଷି ଉପରେ ସଚେତନତା ତିଆରି କରି ରୋଜଗାର ବଢାଇବା ପାଇଁ ପଡିବ । ଦେବଗଡ ସବୁବେଳେ ଆମ ପରିବାରକୁ ଆଶୀର୍ବାଦ ଦେଇଛି । ଦେବଗଡବାସୀଙ୍କ ଭଲପାଇବା କେବେ ଭୁଲିହେବ ନାହିଁ । ଦେବଗଡ଼ ଜିଲ୍ଲାକୁ ନୂଆ ରୂପ ଦେବା ପାଇଁ ପ୍ରୟାସ ହେଉଛି ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି । ଅଗଷ୍ଟ ୧୫ ସୁଦ୍ଧା ଜିଲ୍ଲାର ସବୁ ପଞ୍ଚାୟତରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଥିବା ଯୋଜନାର ତାଲିକା, ଅନଲାଇନ୍ ଆବେଦନର ପ୍ରକ୍ରିୟା ଏବଂ ବିଭିନ୍ନ ଚାଷର ଯୋଜନା ଓ ସରକାରୀ ପ୍ରୋତ୍ସାହନର ତାଲିକା ମାରିବା ପାଇଁ ସେ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ଦେବଗଡ଼ରେ ନୂତନ ବସ ଟର୍ମିନାଲ ସହ ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ୫ଟି ବର୍ଜ୍ୟବସ୍ତୁ ପରିଚାଳନା ଗାଡ଼ି ଓ ମଶା ଧୂଆଁ ଗାଡିର ଲୋକାର୍ପଣ କରିଥିଲେ । ଏହି ପଦକ୍ଷେପ ଦ୍ୱାରା ଦେବଗଡ଼ରେ ବସଯାତ୍ରୀ ଏବଂ ଜନସାଧାରଣ ଉନ୍ନତ ସୁବିଧା ଓ ସେବା ପାଇପାରିବେ । ଶେଷରେ ଏହି ବ୍ୟବସ୍ଥା ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନକୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି ।

### ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନପାଇଁ ଜାରି ହେଲା ନୋଟିସ

## ୬ରେ ମତାଦାତା ସୂଚୀ, ୭ରେ ନାମାଙ୍କନ ପତ୍ର ଏବଂ ୮ରେ ଚୂଡ଼ାନ୍ତ ଫଳ ପ୍ରକାଶ ହେବ: ଡ. ଯତୀନ ମହାନ୍ତି

**ଭୁବନେଶ୍ୱର, (ହି.ସ.):** ରାଷ୍ଟ୍ରୀୟ ନିର୍ବାଚନ ଅଧିକାରୀ ଡ.କେ.ଲକ୍ଷ୍ମଣଙ୍କ ନିର୍ଦ୍ଦେଶାନୁଯାୟୀ କିଛି ଅନିବାର୍ଯ୍ୟ କାରଣ ବଶତଃ ସ୍ଥଗିତ ଥିବା ରାଜ୍ୟ ସଭାପତି ଏବଂ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ ପ୍ରକ୍ରିୟା ସମୟ ସାରଣୀ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ପ୍ରକ୍ରିୟା ଆସନ୍ତା ୬ ତାରିଖରୁ ଆରମ୍ଭ ହୋଇ ୮ ତାରିଖ ଦିନ ଶେଷ ହେବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ତଥା ରାଜ୍ୟ ସହ ନିର୍ବାଚନ ଅଧିକାରୀ ଡ. ଯତୀନ ମହାନ୍ତି ସୂଚନା ଦେଇଛନ୍ତି । ଡ. ମହାନ୍ତି କହିଛନ୍ତି ଯେ, ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ବିଜେପିର ସାଙ୍ଗଠନିକ ନିର୍ବାଚନ ପ୍ରତି ୩ ବର୍ଷରେ ଥରେ ଅନୁଷ୍ଠିତ ହୁଏ । ଏଥିରେ ଦଳର ବୁଥସ୍ତରରୁ ଆରମ୍ଭ କରି କେନ୍ଦ୍ରସ୍ତର ପର୍ଯ୍ୟନ୍ତ ନିର୍ବାଚନ କରାଯାଏ । ଏହି ପରିପ୍ରେକ୍ଷୀରେ ପୂର୍ବରୁ ବିଜେପିର ସ୍ଥାନୀୟ ସମିତି, ମଣ୍ଡଳ ସମିତି, ଜିଲ୍ଲା ସମିତି ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି । ଏବେ ରାଜ୍ୟ ସଭାପତି ଏବଂ ରାଷ୍ଟ୍ରୀୟ ପରିଷଦ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ଅବସରରେ ଜୁଲାଇ ୬ ତାରିଖ ପୂର୍ବାହ୍ନ ୧୧ଟାରେ ଅନ୍ତରୀଣ ମତଦାତାଙ୍କ ସୂଚୀ ପ୍ରକାଶ ପାଇବ । ମଧ୍ୟାହ୍ନ ୧୨ଟାରୁ ୨ଟା ସୁଦ୍ଧା ମତଦାତାଙ୍କ ସୂଚୀ ଉପରେ ବିଭିନ୍ନ ଆପତି ଅଭିଯୋଗର ଯାଞ୍ଚ କରାଯିବା ପରେ ଅପରାହ୍ନ ୨ଟାରୁ ୫ଟା ମଧ୍ୟରେ ଚୂଡ଼ାନ୍ତ ମତଦାତାଙ୍କ ତାଲିକା ପ୍ରକାଶ ପାଇବ । ଜୁଲାଇ ୭ ପୂର୍ବାହ୍ନ ୧୧ଟାରୁ ୨ଟା ସୁଦ୍ଧା ଉପରୋକ୍ତ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ କରାଯିବ । ମଧ୍ୟାହ୍ନ ୨ଟାରୁ ୩ଟା ମଧ୍ୟରେ ନାମାଙ୍କନ ସମ୍ପର୍କିତ ଆପତି ଅଭିଯୋଗର ଯାଞ୍ଚ କରାଯାଇ ୪ଟା ସୁଦ୍ଧା ଅନ୍ତିମ ସୂଚୀ ପ୍ରକାଶ କରାଯିବ ଏବଂ ଚିହ୍ନ ଆବଂଟନ କରାଯିବ । ଆବଶ୍ୟକ ହେଲେ ୮ତାରିଖ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ମତଦାନ ହେବ ଏବଂ ୧୧ଟା ୩୦ ସୁଦ୍ଧା ଚୂଡ଼ାନ୍ତ ଫଳାଫଳ ଘୋଷଣା କରାଯିବ । ଏହି ନିର୍ବାଚନ ପ୍ରକ୍ରିୟାର ସୁପରିଚାଳନା ଓ ତଦାରଖ କରିବା ପାଇଁ କେନ୍ଦ୍ର ନିର୍ବାଚନ ଅଧିକାରୀଙ୍କ ତରଫରୁ ବିହାର ସାଂସଦ ଶ୍ରୀ ସଞ୍ଜୟ ଜୟସ୍ୱାଲଙ୍କୁ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଦିଆଯାଇଛି ବୋଲି ଡ. ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ଏକ ହଜାରଲୋକଙ୍କ ପାଇଁ ପାନୀୟ ଜଳ ପ୍ରକଳ୍ପର ଶୁଭ ଉଦଘାଟନ କଲେ ଅପରାଜିତା ଷଡ଼ଙ୍ଗୀ




**ଭୁବନେଶ୍ୱର, (ହି.ସ.):** ବୋଲଗଡ଼ ଏବଂ ବେଗୁନିଆରେ ବିଭିନ୍ନ ପ୍ରକଳ୍ପର ଶୁଭ ଉଦଘାଟନ ଏବଂ ଶିଳାନ୍ୟାସ କରାଯାଇଛି । ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ କରକମଳରେ ବିଭିନ୍ନ ପ୍ରକଳ୍ପର ଶୁଭ ଉଦଘାଟନ ଏବଂ ଶିଳାନ୍ୟାସ ହୋଇଛି । ଢ଼ାବରଧୁଆ ପଞ୍ଚାୟତରେ ୪୬ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ହୋଇଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଉଦଘାଟନ କରିଛନ୍ତି ସାଂସଦ । ଦୀର୍ଘଦିନ ଧରି ପଞ୍ଚାୟତବାସୀ ଭଲ ସ୍ୱାସ୍ଥ୍ୟ ସେବା ପାଇଁ ଦୂରଦୂରାନ୍ତକୁ ଯିବାକୁ ପଡୁଥିଲା । ବିଶେଷ କରି ଭୁବନେଶ୍ୱରରେ ଥିବା ଡାକ୍ତରଖାନା ଉପରେ ପଞ୍ଚାୟତବାସୀ ନିର୍ଭର କରୁଥିଲେ । ତେବେ ନୂତନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଦ୍ୱାରା ସମସ୍ୟାର ସମାଧାନ ହୋଇଛି । ୯ଟି ଗାଁ ପାଖାପାଖି ୧୦ ହଜାର ଏହା ଦ୍ୱାରା ଉପକୃତ ହେବେ । ଅତି ପାଖରୁ ଲୋକମାନେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପାଇପାରିବେ । ରକ୍ତହୀନତା, ମ୍ୟାଲେରିଆ, ଡେଙ୍ଗୁ, ହେପାଟାଇଟ-ବି, ଟିବି ଭଳି ରୋଗର ଚିକିତ୍ସା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ହୋଇପାରିବ । ସେହିପରି ବୋଲଗଡ଼ ବ୍ଲକର ପାଟପୁର ଶାସନ ପଞ୍ଚାୟତରେ ପାନୀୟ ଜଳ ଯୋଗାଣର ଶୁଭ ଉଦଘାଟନ ହୋଇଛି । ଏକ ହଜାର ଘରକୁ ଜଳ ଯୋଗାଣ ଫଳରେ ଅଞ୍ଚଳର ୭ ହଜାର ଲୋକ ଉପକୃତ ହେବେ । ଅନେକ ଦିନ ଧରି ଲୋକମାନେ ପାନୀୟ ଜଳ କଷ୍ଟ ଭୋଗୁଥିଲେ । ଏ ବିଷୟରେ ସାଂସଦ ଅବଗତ ହେବା ପରେ ଜଳ କଷ୍ଟ ଦୂର ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ବାହାର କରିଥିଲେ । ଏବେ ତାହା ବାସ୍ତବ ରୂପ ନେଇଛି ଏବଂ ଅଞ୍ଚଳ ବାସୀଙ୍କ ପାନୀୟ ଜଳ କଷ୍ଟ ଦୂର ହୋଇଛି । ତେବେ ଆଗକୁ ୨୬୭ କୋଟି ଟଙ୍କା ବ୍ୟୟରେ ୩୩୭ଟି ଗାଁକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦିଆଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଆହୁରି ମଧ୍ୟ ବୋଲଗଡ଼ ଏବଂ ବେଗୁନିଆରେ ଜଳ ଯୋଗାଣ ପାଇଁ ୭ଟି ମେଗା ପ୍ରକଳ୍ପର ଯୋଜନା ରହିଛି । ଏଥିପାଇଁ ୧୦୯୩ କୋଟି ଟଙ୍କା ଖର୍ଚ୍ଚ ହେବ । ତେବେ ପ୍ରକଳ୍ପ ନେଇ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରିଛନ୍ତି ଭୁବନେଶ୍ୱର ସାଂସଦ । ଏଥିସହିତ ବେଗୁନିଆରେ ଏକ ସାମୁହିକ ପାଠାଗାର ଏବଂ କୋଚିଂ ସେଂଟରର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି ଅପରାଜିତା ଷଡ଼ଙ୍ଗୀ । ଏଠାରେ ଆଇଏସ୍ ଏବଂ ଆଇପିଏସ ପାଇଁ କୋଚିଂ ଦିଆଯିବ । ତେବେ କୋଚିଂ ସେଂଟରର ଭିତିପ୍ରସ୍ତର ସ୍ଥାପନ କରି ଖୁସି ବ୍ୟକ୍ତ କରିଛନ୍ତି ସାଂସଦ । କୋଚିଂ ସେଂଟର କାର୍ଯ୍ୟକ୍ଷମ ହେଲେ ଅନେକ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷିତ ହୋଇ ଅଞ୍ଚଳ ପାଇଁ ସୁନାମ ଆଣିବେ ବୋଲି ଆଶାବ୍ୟକ୍ତ କରିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ସାଂସଦଙ୍କ ପ୍ରତିନିଧୀ ବିଦ୍ୟୁତ କାଣ୍ଡି, ଅଧିକ୍ଷଣ ଯନ୍ତ୍ରୀ ରଶ୍ମିତା ଦାଶ, ବୋଲଗଡ଼ ଏବଂ ବେଗୁନିଆର ବିଡ଼ିଓ ପ୍ରମୁଖ ଉପସ୍ଥିତ ଥିଲେ ।

## ଟଙ୍କା ଫେରି ପାଇବେ ଚିଟ୍ ଫଣ୍ଡ କ୍ଷତିଗ୍ରସ୍ତ : ମନମୋହନ ସାମଲ



**ଭୁବନେଶ୍ୱର, (ହି.ସ.):** ବିଜେପି ରାଜ୍ୟରେ ଏକାକୀ ସରକାର ଗଠନ କରିବାପରେ ଚିଟଫଣ୍ଡ ସଂସ୍ଥାରେ କ୍ଷତିଗ୍ରସ୍ତ ସମସ୍ତ ଯୋଗ୍ୟ ଜମାକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଉଛି । ମାତ୍ର ୧ ବର୍ଷ ମଧ୍ୟରେ ୧ ଲକ୍ଷ ୨୬ ହଜାର ୧୩୭ ଜଣ ଯୋଗ୍ୟ ଜମାକାରୀଙ୍କ ଟଙ୍କା ଫେରସ୍ତ କରାଯାଇଛି । ଆସନ୍ତା ୩-୪ ମାସ ମଧ୍ୟରେ ୫ ଲକ୍ଷ ଯୋଗ୍ୟ ଜମାକାରୀକାରୀଙ୍କୁ ପର୍ଯ୍ୟାୟକ୍ରମେ ଟଙ୍କା ଫେରସ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ବିଜେପି ସରକାରଙ୍କ ନିଷ୍ଠାପର ଉଦ୍ୟମ ପାଇଁ ଚିଟ୍ ଫଣ୍ଡରେ କ୍ଷତିଗ୍ରସ୍ତ ଯୋଗ୍ୟ ହିତାଧିକାରୀମାନେ ଟଙ୍କା ଫେରିପାଇବେ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମନମୋହନ ସାମଲ କହିଛନ୍ତି । ଶ୍ରୀ ସାମଲ କହିଛନ୍ତି ଯେ, ବିଜେଡି ସରକାରଙ୍କ ଉପରେ ବିଶ୍ୱାସ ଓ ଭରସା ରଖି ବିଭିନ୍ନ ଚିଟ୍‌ଫଣ୍ଡ ସଂସ୍ଥାରେ ଓଡ଼ିଶାର ଜନସାଧାରଣ ସେମାନଙ୍କ କଷ୍ଟ ଅର୍ଜିତ ଟଙ୍କା ଜମା କରିଥିଲେ । ୧୭୪ଟି ଚିଟଫଣ୍ଡ କମ୍ପାନୀ ଓଡ଼ିଶାର ଜନସାଧାରଣଙ୍କ ଟଙ୍କା ହରିଲୁଟ୍ କରିଥିଲେ । ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି ବିଜେଡି ସରକାରର ଅନେକ ମନ୍ତ୍ରୀ, ସାଂସଦ, ବିଧାୟକମାନେ ପ୍ରାୟୋଜିତ ଭାବେ ଚିଟଫଣ୍ଡ ନାଁରେ ଲୋକଙ୍କ ଟଙ୍କା ଆତ୍ମସାତ କରିଥିଲେ । ଏହି ମାମଲାରେ ଅଭିଯୁକ୍ତ ହୋଇ ବିଜେଡିର ବହୁ ନେତା ଓ ମନ୍ତ୍ରୀ ବିଗତ ଦିନରେ ଜେଲ୍ ଯାଇଛନ୍ତି । ଚିଟଫଣ୍ଡ ସଂସ୍ଥାରେ ଟଙ୍କା ଲଗାଇ ଲକ୍ଷଲକ୍ଷ ଯୋଗ୍ୟ ଜମାକାରୀ ଅନିଶ୍ଚିତତା ମଧ୍ୟରେ ଦିନ କାଟୁଥିଲେ । ଫଳରେ ସାଧାରଣ ଲୋକଙ୍କ ବିଶ୍ୱାସ ସରକାରଙ୍କ ଉପରୁ ଉଠିଯାଇଥିଲା । ଏହି ପ୍ରସଙ୍ଗ ସାମ୍ନାକୁ ଆସିବା ପରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଥିଲା । ଏହାପରେ କର୍ପସ ଫଣ୍ଡ ଓ କମିଶନ ଗଠନ ହୋଇଥିଲା, ମାତ୍ର କ୍ରିୟାନ୍ୱୟନ ହୋଇପାରି ନଥିଲା । ଏପରିକି ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯାଇ ନଥିଲା । କାରଣ ବିଜେଡି ସରକାରଙ୍କ ଉଦ୍ଦେଶ୍ୟ ଠିକ୍ ନଥିଲା । ସରକାରଙ୍କ ଦାୟିତ୍ୱ ହେଉଛି ଲୋକଙ୍କ ବିଶ୍ୱାସନିୟତା ରକ୍ଷା କରିବା । ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରିବା ପରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରାଇବା ପାଇଁ ତୁରନ୍ତ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ । ଚିଟ୍‌ଫଣ୍ଡ କ୍ଷତିଗସ୍ତ ସମସ୍ତ ଯୋଗ୍ୟ ଜମାକାରୀଙ୍କୁ ଟଙ୍କା ଫେରସ୍ତ କରାଯିବ । ଏନେଇ ଗତ ସାଧାରଣ ନିର୍ବାଚନ ସମୟରେ ବିଜେପି ନିଜର ସଂକଳ୍ପପତ୍ରରେ ଘୋଷଣା କରିଥିଲା । ବିଜେପି ସରକାର କ୍ଷତିଗସ୍ତ ଜମାକାରୀଙ୍କ ପ୍ରତି ସମ୍ବେଦନଶୀଳ । ସମସ୍ତ କ୍ଷତିଗସ୍ତ ଯୋଗ୍ୟ ଜମାକାରୀ କିପରି ଟଙ୍କା ପାଇବେ ସେନେଇ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ । ସାମାନ୍ୟ ପ୍ରମାଣ ଦେଖାଇଲେ ଯେପରି ଜମାକାରୀ ଟଙ୍କା ଫେରସ୍ତ ପାଇପାରିବେ ସେଭଳି ବିଧି ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ସାମଲ କହିଛନ୍ତି । ଏହି ଅବସରରେ କଣ୍ଟାବାଞ୍ଜୀ ବିଧାୟକ ଲକ୍ଷ୍ମଣ ବାଗ, ରାଜ୍ୟ ବିଜେପି ଉପସଭାପତି ଶ୍ରୀ ବିରଞ୍ଚି ନାରାୟଣ ତ୍ରିପାଠୀ ଏବଂ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ବନ୍ୟାଞ୍ଚଳରେ ସୁରକ୍ଷିତ ଥିବା ସ୍ଥାନରେ ଚାଲିବ ସ୍କୁଲ : ନିତ୍ୟାନନ୍ଦ ଗଣ୍ଡ

**ଭୁବନେଶ୍ୱର, (ହି.ସ):** ବନ୍ୟାଞ୍ଚଳରେ ସୁରକ୍ଷିତ ଥିବା ସ୍ଥାନରେ ଚାଲିବ ସ୍କୁଲ । ବନ୍ୟାଞ୍ଚଳରେ ଜିଲ୍ଲାପାଳ ତଦାରଖ କରୁଛନ୍ତି । ବନ୍ୟାଞ୍ଚଳରେ ପିଲାମାନେ କିଭଳି ପାଠ ପଢ଼ିବେ । କେମିତି ସୁବିଧା ହେଇ ପାରିବ ସେ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ଯଦିଓ ପିଲାମାନଙ୍କ ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ସେମିତି କିଛି ଅସୁବିଧା ହୋଇ ନାହିଁ । ତେବେ ସେମିତି କିଛି ହୋଇଥିଲେ ସେଇ ସବୁ ଜାଗାରେ ସ୍କୁଲ ବି ବନ୍ଦ ହୋଇପାରେ । ତେବେ ଏହାକୁ ନେଇ ସ୍ଥିତି କଣ ରହିଛି । ତାକୁ ତଦାରଖ କରି ଜିଲ୍ଲାପାଳ ନିଷ୍ପତ୍ତି ନେବେ । କଣ କଲେ ଠିକ ହେବ । ଯଦି କିଛି ଅସୁବିଧା ହୁଏ, ତେବେ ଯେଉଁ ଜାଗାରେ ପଢିବା ପାଇଁ ସୁବିଧା ଥିବ । ସୁରକ୍ଷିତ ସ୍ଥାନ ହୋଇଥିବ । ସେଇ ଜାଗାରେ ବି ସ୍କୁଲ କିଭଳି ଚାଲି ପାରିବ । ତାକୁ ନେଇ ଜିଲ୍ଲାପାଳ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

## ଦେବଗଡ଼ରେ "ଏକ୍ ପେଡ୍ ମା' କେ ନାମ ୨.୦" ଅଭିଯାନରେ ଗଛ ଲଗାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



**ଭୁବନେଶ୍ୱର/ସମ୍ବଲପୁର,(ଡିକେ ନ୍ୟୁଜ):** ଦେବଗଡ଼ ଜିଲ୍ଲାରେ ମୋଟ ୨୩ ପ୍ରତିଶତ ଜଙ୍ଗଲ ଅଛି । ଏହାକୁ ଅନ୍ତତଃ ୩୫ ପ୍ରତିଶତ କରିବା ପାଇଁ ଆମ ସମସ୍ତଙ୍କୁ ଦାୟିତ୍ୱ ନେବାକୁ ହେବ ବୋଲି ଶୁକ୍ରବାର ଦେବଗଡ଼ ଜିଲ୍ଲା ତିଳେଇବଣି ସୁଗୁଡା ଅଞ୍ଚଳରେ "ଏକ୍ ପେଡ୍ ମା' କେ ନାମ ୨.୦" ଅଭିଯାନ ଅଧୀନରେ ବୃକ୍ଷରୋପଣ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ "୭୬ତମ ବନ ମହୋତ୍ସବ ସପ୍ତାହ - ୨୦୨୫"ରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ବୃକ୍ଷ ଏବଂ ଜଙ୍ଗଲ ଆମର ଜୀବନ । ଶ୍ରୀଜଗନ୍ନାଥ ସଂସ୍କୃତିରେ ମହାପ୍ରଭୁ ଜଗନ୍ନାଥ, ଜଙ୍ଗଲ ଏବଂ ଓଡ଼ିଶାର ଅନନ୍ୟ ସମ୍ପର୍କ ରହିଛି । ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ପ୍ରଦୂଷଣ ମାନବ ସମାଜ ପାଇଁ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି । ଏହାକୁ ସନ୍ତୁଳିତ କରି ରଖିବା ପାଇଁ ହେଲେ ଆମେ ସମସ୍ତେ ଗଛ ଲଗାଇବା ସହ ତା'ର ଯତ୍ନ ନେବା ଦରକାର । ଦେବଗଡ଼କୁ ସବୁଜ ସହରରେ ପରିଣତ କରିବା ଦରକାର । ଆମେ ସମସ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ "ଏକ୍ ପେଡ୍ ମା' କେ ନାମ ୨.୦" ଅଭିଯାନରେ ସାମିଲ ହୋଇ ସମସ୍ତେ ଗଛ ଲଗାଇବା । ଘର ଠାରୁ ଆରମ୍ଭ କରି ସ୍କୁଲ, କଲେଜ, ରାସ୍ତା, ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଗଛ ଲଗାଇ ପର୍ଯ୍ୟାବରଣକୁ ସୁରକ୍ଷିତ ରଖିବା । ଏଥିପାଇଁ ଆବାଳବୃଦ୍ଧବନିତାଙ୍କୁ ଆଗେଇ ଆସିବା ସହ ଗଛ ଲଗାଇବାର ପାଗଳପଣ କରିବାକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ । ଦେବଗଡ଼ ବନଖଣ୍ଡରେ ୯ ଲକ୍ଷ ୫୦ ହଜାର ଗଛ ଲଗାଇବା ଲକ୍ଷ୍ୟ ରଖାଯାଇଥିବା ବେଳେ ସବୁ ବର୍ଗର ଲୋକଙ୍କୁ ସାମିଲ କରି ଏହାକୁ ଜନଆନ୍ଦୋଳନର ରୂପ ଦେବା ପାଇଁ ଜିଲ୍ଲା ପ୍ରଶାସନକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୃକ୍ଷରୋପଣ ଅଭିଯାନରେ କେନ୍ଦ୍ରମନ୍ତ୍ରୀଙ୍କ ସହ ସ୍କୁଲ ଛାତ୍ରଛାତ୍ରୀ, ଯୁବ ସଂଗଠନ, ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ, ପରିବେଶବିତ ଓ ପ୍ରକୃତିପ୍ରେମୀମାନେ ସାମିଲ ହୋଇ ଗଛ ଲଗାଇଥିଲେ । ଉଲ୍ଲେଖନୀୟ ଯେ, ଦେବଗଡ଼ରେ ବୃକ୍ଷରୋପଣ ଅଭିଯାନକୁ ବ୍ୟାପକ କରିବା ତଥା ସମାଜିକ ସଚେତନତା ସୃଷ୍ଟି କରିବା ପାଇଁ ଦେବଗଡ଼ ବନଖଣ୍ଡ ପଦକ୍ଷେପ ଅନ୍ତର୍ଗତ ଶ୍ରୀ ପ୍ରଧାନ ଏକ ଭ୍ରାମ୍ୟମାଣ ସବୁଜ ରଥର ଶୁଭାରମ୍ଭ କରିଥିଲେ । ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏସଏଚଜି ଭଉଣୀ ଏବଂ ଗଜସାଥୀମାନଙ୍କୁ ସମ୍ମାନିତ ମଧ୍ୟ କରିଥିଲେ ।

## ଭୁବନେଶ୍ୱରରେ ଖୋଲିଲା ଉତ୍କଳଅମୃତା ଷ୍ଟୋର



**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଭୁବନେଶ୍ୱରର ଜନପଥରେ ଖୋଲିଲା ବିଶ୍ୱର ପ୍ରଥମ ଜି ଆଇ ଷ୍ଟୋର 'ଉତ୍କଳଅମୃତା' । ବାଚସ୍ପତି ସୁରମା ପାଢ଼ୀ ଆଜି ଏହାକୁ ଉଦ୍‌ଘାଟନ କରିଛନ୍ତି । ଡକ୍ଟର ଅନିତା ସାବତ ଓ ଡକ୍ଟର ଅମ୍ରିତା ସାବତ ଏହାର ପରିକଳ୍ପନା କରିଛନ୍ତି । ଯେଉଁଥିରେ କି ଓଡ଼ିଶାର ୨୬ ଟି ଜି ଆଇ ଟ୍ୟାଗ୍ ମାନ୍ୟତା ପ୍ରଡକ୍ଟ ରହିଛି । ଏହା ସହ ପ୍ରତେକ ଜିଲାର ସ୍ୱତନ୍ତ୍ର ଜିନିଷ ଏଠାରେ ଉପଲବ୍ଧ ରହିବ । ଜିଆଇ ଟ୍ୟାଗ୍ ମାନ୍ୟତା ପ୍ରାପ୍ତ ବିଭିନ୍ନ ଶାଢ଼ୀ ମହିଳାମାନଙ୍କୁ ବେଶ ଆକୃଷ୍ଟ କରିବ । ସମ୍ବଲପୁରୀ ବାନ୍ଧ, ପଟଚିତ୍ର, ହ୍ୟାଣ୍ଡ ପେଣ୍ଟେଡ଼ ଶାଢ଼ୀ, ସାନ୍ତାଳୀ ଶାଢ଼ୀ, ଦୋଳବେଦୀ ଶାଢ଼ୀ, ଡୋଙ୍ଗରିଆ ଶାଢ଼ୀ, ବ୍ରହ୍ମପୁର କୁଂମ୍ଭ ପାଟ, ହବାସପୁରୀ, ବୋମକାଇ ଭଳି ବିଭିନ୍ନ ପ୍ରକାର ସୁନ୍ଦର ସୁନ୍ଦର ଶାଢ଼ୀ ରହିଛି । ଏହା ସହ ଫ୍ୟାସନେବଲ ଡ୍ରେସ, କୋ ଅର୍ଡ ସେଟ, ଡିଜାଇନ ବ୍ଲାଉଜ । ମହିଳାଙ୍କ ପାଇଁ ଭେରାଇଟି ବ୍ଲାଉଜ ଡିଜାଇନ ମଧ୍ୟ ମିଳିବ । ଏହା ସହ ନିତ୍ୟ ବ୍ୟବହାର୍ଯ୍ୟ ଛୋଟରୁ ବଡ଼ ବ୍ୟାଗ, ପର୍ସ ରହିଛି । ସେହିଭଳି ପୁରୁଷଙ୍କ ପାଇଁ କୁରତା, ସାର୍ଟ ମଧ୍ୟ ରହିଛି । ଜିଆଇ ଟ୍ୟାଗ୍ ମିଳିଥିବା ଖାଦ୍ୟ ଯେମିତିକି ଖଜୁରୀ ଗୁଡ଼, ବିକଳାନନ୍ଦ ରସଗୋଲା, କନ୍ଧମାଳ ହଳଦୀ, ରସାବଳି, ଛେନାପୋଡ ମିଳୁଛି । ଉଭୟ ଅନଲାଇନ ଓ ଅଫ ଲାଇନରେ ମାର୍କେଟିଂ କରିପାରିବେ ଲୋକେ । ଏହି ଅବସରରେ ବାଚସ୍ପତି ଯୋଗ ଦେଇ ସାବତ ସିଷ୍ଟର୍ସଙ୍କୁ ଭୁୟସି ପ୍ରଶଂସା କରିବା ସହ ଓଡିଶାର୍ ସଂସ୍କୃତି, ପରମ୍ପରା ଓ କାରିଗରୀକୁ ଏତେ ଆଗକୁ ନେଉଥିବାରୁ ବେଶ ପ୍ରଶଂସା କରିଥିଲେ । ଡ଼ଃ ଅନିତା ସାବତ କହିଛନ୍ତି ଏହା କେବଳ ଏକ ବିଜନେସ ନୁହେଁ, ଓଡ଼ିଆଙ୍କ ଭାବାବେଗ ।

## ଜାତୀୟ ଶିକ୍ଷା ନୀତିର କାର୍ଯ୍ୟାନ୍ୱୟନ ନିମନ୍ତେ ଦ୍ୱିତୀୟ ରାଜ୍ୟ ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ

**ଭୁବନେଶ୍ୱର, (ହି.ସ.):** ଜାତୀୟ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟାନ୍ୱୟନ ପାଇଁ ଦ୍ୱିତୀୟ ରାଜ୍ୟ ଟାସ୍କ ଫୋର୍ସ ବୈଠକ ଲୋକସେବା ଭବନର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବିଭାଗର ସମନ୍ୱୟରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ଶିକ୍ଷା ନୀତି ୨୦୨୦ ର ବିଭିନ୍ନ ଦିଗ ସମ୍ପର୍କରେ ଏହି ବୈଠକରେ ସମୀକ୍ଷା କରାଯାଇଥିଲା । ବୈଠକରେସଞ୍ଜୀବ କୁମାର ମିଶ୍ର, ପ୍ରମୁଖ ଶାସନ ସଚିବ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ, ଶ୍ରୀମତୀ ଶାଲିନୀ ପଣ୍ଡିତ, କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଭୂପେନ୍ଦ୍ର ସିଂ ପୁନିଆ, କମିଶନର ତଥା ଶାସନ ସଚିବ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ଏବଂ ମହିଳା ଓ ଶିଶୁ ବିକାଶ, ଉଚ୍ଚଶିକ୍ଷା, ଯୋଜନା ଓ ସଂଯୋଜନା, ଓସେପାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ସହଯୋଗୀ ଅନୁଷ୍ଠାନର ପ୍ରତିନିଧିମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ । ବୈଠକରେ ଉନ୍ନୟନ କମିଶନର ଆଇଟି ସକ୍ଷମ ମନିଟରିଂ ସିଷ୍ଟମ କାର୍ଯ୍ୟକାରୀ ଏବଂ ବହୁଭାଷୀ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଦିଗରେ ଧ୍ୟାନ ଦେଇଥିଲେ । ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟାନ୍ୱୟନ ନିମନ୍ତେ ରାଜ୍ୟ ଟାସ୍କ ଫୋର୍ସ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଉପରେ ଆଲୋକପାତ କରିଥିଲା । ଏନସିଇଆରଟି ଏବଂ ଆରଆଇଇ ଭୁବନେଶ୍ୱର ସହାୟତାରେ ଶିଶୁ ବାଟିକାରେ ସାମିଲ୍ ଥିବା ଶିକ୍ଷକମାନଙ୍କ ପାଇଁ ସହଯୋଗୀ ତାଲିମ କାର୍ଯ୍ୟକ୍ରମ ସଫଳତାର ସହ ପରିଚାଳନା କରାଯାଇଥିଲା । ଏଥିସହିତ ନୂତନ କାର୍ଯ୍ୟପୁସ୍ତିକା ଏବଂ ଶିକ୍ଷକ ହ୍ୟାଣ୍ଡବୁକ୍ ବିକଶିତ କରାଯିବା ସହ ଏହାକୁ ରାଜ୍ୟବ୍ୟାପୀ ବଣ୍ଟନ କରାଯାଇଛି । ଏନସିଇଆରଟିର ନିର୍ଦ୍ଦେଶାବଳୀ ସହ ସମନ୍ୱୟ ରଖି ଶିଶୁ ବାଟିକା (ପ୍ରାକ୍-ପ୍ରାଥମିକ) ରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମର ବିକାଶ, ପାଠ୍ୟପୁସ୍ତକ ପ୍ରସ୍ତୁତି ଏବଂ ତାଲିମରେ ଶିକ୍ଷକମାନଙ୍କ ଭୂମିକାକୁ ବ୍ୟାପକ କରିବା ପାଇଁ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦକୁ ସୁଦୃଢ଼ କରାଯାଉଛି । ଏହାସହିତ, ମଇ ୨୦୨୫ ରେ ଆରମ୍ଭ ହୋଇଥିବା ଏକ ସ୍ୱତନ୍ତ୍ର ଘର କୁ ଘର ବୁଲି ସର୍ଭେ ଅଭିଯାନର ଲକ୍ଷ୍ୟ ଥିଲା ବିଦ୍ୟାଳୟ ଛାଡୁଥିବା ପିଲାମାନଙ୍କୁ ଚିହ୍ନଟ କରିବା, ବିଶେଷ ଆବଶ୍ୟକତା ଥିବା ପିଲାମାନଙ୍କୁ ଚିହ୍ନଟ କରିବା, ଜାତୀୟ ଶିକ୍ଷା ନୀତି ୨୦୨୦ ନିର୍ଦ୍ଦେଶ ଅନୁଯାୟୀ ବିଦ୍ୟାଳୟ ଛାଡୁଥିବା ପିଲାମାନଙ୍କୁ ଅଟକାଇବା ଏବଂ ବିଦ୍ୟାଳୟ ବାହାର ପିଲାମାନଙ୍କୁ ପୁନଃ ନାମ ଲେଖାଇବା, ବହୁଭାଷୀ ଶିକ୍ଷା ଆବଶ୍ୟକତାଗୁଡ଼ିକର ମୂଲ୍ୟାଙ୍କନ କରିବା । ଏହାବ୍ୟତୀତ, ୨୦୨୪-୨୫ ଶିକ୍ଷାବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଇଁ ପ୍ରଚଳିତ ହୋଲିଷ୍ଟିକ୍ ପ୍ରୋଗ୍ରେସ୍ କାର୍ଡ ଛାତ୍ରଛାତ୍ରୀମାନଙ୍କ ସୃଜନଶୀଳତା, ସମାଲୋଚନାମୂଳକ ଚିନ୍ତାଧାରା ଏବଂ ଜୀବନ କୌଶଳ ଦକ୍ଷତାକୁ ମୂଲ୍ୟାଙ୍କନ କରିବା ଉପରେ ଧ୍ୟାନ ଦେଉଛି । ଏଥିସହ ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ପିଲାର ପ୍ରଗତିକୁ ଟ୍ରାକ୍ କରିବା ପାଇଁ ଏକ ଆଇଟି ସକ୍ଷମ ମନିଟରିଂ ସିଷ୍ଟମ ବିକଶିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ।

## ସମ୍ପାଦକୀୟ

# ବାହୁଡ଼ାଯାତ୍ରା

ଗୁଣ୍ଡିଚା ଘର ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ନଅ ଦିନ ରହଣୀ ପରେ ଦଶମୀ ଦିନ ହୋଇଥାଏ ବାହୁଡ଼ା ଯାତ୍ରା। ବାହୁଡ଼ା ଯାତ୍ରାଟି ମହାପ୍ରଭୁଙ୍କ ନବଦିନ ବ୍ୟାପୀ ରଥଯାତ୍ରାର ଏକ ମୁଖ୍ୟ ଓ ପ୍ରଧାନ ଅଂଶ। ସାଧାରଣରେ ବାହୁଡ଼ା ଅର୍ଥ ଫେରିବା ବା ପ୍ରତ୍ୟାବର୍ତ୍ତନ କରିବା। ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିରକୁ ତିନି ଠାକୁରଙ୍କ ଏହି ଫେରନ୍ତା ଯାତ୍ରା ଆଷାଢ଼ ଶୁକ୍ଳ ଦଶମୀ ତିଥିରେ ଅନୁଷ୍ଠିତ ହୋଇଥାଏ। ପୁଷ୍ୟା ନକ୍ଷତ୍ରଯୁକ୍ତ ଆଷାଢ଼ ଶୁକ୍ଳ ଦ୍ୱିତୀୟା ପୁଣ୍ୟ ତିଥିରେ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ମହୋତ୍ସବ ଅନୁଷ୍ଠିତ ହୁଏ। ଶ୍ରୀମନ୍ଦିରରୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତିନି ରଥରେ ବସି ଗୁଣ୍ଡିଚା ମନ୍ଦିର ଯାତ୍ରା କରନ୍ତି। ଏହି ଯାତ୍ରା ନବଦିନର ହୋଇଥିଲେ ମଧ୍ୟ ଶ୍ରୀଗୁଣ୍ଡିଚା ଯାତ୍ରା ଓ ବାହୁଡ଼ା ଯାତ୍ରା ଦିନକୁ ବାଦଦେଲେ ଅବଶିଷ୍ଟ ସାତ ଦିନ ପାଇଁ ପ୍ରଭୁ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରନ୍ତି। ଏହାର ବିଧି ବିଧାନ ମଧ୍ୟ ସ୍ୱତନ୍ତ୍ର। ପ୍ରତ୍ୟୁଷରୁ ଶ୍ରୀଜୀଉଙ୍କ ପାଖରେ ପରମ୍ପରାରେ ତିଆରି ହେଉଥିବା ଖେଚୁଡ଼ି ଭୋଗ ହୋଇଥାଏ ପରେ ତିନି ଠାକୁରଙ୍କ ପହଣ୍ଡି ଆରମ୍ଭ ହୋଇଥାଏ। ଏହାର ପୂର୍ବରୁ ରଥ ଗୁଡ଼ିକ ଦକ୍ଷିଣ ମୁହାଁ ହୋଇ ରହିଥାଏ। ଏହାର ପରବର୍ତ୍ତୀ କାର୍ଯ୍ୟକ୍ରମରେ ଗଜପତି ମହାରାଜ ଛେରା ପହଁରା କରିଥାନ୍ତି। ତେବେ ମହାରାଜଙ୍କ ଅନୁପସ୍ଥିତିରେ ମୁଦିରଥ ତାଙ୍କ ପ୍ରତିନିଧିତ୍ୱ କରି ସେବା ସମ୍ପାଦନ କରିବାର ପରମ୍ପରା ମଧ୍ୟ ରହିଛି। ଏହା ପରେ ରଥରୁ ଚାରମାନ ଖୋଲାଯାଏ। ଘୋଡ଼ା ଯୋଚା ଯାଇ ଡାହୁକ ବସେ। ଶେଷକୁ ରଥଟଣା ଆରମ୍ଭ ହୁଏ।

ବାହୁଡ଼ା ଯାତ୍ରାର ପରମ୍ପରା ଅନୁଯାୟୀ ସର୍ବପ୍ରଥମେ ଭଗବାନ ବଳଭଦ୍ରଙ୍କ ରଥ ବଡ଼ଶଙ୍ଖ ପର୍ଯ୍ୟନ୍ତ ଆସିବା ପରେ ଦେବୀ ସୁଭଦ୍ରାଙ୍କ ରଥ ଆଗମନ କରିଥାଏ ଏବଂ ଶେଷରେ ହିଁ ମହାପ୍ରଭୁ ଜଗନ୍ନାଥଙ୍କ ରଥ ଟଣା ହୋଇଥାଏ। ବଡ଼ଠାକୁର ଓ ସୁଭଦ୍ରାଙ୍କ ରଥ ସିଂହଦ୍ୱାରରୁ ଅଳ୍ପଦୂରରେ ରହିଥିବା ସମୟରେ ବାଟରେ ମାଉସୀ ମା'ଅର୍ଦ୍ଧାଶନୀ ଦେବୀଙ୍କ ମନ୍ଦିର ଆଗରେ ଜଗନ୍ନାଥଙ୍କ ରଥ ଅଟକି ରହେ। ସେଠାରେ ମନ୍ଦିରରେ ତିଆରି ଛେନା ପୋଡ଼ପିଠା ଭୋଗ ଜଗନ୍ନାଥଙ୍କୁ ଦିଆଯାଏ। ଏହି ସ୍ଥାନ ମାଉସୀ ବେଦୀ ନାମରେ କଥିତ। ମାଉସୀ ମା' ମନ୍ଦିରରୁ ପୋଡ଼ିପଠା ଭୋଗ ଖାଇସାରି ଜଗନ୍ନାଥମନ୍ଦିର ଅଭିମୁଖେ ଯାତ୍ରା କରନ୍ତି । ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ବଡ଼ଦେଉଳ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳକୁ ଜଗନ୍ନାଥଙ୍କ ରଥ ଗଜପତି ନଅର ସମ୍ମୁଖରେ ରଖାଯାଇଥାଏ। ଏହାପରେ ଲକ୍ଷ୍ମୀ ବିମାନରେ ବସି ପଣ୍ଡା ଓ ଦଇତାପତିମାନଙ୍କ କୁଳବଧୂଙ୍କ ଗହଣରେ ଜଗନ୍ନାଥଙ୍କ ରଥ ପାଖକୁ ଆସନ୍ତି। ସେଠାରେ ପୂଜା, ଆଳତି ଓ ବନ୍ଦାପନା କରାଯାଏ। ଏହି ବନ୍ଦାପନା କାର୍ଯ୍ୟରେ ଗଜପତି ମହାରାଜା ମୁଖ୍ୟ ଭୂମିକା ଗ୍ରହଣ କରନ୍ତି। ଠାକୁରଙ୍କ ପାଖରେ ଦହିପଟ ଭୋଗ ହୁଏ। ଏହି ଭୋଗ ସମୟକୁ ରାଜା ବିଜେ ହୁଅନ୍ତି। ଲକ୍ଷ୍ମୀ ବିମାନରେ ବସି ଜଗନ୍ନାଥଙ୍କ ରଥ ଚାରିପଟେ ପରିକ୍ରମା କରନ୍ତି। ଏହାପରେ ଲକ୍ଷ୍ମୀ ଓ ଜଗନ୍ନାଥଙ୍କୁ ବନ୍ଦପନା କରାଯାଏ। ଲକ୍ଷ୍ମୀ ଓ ଜଗନ୍ନାଥଙ୍କ ଏହି ସାକ୍ଷାତକୁ ଲକ୍ଷ୍ମୀ ନାରାୟଣ ଭେଟ କୁହାଯାଏ। ଜଗନ୍ନାଥଙ୍କ ଅଧରମାଳ ଲକ୍ଷ୍ମୀଙ୍କୁ ଓ ଲକ୍ଷ୍ମୀଙ୍କ ଅଧରକୁ ଜଗନ୍ନାଥଙ୍କୁ ଅର୍ପିତ ହୁଏ। ଜଗନ୍ନାଥଙ୍କ ଅଙ୍ଗରୁ ଦଇତାପତିମାନେ ଆଜ୍ଞାମାଳ ନେବା ପରେ ଲକ୍ଷ୍ମୀ ବାହୁଡ଼ି ଯାଆନ୍ତି ଶ୍ରୀମନ୍ଦିରକୁ। ଜଗନ୍ନାଥଙ୍କ ରଥ କିଛି ସମୟ ପରେ ସିଂହଦ୍ୱାରଠାରେ ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ପାଖରେ ପହଞ୍ଚେ। ବାହୁଡ଼ା ଦିନ ଠାକୁରମାନେ ରଥରେ ରହନ୍ତି। ମଧ୍ୟାହ୍ନ ଧୂପଠାରୁ ଶୁଖିଲା ଭୋଗ ହୁଏ । ବାହୁଡ଼ା ପରଦିନ ଏକାଦଶୀ ତିଥିର ମଧ୍ୟ ତିନିଠାକୁର ରଥ ଉପରେ ବିରାଜମାନ ଥା'ନ୍ତି। ସେଠାରେ ସେମାନଙ୍କର ଏକାଦଶୀ ନୀତି, ଅଧରପଣା ଭୋଗ, ରାଜାବେଶ ହୁଏ। ଏହି ବେଶ ସଂପୂର୍ଣ୍ଣ ସୁନାରେ ହୋଇଥିବାରୁ ଏହାକୁ ଠାକୁରଙ୍କର ସୁନାବେଶ ବୋଲି ମଧ୍ୟ କୁହାଯାଏ। ଦ୍ୱାଦଶୀ ଦିନ ଠାକୁରମାନଙ୍କୁ ରଥରୁ ଓହ୍ଲାଇ ରତ୍ନବେଦୀକୁ ନିଆଯାଏ। ଏହା ନୀଳାଦ୍ରୀ ବିଜେ ନାମରେ ଖ୍ୟାତ। ସନ୍ଧ୍ୟା ଧୂପ ସରିବା ପରେ ବିଜେ କାହାଳୀ ବାଜି ପହଣ୍ଡି ଆରମ୍ଭ ହୁଏ।

ଗୁଣ୍ଡିଚା ଯାତ୍ରାର ସମସ୍ତ ବିଧି ଅନୁସାରେ ଏହି ପହଣ୍ଡି କରାଯାଏ। ବଡ଼ଠାକୁର ଓ ସୁଭଦ୍ରା ପହଣ୍ଡି ହୋଇ ସିଂହାସନରେ ବିଜେ କରିବା ପରେ ଜଗନ୍ନାଥଙ୍କ ପହଣ୍ଡି ହୁଏ। ଜୟବିଜୟ ଦ୍ୱାର ବନ୍ଦ କରି ଲକ୍ଷ୍ମୀ ଅଭିମାନରେ ଜଗନ୍ନାଥଙ୍କୁ ଅଟକାଇ ରଖନ୍ତି। ଶ୍ରୀ ମନ୍ଦିର ଭିତର ପଟେ ଲକ୍ଷ୍ମୀ ପକ୍ଷରୁ ସେବକ ଦଇତାପତିମାନଙ୍କ ପତ୍ନୀ ବା ଦେବଦାସମାନେ ଏବଂ ବାହାରାପଟେ ଜଗନ୍ନାଥଙ୍କ ପକ୍ଷରୁ ଦଇତାପତିମାନେ ରହି ପରସ୍ପର ମଧ୍ୟରେ ନାନା ବଚନିକା ଓ ପଦ୍ୟାବୃତ୍ତି କରନ୍ତି। ଏହାକୁ ଲକ୍ଷ୍ମୀ- ନାରାୟଣ କଳି କୁହାଯାଏ। ଜଗନ୍ନାଥ ବହୁତ ବୁଝାଇବା ପରେ ଲକ୍ଷ୍ମୀଙ୍କ ଅଭିମାନ ଭାଙ୍ଗେ ଏବଂ କଳି ତୁଟେ । ଏହାପରେ ଶ୍ରୀଜଗନ୍ନାଥ ସିଂହାସନରେ ବିଜେ କରନ୍ତି। ତାଙ୍କ ସମ୍ମୁଖରେ ଲକ୍ଷ୍ମୀଙ୍କୁ ସ୍ଥାପନ କରାଯାଏ। ଏଥିସହିତ ରଥଯାତ୍ରାର ପରିସମାପ୍ତି ଘଟେ।

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

Mob/ whatsapp : 9090962011
Ph. No. : 0674-2975387
E-mail : dumanikhabar2020@gmail.com

# ସମ୍ବିଧାନର ପ୍ରସ୍ତାବନା ସହ ଖେଳ ଖେଳା ନଯାଉ


ଗୋପାଳ ମହାପାତ୍ର

ସ୍ୱୟଂସେବକ ସଂଘର ସରକାର୍ଯ୍ୟବାହ ଦତ୍ତାତ୍ରେୟ ହୋସବାଲେ କହିଛନ୍ତି ଯେ ସମ୍ବିଧାନର ପ୍ରସ୍ତାବନାରେ ଯୋଡ଼ାଯାଇଥିବା 'ସମାଜବାଦୀ' ଏବଂ 'ପନ୍ଥ ନିରପେକ୍ଷନ୍ତ ଶବ୍ଦର ସମୀକ୍ଷା କରାଯିବା ଉଚିତ୍। ତାଙ୍କ ମତରେ ଏ ଦୁଇଟି ଶବ୍ଦ ସମ୍ବିଧାନର ମୂଳ ପ୍ରସ୍ତାବନାରେ ନଥିଲା ଏବଂ ପରେ ୪ ଇନ୍ଦିରାଗାନ୍ଧୀ ଜରୁରୀକାଳୀନ ପରିସ୍ଥିତି ଜାରିକରିବା ସମୟରେ ୧୯୭୬ ମସିହାରେ ସମ୍ବିଧାନର ୪୨ତମ ସଂଶୋଧନ କରି ଏ ଦୁଇ ଶବ୍ଦକୁ ଯୋଡିଥିଲେ। ଏ ଦୁଇ ଶବ୍ଦକୁ ସେତେବେଳେ ଯୋଡ଼ା ଯାଇଥିଲା ଯେତେବେଳେ ମୂଳ ଅଧିକାରକୁ ଛଡାଇ ନିଆଯାଇଥିଲା ଏବଂ ନ୍ୟାୟପାଳିକା ପଙ୍ଗୁ ହୋଇ ଯାଇଥିଲା ଏବଂ ସଂସଦ ଅଚଳ ହୋଇଯାଇଥିଲା। ଦତ୍ତାତ୍ରେୟ ହୋସବାଲେଙ୍କ ଏଭଳି ବୟାନ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି କଂଗ୍ରେସ ଓ କହିଛି ବିଜେପି ଆମ୍ବେଦକରଙ୍କ ସମ୍ବିଧାନ ନୁହେଁ ମନୁସ୍ମୃତି ଚାହୁଁଛି। ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ କ'ଣ ପ୍ରକୃତରେ ସମ୍ବିଧାନରେ ପରିବର୍ତ୍ତନ କରାଯିବା ପାଇଁ ଉଦ୍ୟମ ହେଉଛି ? ହୋସବାଲେ ଯାହା କହିଲେ ତାହା ଚର୍ଚ୍ଚାର ବିକାଶ ନିଶ୍ଚୟ ଏବଂ ଏଭଳି ମନ୍ତବ୍ୟ ଦେବାର ଉଦେଶ୍ୟ ହେଉଛି ଲୋକେ ଏହା ଉପରେ କ'ଣ ସବୁ ମନ୍ତବ୍ୟ ଦେଉଛନ୍ତି। ବିଜେପିର ବରିଷ୍ଠ ନେତାମାନେ ହୋସବାଲେଙ୍କ ମନ୍ତବ୍ୟ ଏବଂ କଂଗ୍ରେସର ପ୍ରତିକ୍ରିୟା କୁ ନେଇ ଚୁପ୍ କିନ୍ତୁ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି ଯେ ବିଜେପି ସମ୍ବିଧାନର ପ୍ରସ୍ତାବନାରୁ 'ସିକୁଲାର' ଏବଂ 'ସୋସାଲିଷ୍ଟ' ଶବ୍ଦକୁ ହଟାଇଦେବା ପାଇଁ ଚାହୁଁଛି। ଶିବରାଜ ସିଂହ ଚୌହାନ କହିଛନ୍ତି ଯେ ସମ୍ବିଧାନରୁ ଏ ଦୁଇ ଶବ୍ଦକୁ ହଟାଇବା ପାଇଁ ବିଚାର କରାଯିବା ଉଚିତ୍। କିନ୍ତୁ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏ ପ୍ରସଙ୍ଗରେ ଯାହା କହିଛନ୍ତି ତାହା ଚିନ୍ତାର ବିଶୟ। ମହାମହିମ ଉପରାଷ୍ଟ୍ରପତି କହିଛନ୍ତି ଯେ 'ସମ୍ବିଧାନର ପ୍ରସ୍ତାବନା ଅତ୍ୟନ୍ତ ପବିତ୍ର ଅଟେ। କିନ୍ତୁ ଏଥିରେ ଧର୍ମ ନିରପେକ୍ଷ ଏବଂ ସମାଜବାଦ ଶବ୍ଦକୁ ଯୋଡ଼ାଯାଇଛି ... ଏଭଳି ପରିବର୍ତ୍ତନ ଯାହା ଅସ୍ତିତ୍ୱଗତ ସଙ୍କଟ ସୃଷ୍ଟି କରୁଛି। ଏହି ଦୁଇ ଶବ୍ଦ ସ୍ୱୀକାର୍ଯ୍ୟ ନୁହେଁ। ଏ ଦୁଇଶବ୍ଦ ସନାତନର ଆତ୍ମାକୁ ଅପବିତ୍ର ତଥା ଅନାଦର କରୁଛି।' ଉପରାଷ୍ଟ୍ରପତିଙ୍କର ନିଜସ୍ୱ ବିଚାର ପ୍ରକଟ କରିବାର ଅଧିକାର ରହିଛି କିନ୍ତୁ ଏ ଦୁଇ ଶବ୍ଦ ଅସ୍ୱୀକାର୍ଯ୍ୟ କେମିତି ? କ'ଣ ଦେଶର ଉପରାଷ୍ଟ୍ରପତି ଭାବୁଛନ୍ତି ପ୍ରକୃତିରେ ଧର୍ମ ନିରପେକ୍ଷ ଏବଂ ସମାଜବାଦ ଶବ୍ଦ ଗ୍ରହଣୀୟ ନୁହେଁ? ୫୦ ବର୍ଷ ହେବ ଏ ଦୁଇ ଶବ୍ଦ ଯୋଗୁଁ କିଛି ତ ଅସୁବିଧା ହେଉ ନଥିଲା, ଏବେ କାହିଁକି ଅସୁବିଧା ହେଉଛି ? ଏ ଦୁଇ ଶବ୍ଦକୁ ସମ୍ବିଧାନରୁ ହଟାଇ ଦିଆଗଲେ ଦେଶର ସବୁ ସମସ୍ୟା କ'ଣ ଦୂର ହୋଇଯିବ ?

ଇନ୍ଦିରା ଗାନ୍ଧୀ ଯେଉଁ ଜରୁରୀ କାଳୀନ ପରିସ୍ଥିତି ଜାରି କରିଥିଲେ ତାହା ଏକ ମସ୍ତବଡ଼ ଭୁଲ ଥିଲା। ଅଭିବ୍ୟକ୍ତିର ସ୍ୱାଧିନତା, ଗଣମାଧମର ସ୍ୱାଧିନତା ସବୁକୁ ସେ ସମୟରେ ଛଡାଇ ନିଆଯାଇଥିଲା। ଲକ୍ଷେରୁ ଅଧିକ ଲୋକଙ୍କୁ ଜେଲରେ ପୁରାଇ ଦିଆଯାଇଥିଲା। ମଜାଦାର କଥା ହେଉଛି ଜୟ ପ୍ରକାଶ ନାରାୟଣଙ୍କ ଆନ୍ଦୋଳନକୁ ସ୍ୱୟଂସେବକ ସଂଘର କାର୍ଯ୍ୟକର୍ତ୍ତାମାନେ ସମର୍ଥନ କରୁଥିବା ବେଳେ ତତ୍କାଳୀନ ସଂଘ ପ୍ରମୁଖ ବାଲା ସାହେବ ଦେଓରସ ଜେଲରୁ ଇନ୍ଦିରା ଗାନ୍ଧୀଙ୍କୁ ପ୍ରଶଂସା କରି ପତ୍ର ଲେଖିଥିଲେ। ପରେ ସେବିନୋବା ଭାବେଙ୍କୁ ପତ୍ର ଲେଖି କହିଥିଲେ 'ମୁଁ ଆପଣଙ୍କୁ ଅନୁରୋଧ କରୁଛି ଯେ ପ୍ରଧାନମନ୍ତ୍ରୀଙ୍କ ମନରେ ସଂଘ ପ୍ରତିଯେଉଁ ଧାରଣା ରହିଛି ତାକୁ ପରିବର୍ତ୍ତନ କରିବା ପାଇଁ ଉଦ୍ୟମ କରନ୍ତୁ ଫଳରେ ସଂଘ ଉପରୁ ପ୍ରତିବନ୍ଧ ହଟିପାରିବ ଏବଂ ସଂଘର କାର୍ଯ୍ୟକର୍ତ୍ତାମାନେ ଜେଲରୁ ମୁକୁଳି ପାରିବେ ......... ଏବଂ ପ୍ରଧାନମନ୍ତ୍ରୀଙ୍କ ଅଧିନ ........... ପ୍ରଗତିରେ ସହାୟକ ହୋଇ ପାରିବେ।' ଏଥିରୁ ସ୍ପଷ୍ଟ ଯେ ତତ୍କାଳୀନ ସଂଘ ପ୍ରମୁଖ ଜରୁରୀକାଳୀନ ପରିସ୍ଥିତି ବେଳେ ଇନ୍ଦିରାଗାନ୍ଧୀଙ୍କ ନେତୃତ୍ୱକୁ ସ୍ୱୀକାର କରିବା ପାଇଁ ରାଜିଥିଲେ। ସେମାନଙ୍କର 'ଧର୍ମ ନିରପେକ୍ଷ' ଏବଂ 'ସମାଜବାଦ' ଶବ୍ଦକୁ ନେଇ କୌଣସି ସମସ୍ୟା ନଥିଲା। ନୀରଜା ଚୌଧୁରୀ ନାମକ ଜଣେ ସାମ୍ବାଦିକ ତାଙ୍କ ଲିଖିତ ପୁସ୍ତକ 'ହାଓ ପ୍ରାଇମ୍ ମିନିଷ୍ଟରସ ଡିସାଇଡ଼'ରେ ଏ ବାବଦରେ ଅନେକ ତଥ୍ୟ ପ୍ରଦାନ କରିଛନ୍ତି। ଅଭିଷେକ ଚୌଧୁରୀ ମଧ୍ୟ ତାଙ୍କ ଲିଖିତ ପୁସ୍ତକ 'ବାଜପେୟୀ ଦି ଆସେଣ୍ଟ ଅଫ ଦି ହିନ୍ଦୁ ରାଇଟ'ରେ ଏ ପ୍ରସଙ୍ଗରେ ଲେଖିଛନ୍ତି। ଅଭିଷେକ ଚୌଧୁରୀ ଲେଖିଛନ୍ତି ଯେ 'ଦେଓରସ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ପୁଣେର ୟରବଦା ଜେଲରୁ ଦୁଇ ଦୁଇ ଥର ପତ୍ର ଲେଖିଥିଲେ ...... ଯେଉଁଥିରେ ସଂଘ ଉପରୁ ପ୍ରତିବନ୍ଧ ହଟାଇ ଦିଆଯିବା ପାଇଁ ବିନତି କରାଯାଇଥିଲା।'

ଇନ୍ଦିରା ଗାନ୍ଧୀ ଜରୁରୀ କାଳୀନ ପରିସ୍ଥିତି ଜାରି କରିଥିଲେ କାହିଁକି ? ୧୯୭୧ରେ ସେ ପାକିସ୍ଥାନକୁ ଦୁଇ ଫାଳ କରି ବଙ୍ଗଳାଦେଶର ଗଠନ କରାଇଥିଲେ। ତାଙ୍କର ଲୋକପ୍ରିୟତା ମଧ୍ୟ ଥିଲା। କିନ୍ତୁ ସଙ୍କଟ ପରେ ସଙ୍କଟ ଆସିଥିଲା। ଯୁଦ୍ଧର ଖର୍ଚ୍ଚ, ମରୁଡି ପରିସ୍ଥିତି ଏବଂ ତୈଳ ସଙ୍କଟ ପାଇଁ ଲୋକେ ଅସନ୍ତୁଷ୍ଟ ହୋଇଯାଇଥିଲେ। ପୂର୍ବତନ ପ୍ରଦାନମନ୍ତ୍ରୀ ଇନ୍ଦ୍ର କୁମାର ଗୁଜୁରାଲ ସେତେବେଳେ ସୂଚନା ପ୍ରସାରଣ ମନ୍ତ୍ରୀ ଥିଲେ କିନ୍ତୁ ସୟ ଗାନ୍ଧୀଙ୍କୁ ପରାମର୍ଶ ଅନୁସାରେ ତାଙ୍କୁ ହଟାଇ ଦିଆଯାଇଥିଲା। ଗୁଜୁରାଲ ସେତେବେଳେ କହିଥିଲେ ଯେ ଲୋକଙ୍କ ଅସନ୍ତୋଷକୁ ଇନ୍ଦିରା କେମିତି ସାମନା କରିବେ ତାହା ତାଙ୍କୁ ଜଣାନାହିଁ। ଇନ୍ଦିରା ଗାନ୍ଧୀଙ୍କ ଦୁର୍ଭାଗ୍ୟ ଯେ ସେ ସମୟରେ ଇଲାହାବାଦ ହାଇକୋର୍ଟର ବିଚାରପତି ଜଗମୋହନ ସିହ୍ନା ନିର୍ବାଚନରେ ଦୁର୍ନୀତି ହୋଇଥିବା ଅଭିଯୋଗରେ ରାୟବରେଲିର ନିର୍ବାଚନକୁ ରଦ୍ଧ କରି ଦେଇଥିଲେ। ୧୯୭୫ ମସିହା ଜୁନ ୧୨ ତରିଖରେ ଇଲାହାବାଦ ହାଇକୋର୍ଟ ରାୟ ଦେବାର ୧୩ ଦିନ ପରେ ଜୁନ ୨୫ରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରାଯାଇଥିଲା। ପରେ ଅଚାନକ ଜରୁରୀ ପରିସ୍ଥିତି ହଟାଯାଇ ନିର୍ବାଚନ ଘୋଷଣା କରାଯାଇଥିଲା। ନିର୍ବାଚନ ଘୋଷଣା କରିବାର କାରଣ ହେଉଛି ଲୋକସଭାର ଅବଧି ୧୫ ମାସ ବାକି ଥିଲା। ସୟଗାନ୍ଧୀ ନିର୍ବାଚନକୁ ବିରୋଧ କରୁଥିଲେ ମଧ୍ୟ ଇନ୍ଦିରା ନିର୍ବାଚନ କରାଇଥିଲେ। ଐତିହାସିକ ଜ୍ଞାନ ପ୍ରକାଶ ଲେଖିଛନ୍ତି ଯେ 'ଇନ୍ଦିରା ନିଜ ଶାସନର ବୈଧତା ଚାହୁଁଥିଲେ ଏବଂ ତାଙ୍କ ମତ ଥିଲା ଯେ ନିର୍ବାଚନ ତାଙ୍କ ଶାସନକୁ ବୈଧତା ଦେଇପାରିବ। କିନ୍ତୁ ନିର୍ବାଚନରେ କଂଗ୍ରେସ ହାରି ଯାଇଥିଲା। ଦେଶରେ ଅଣ କଂଗ୍ରେସ ସରକାର ଗଠନ ହେଲା। କିନ୍ତୁ ଜନତା ପାର୍ଟିର ନେତାମାନେ ଅଧିକ ଦିନ ଶାସନରେ ରହି ପାରିଲେ ନାହିଁ। ପୁଣି ନିର୍ବାଚନ ହେଲା ଓ ଜରୁରୀ ପରିସ୍ଥିତି ଜାରି ହେବାର ୩ବର୍ଷ ପରେ ୧୯୮୦ରେ ପୁଣି ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ହେଲେ।

ସ୍ୱୟଂସେବକ ସଂଘର ସମ୍ବିଧାନ ସହ ସମ୍ପର୍କ ମଧ୍ୟ ଉଲ୍ଲେଖନୀୟ। ଦେଶସ୍ୱାଧିନ ହେବା ପରେ ଯେଉଁ ସମୟରେ ସମ୍ବିଧାନକୁ ସ୍ୱୀକାର କରାଗଲା ସେତେବେଳେ ସଂଘ ମୁଖ୍ୟ ଗୋଲବାଲେକର ସମ୍ବିଧାନକୁ ମାନିବାକୁ ରାଜି ହୋଇନଥିଲେ। ସେ ହିନ୍ଦୁରାଷ୍ଟ୍ର ଚାହୁଁଥିଲେ। କିନ୍ତୁ ପରେ ସଂଘ ଏହାକୁ ଗ୍ରହଣ କରିଥିଲା। ଏକଥା ସତ୍ୟ ଯେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଥିବା ବେଳେ ସମ୍ବିଧାନ ସଂଶୋଧନ କରାଯାଇ ଏ ଦୁଇ ଶବ୍ଦକୁ ଯୋଡ଼ା ଯାଇଥିଲା। କିନ୍ତୁ ଦେଶର ଜନତା ଏହାକୁ ସ୍ୱୀକାର କରିଛନ୍ତି। ଜନତାପାର୍ଟି ସରକାର ମଧ୍ୟ ୪୨ତମ ସଂଶୋଧନରୁ କେତେକ ଶବ୍ଦକୁ ହଟାଇ ଦେଇଛନ୍ତି କିନ୍ତୁ ଏ ଦୁଇ ଶବ୍ଦକୁ ହଟାଇ ନଥିଲେ। ଗତ ବର୍ଷ ସୁପ୍ରିମକୋର୍ଟ ମଧ୍ୟ କହିଛନ୍ତି ଯେ ସମାଜବାଦ ଏବଂ ଧର୍ମନିରପେକ୍ଷ ଶବ୍ଦକୁ ସାଧାରଣ ସ୍ୱୀକୃତି ମିଳିଛି ଏବଂ 'ଆମେ ଭାରତର ଲୋକେ' ସ୍ପଷ୍ଟଭାବେ ଏହାର ଅର୍ଥ ବୁଝିଛନ୍ତି। ଏହା ବୈଧ ଅଟେ। ୧୯୭୩ ରେ କେଶବାନନ୍ଦ ଭାରତୀ ମାମଲାରେ ସୁପ୍ରିମ୍‌କୋର୍ଟ କହିଥିଲେ ଯେ 'ସିକୁଲାରିଜିମ୍ ସମ୍ବିଧାନର ବୁନିଆଦି ସଂରଚନାର ଅଂଶ ଅଟେ'। ସମାଜବାଦ ଯାହା ସମସ୍ତେ ସମାନ କଥା କହେ ସେଇ ଶବ୍ଦକୁ ନେଇ ଆପତ୍ତି କାହିଁକି ? ଯେଉଁଠି ଏତେ ଗରୀବ ଅଛନ୍ତି ସେଠି କୋଉ 'ବାଦ' ଚାଲିବ ? ସରକାର ଯେକୌଣସି ଆର୍ଥୀକ ନୀତି ପ୍ରଣୟନ କଲେ ମଧ୍ୟ ପ୍ରସ୍ତାବନା ଏଥିରେ ବାଧା ସୃଷ୍ଟି କରେ ନାହିଁ। ଦେଶର ୧ପ୍ରତିଶତ ଲୋକଙ୍କ ପାଖରେ ଦେଶର ୫୦ ପ୍ରତିଶତ ସମ୍ପତ୍ତି ରହିଛି ଓ ଦେଶରେ ଅସମାନତା ବଢ଼ିଛି। ସରକାରଙ୍କୁ ସନ୍ତୁଳନ କରିବା ପାଇଁ ରୋକୁଛନ୍ତି କିଏ ? ଧର୍ମ ମାମଲାରେ ସରାକର ନିରପେକ୍ଷ। ଆମ ସଂସ୍କୃତି ଉଦାର ଏବଂ ସହିଷ୍ଣୁ। ଦେଶରେ ୮୨ ପ୍ରତିଶତ ହିନ୍ଦୁ କିନ୍ତୁ ବିଜେପିକୁ ୩୮ ପ୍ରତିଶତରୁ ଅଧିକ ହିନ୍ଦୁ ଭୋଟ ମିଳୁନାହିଁ। ଏଥର ୩୭ ପ୍ରତିଶତ ମିଳିଛି। ଏହାର ଅର୍ଥ ହେଉଛି ଜରୁରୀ କାଳୀନ ପରିସ୍ଥିତିକୁ ଗ୍ରହଣ କରାଯିବ ନାହିଁ କିମ୍ବା ଭୁଲି ହେବନାହିଁ କିନ୍ତୁ ସମ୍ବିଧାନର ପ୍ରସ୍ତାବନା ସହ ଖେଳ ଖେଳି ହେବ ନାହିଁ। ଗଣତନ୍ତ୍ରରେ ଲୋକେ ହିଁ ମାଲିକ, ନେତା ନୁହଁନ୍ତି କି କୌଣସି ଦଳ ନୁହେଁ କିମ୍ବା କୌଣସି ସଂଗଠନ ନୁହେଁ।

**ରାମଚନ୍ଦ୍ରପୁର, ରଣପୁର**
**ମୋ:୯୪୩୮୪୮୫୦୯୪**

# ଗୁଣ୍ଡିଚା ମନ୍ଦିରରେ ବାବନା ଭୂତ


ଡାକ୍ତର ସମ୍ରାଟ କର

ଆଜିର ସମୟରେ ପୁରୁଣା ବୁଢ଼ୀ ମାଆ ଅସୁରୁଣୀ କାହାଣୀ ଗପ ପରି ଭୂତ ସେ ପୁଣି ପୂର୍ଣ୍ଣବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ମାଉସୀ ମାଆ ଘରେ ଅର୍ଥାତ୍ ଗୁଣ୍ଡିଚା ମନ୍ଦିରରେ!! ଏମିତିରେ କହିଲେ ଭୂତ ହେଉଛି ଏକ ପ୍ରକାର ମାନସିକ କଳ୍ପନା ଓ ଏହା ଜଣଙ୍କର ମାନସିକ ଦୁଃସ୍ଥିତିର ତଥା ଅସୁସ୍ଥତାର ଗୁରୁତର ଲକ୍ଷଣ। ତେବେ ଆମ ଓଡ଼ିଆ ଲୋକଚଳଣି ଓ ବିଭିନ୍ନ ଆଲୋଖ୍ୟରେ ଭୂତକୁ ନେଇ ଅନେକ ଆଲୋଚନା, କାହାଣୀ, ତର୍କବିତର୍କ ସବୁ ରହିଛି। ଭୂତକୁ ନେଇ ଉପନ୍ୟାସ, ଭୂତ ଉପରେ ସିନେମାର ଏବେ ବି ଚାହିଦା ରହିଛି। କିନ୍ତୁ ବାସ୍ତବ କଥା ହେଉଛି ଭୂତ ହେଉଛି ମାନସିକ ପ୍ରସୂତ ଏକ ଚରିତ୍ର କହିଲେ ଅତ୍ୟୁକ୍ତି ହେବନାହିଁ। ଜଣଙ୍କର ଦୁର୍ବଳ ମାନସିକତାରୁ ହିଁ ଭୂତର ଆବିର୍ଭାବ ହୋଇଥାଏ। ପରବର୍ତ୍ତୀ ସମୟରେ ଏହି ଭୂତ କାହାଣୀ ବିଭିନ୍ନ ବାଟରେ, ବିଭିନ୍ନ ଢ଼ଙ୍ଗରେ ଚାରିଆଡ଼କୁ ଖେଳିଯାଏ। ସହଯେ ଅନେକଙ୍କର ମାନସିକତାରେ ଗୁଜବ ଏକ ଅଦ୍ଭୂତ ମାଦକତା ଓ ବିଚିତ୍ର ଆନନ୍ଦ ପାଇଥାନ୍ତି। ତେଣୁ ଭୂତ କାହାଣୀ ସହିତ ଗୁଜବ ମିଶିଗଲେ ସମାଜରେ ନାହିଁ ନଥିବା ପରିସ୍ଥିତି ସୃଷ୍ଟି ହୋଇଥାଏ। ତେବେ ପରମବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ମାଉସୀ ମାଆ ଘର ଅର୍ଥାତ୍ ଗୁଣ୍ଡିଚା ମନ୍ଦିରରେ ପୁଣି ବାବନା ଭୂତ ନିଶ୍ଚିତ ଭାବରେ ଏହି ଆଲେଖ୍ୟଟି ଅନେକଙ୍କ ଭିତରେ ଆନ୍ଦୋଳିତ କରୁଥିବ।

ଶ୍ରୀଜୀଉଙ୍କ ନବଦିନ ବ୍ୟାପୀ ବିଶ୍ୱ ପ୍ରସିଦ୍ଧ ପତିତପାବନ ଯାତ୍ରାରେ ମାଉସୀ ମାଆ ଘରକୁ ଯାଇଥାନ୍ତି ପୁଣି ଫେରିଥାନ୍ତି ରତ୍ନବେଦୀକୁ। ବର୍ଷ ସାରା ସେଠାରେ ମହାପ୍ରଭୁ ଲୀଳାଖେଳା କରୁଥିବାବେଳେ ଖାଲି ପଡ଼ିଥାଏ ମହାବେଦୀ ଓ ଗୁଣ୍ଡିଚା ମନ୍ଦିର ଶୁନଶାନ ପରିବେଶ ଭିତରେ ଥାଏ। ଏହାକୁ ଅନେକ ପୁରୁଣା ଓ ବର୍ଷିୟାନ ପୁରୀର ବାସିନ୍ଦା କୁହନ୍ତି ଯେ ବର୍ଷେକାଳ ନିବୁଜ ହୋଇ ରହୁଥିବା ଜନ୍ମବେଦୀରେ ପଶିଯାଏ ବାବନା ଭୂତ। ଏହା ଏକ ଲୋକକଥା ହେଲେ ମଧ୍ୟ ଏହା ପଛରେ ରହିଛି ଏକ ପରମ୍ପରା। ୧୫୦୦ଖ୍ରୀଷ୍ଟାବ୍ଦର ଦ୍ୱିତୀୟ ଦଶକରେ ମହାପ୍ରଭୁଙ୍କ ପରମ ଭକ୍ତ ଶ୍ରୀଚୈତନ୍ୟ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରୁଥାନ୍ତି। ସେ ସମୟରେ ବଡ଼ଦାଣ୍ଡର କିଛି ବାଟ ପରେ ଥିଲା ମାଳିନୀ ନଦୀ। ନିକାଞ୍ଚନ ଅଞ୍ଚଳ, ଚାରିଆଡ଼େ ବାଲି ଆଉ ଘଞ୍ଚ ଜଙ୍ଗଲ। ଶୁନଶାନ ମନ୍ଦିର ଓ ଖାଁ ଖାଁ ପରିବେଶ ଭିତରେ ଏକ ପ୍ରକାର ନିର୍ଜନ ଅଞ୍ଚଳ ଲାଗୁଥିଲା। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଗବେଷଣା ଅଧିକାରୀ ତଥା ବିଶିଷ୍ଟ ଗବେଷକ ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ରଙ୍କ ତଥ୍ୟ ଅନୁଯାୟୀ ସେ ସମୟରେ ଶ୍ରୀଚତେନ୍ୟ ଆଗକୁ ଯିବାବେଳେ ତାଙ୍କୁ ଲାଗୁଥିଲା ଯେପରି ଏଠାରେ ଭୂତ ବସା କରିଛି। ତେବେ ଜନ୍ମବେଦୀ ଦେଖି ସେ ବ୍ୟଥିତ ହୋଇଥିଲେ ଏବଂ ଧୂଳି ଧୂଷର ପରିବେଶ, ଫଡ଼ ଫଡ଼ ହୋଇ ଉଡୁଥିଲେ ପକ୍ଷୀ ଏବଂ ଏହା ଏକ ଭୂତ ଘର ଭଳି ଲାଗୁଥିଲା।

ସେତେବେଳେ ଗଜପତି ଥିଲେ ପ୍ରତାପରୁଦ୍ର ଦେବ। ସେ ଶ୍ରୀଚୈତନ୍ୟଙ୍କୁ ଅନୁମତି ଦେବା ପରେ ଶ୍ରୀଚୈତନ୍ୟ ଗୌଡ଼ୀୟ ସାଧୁସନ୍ଥଙ୍କୁ ଧରି ଆଡ଼ପ ମଣ୍ଡପ ଓ ମହାପ୍ରଭୁଙ୍କ ଆଗମନ ପୂର୍ବରୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ସଫା କରିବାରେ ଲାଗିପଡ଼ିଥିଲେ। କେହି କେହି କୁହନ୍ତି ଯେ ଶ୍ରୀଚୈତନ୍ୟ ନିଜ କାନ୍ଧ ବସ୍ତ୍ରରେ ମହାପ୍ରଭୁଙ୍କ ଆସନକୁ ପୋଛି ଦେଇଥିଲେ। ସାଧୁ ସନ୍ଥଙ୍କ ଉପସ୍ଥିତି ଓ ନାମ ସଂକୀର୍ତ୍ତନରେ ସେହି ସ୍ଥାନର ନୀରବ ଭୌତିକ ପରିବେଶ ଧାର୍ମିକ ଐଶ୍ୱରିକ ପରିବେଶରେ ପରିବର୍ତ୍ତନ ହୋଇଗଲା। ପରବର୍ତ୍ତୀ ସମୟରେ ମହାପ୍ରଭୁ ଆଗମନ କରିଥିଲେ ଶ୍ରୀଗୁଣ୍ଡିଚା ମନ୍ଦିରକୁ। ମହାବେଦୀକୁ ଚତୁର୍ଦ୍ଧାମୂର୍ତ୍ତି ଫେରିବା ପରେ ଶୁନଶାନ ହୋଇଯାଇଥିଲା ଶରଧା ବାଲି। ନୀରବତା ସାଙ୍ଗକୁ ରାତିର ଘନ ଅନ୍ଧକାରର ରାଜୁତି ଚାଲିଥିଲା ଖାଁ ଖାଁ ଲାଗୁଥିଲା ଶରଧା ବାଲି ଓ ଗୁଣ୍ଡିଚା ମନ୍ଦିର। ଅଗମ୍ୟ ସେହି ଗୁଣ୍ଡିଚା ମନ୍ଦିରରୁ ପ୍ରଭୁ ଆସିବା ପରେ ଅଲୋଡ଼ା ହୋଇପଡ଼ିଥିଲା ସେଠାକାର ନୀରବତା ଓ ଅନ୍ଧାର ଭୌତିକ ପରିବେଶକୁ ଆମନ୍ତ୍ରିତ କରିଥିଲା। ଲାଗୁଥିଲା ସତେ ଯେପରି ପୁଣି ଫେରିଆସୁଥିଲା ବାବନା ଭୂତ।

ଆଜି ବି କିଛି ମାସ ଘରଟିଏ ଖାଲି ପଡ଼ିଲେ ବା ବନ୍ଦ ହୋଇ ନିବୁଜ ଅବସ୍ଥାରେ ପଡ଼ିଲେ, ସେଥିରେ ଭୂତ ରହୁଥିବା ଲୋକେ କୁହନ୍ତି। ଦୀର୍ଘଦିନ ବନ୍ଦ ରହିବା ପରେ ଘର ଖୋଲିଲେ ସମସ୍ତଙ୍କୁ ସେହି ଭାବନା ଆସିଥାଏ। ବିଜ୍ଞାନ ଯେତେ ଆଗକୁ ଯାଉ, ଏହି ଭାବନା କେବେ ବଦଳି ନାହିଁ। ଏହି ଭାବନା ପୂର୍ବକାଳରେ ଥିଲା। ବର୍ତ୍ତମାନ ବିଦ୍ୟୁତ ଆଲୋକର ପ୍ରଭାବ ଓ ଅତ୍ୟାଧୁନିକ ଜ୍ଞାନକୌଶଳ ସତ୍ତ୍ୱେ ଏପରି ଭାବନା ଆସୁଥିବାବେଳେ ପୂର୍ବ କାଳର ସ୍ଥିତି କେବଳ ଅନୁମାନ କରାଯାଇପାରିବ। ରଥଯାତ୍ରାର ଇତିହାସ ସ୍ପଷ୍ଟ ହୋଇନାହିଁ। କିନ୍ତୁ ରଥଯାତ୍ରାରେ ମହାପ୍ରଭୁ ଯାଇ ଆଡ଼ପମଣ୍ଡପରେ ବିଜେ କରନ୍ତି ଓ ବାହୁଡ଼ାରେ ବାହୁଡ଼ି ଆସନ୍ତି। ବର୍ଷ ସାରା ଶ୍ରୀଗୁଣ୍ଡିଚା ମନ୍ଦିର ଖାଲି ରହିଥାଏ। ୧୩୦୦ ମସିହାରୁ ପରମ୍ପରା ଚାଲିଥିବା ତଥ୍ୟ ମିଳିଛି। ତେବେ ସେତେବେଳେର ଭୌଗୋଳିକ ଓ ସାମାଜିକ ସ୍ଥିତିକୁ ଅନୁଧ୍ୟାନ କଲେ ଦେଖାଯାଏ, ବର୍ଷସାରା ଏତେବଡ଼ ଏକ ମନ୍ଦିର ଖାଲି ପଡ଼ିଥାଏ। ସେଠାକୁ ଯାତାୟାତ ନଥାଏ। ମାନବ ଚଳପ୍ରଚଳରୁ ବହୁ ଦୂରରେ ରହୁଥିବା ସ୍ଥାନର ପରିବେଶ ଭିନ୍ନ ହୋଇଥାଏ। ନଦୀ ପାର ହୋଇ ଗୌଡ଼ୀୟ ଭକ୍ତମାନେ ଜଙ୍ଗଲରେ ପ୍ରବେଶ କରିବା, ସର୍ପ ସଂକୁଳ ରାସ୍ତାରେ ଯାଇ ଆଡ଼ପମଣ୍ଡପରେ ପହଞ୍ଚିବା ଓ ଦୁର୍ଗମ ଅଞ୍ଚଳକୁ ଯାତ୍ରା ପାଇଁ ପ୍ରସ୍ତୁତ କରିବା ଥିଲା ଅତ୍ୟନ୍ତ କଷ୍ଟଦାୟକ। ସେଥିପାଇଁ ସେଠାରେ ଭୂତ ବିରାଜମାନ କରୁଥିବା ଲୋକେ କହନ୍ତି।

ତେବେ ଲୋକକଥାକୁ ନେଇ ରାଜ ସ୍ୱୀକୃତ ପରମ୍ପରା ହେବା ଏକ ଅନନ୍ୟ ଘଟଣା। ସେତେବେଳେ ଏହା ବହୁ କଷ୍ଟକର ଥିଲା। ଯାହାକୁ ଆଜି ଝାଲି ଯାତ୍ରା ବୋଲି କୁହାଯାଉଛି। ଏହି ଝାଲିଯାତ୍ରାରେ ଯାଉଥିବା ଭକ୍ତମାନେ ମହାପ୍ରଭୁଙ୍କ ଆସ୍ଥାନ ସଫା କରିବା ପରେ ଇନ୍ଦ୍ରଦ୍ୟୁମ୍ନରେ ସ୍ନାନ କରି ଆଇତୋଟାରେ ରାଜାଙ୍କ ପ୍ରଦତ୍ତ ଖଞ୍ଜାର ପ୍ରସାଦ ସେବନ କରିଥାନ୍ତି। ସେହି ଆଇତୋଟା ପଛରେ ଏକ ଅନନ୍ୟ ରହସ୍ୟ ରହିଛି। ଆଇତୋଟାର ରହସ୍ୟ ହେଉଛି, ଗୌଡ଼ୀୟ ବୈଷ୍ଣବଙ୍କ ମତରେ ବୃନ୍ଦା ହେଉଛନ୍ତି 'ଆଈ'। ବୃନ୍ଦାବନର ତତ୍କାଳୀନ ଭାଷା ଅନୁଯାୟୀ ଆଈର ଅର୍ଥ ମାଆ। ମାଆର ତୋଟାଟି ଦୁଇ ଭାଗରେ ବିଭକ୍ତ, ରାଧାକାନ୍ତ ମଠର ଆଇତୋଟା ଓ ଏବଂ ଝାଞ୍ଜପିଟା ମଠର ଆଇତୋଟା।

ମାତ୍ର ସମୟର ପରିବର୍ତ୍ତନ ସହ ସଭ୍ୟତା ବଦଳିଛି। ଦିନେ ନିର୍ଜନ ଓ ଅଗମ୍ୟ ଥିବା ଶ୍ରୀଗୁଣ୍ଡିଚା ମନ୍ଦିର ଏବେ ଲୋକାରଣ୍ୟ ହୋଇଯାଇଛି। ଚାରିଆଡ଼େ ଉଜ୍ଜ୍ୱଳ ଆଲୋକ ରହିଛି। ତଥାପି ବାହୁଡ଼ା ଦିନ ତିନିରଥ ଶରଧାବାଲିରୁ ଆସିବା ପରେ ସେହି ଅଞ୍ଚଳ ଏବେ ବି ଖାଁ ଖାଁ ଲାଗୁଛି। ସେହି ବିଶ୍ୱାସ ଅଛି, ଠାକୁର ବାହୁଡ଼ିଲେ ବର୍ଷସାରା ସିଂହାସନକୁ ଜଗି ରହୁଥିବା ବାବନା ଭୂତ ପୁଣି ଫେରି ଆସୁଛି।

ତେବେ ଆଡ଼ପ ମଣ୍ଡପ ଓ ଶ୍ରୀଗୁଣ୍ଡିଚା ମନ୍ଦିର ମାର୍ଜନା କରିବାର ପରମ୍ପରା ଏବେ ବି ରହିଛି। ଗୌଡ଼ୀୟ ସମ୍ପ୍ରଦାୟର ସାଧୁସନ୍ଥମାନେ ଘଣ୍ଟ ଘଣ୍ଟା ଖୋଳ,ମର୍ଦ୍ଦଳର ତାଳେ ତାଳେ ନାମ ସଂକୀର୍ତ୍ତନ କରି ହାତରେ ଝାଡୁ ଓ ମାଠିଆ ଧରି ଶ୍ରୀଗୁଣ୍ଡିଚା ମନ୍ଦିରରେ ପ୍ରବେଶ କରୁଛନ୍ତି। ମନ୍ଦିରର ନୀରବ ପରିବେଶକୁ ଧାର୍ମିକ ପରିବେଶରେ ପରିଣତ କରୁଛନ୍ତି। ଏହି ପରମ୍ପରାରେ ଅନେକ ଭକ୍ତମାନେ ମାର୍ଜନା ପରମ୍ପରାରେ ସାମିଲ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିର ଶୋଧ କରୁଛନ୍ତି କିନ୍ତୁ ଆଜିକା ସମୟକୁ ଦେଖିଲେ ବାସ୍ତବରେ ସେହି ରହସ୍ୟମୟ ବାବନା ଭୂତକୁ ଅନେକ କିନ୍ତୁ ଖୋଜି ବୁଲୁଛନ୍ତି !!

ହିନ୍ଦୁ ପରମ୍ପରାରେ ଭୂତ : ଭୂତ କହିଲେ ସାଧାରଣ ଭାବେ ଆମେ ଉପଦ୍ରବ କରୁଥିବା ମୃତ ଲୋକଙ୍କୁ ବୁଝିଥାଉ। ସେମାନେ ପାପଶକ୍ତି ପଦବାଚ୍ୟ। ତେବେ ହିନ୍ଦୁ ଧର୍ମ ପୁରାଣ ଅନୁଯାୟୀ ଭୂତମାନେ ପାପଶକ୍ତି ନୁହନ୍ତି ସେମାନେ ଦୈବୀଶକ୍ତି ଏବଂ ଶିବ ହେଉଛନ୍ତି ସେମାନଙ୍କର ପ୍ରଭୁ।

ଶିବଙ୍କୁ ଭୂତେଶ ବା ଭୂତେଶ୍ୱର କୁହାଯାଏ। ତେଣୁ ଉପଦ୍ରବକାରୀ ପାପଶକ୍ତିଙ୍କୁ ଆମେ ପ୍ରେତ ବା ପିଶାଚ କହିବା ଅଧିକ ନିରାପଦ। ବ୍ରହ୍ମାଣ୍ଡ ପୁରାଣ ଅନୁଯାୟୀ ନୀଳଲୋହିତ ରୁଦ୍ର ଅବତାରରେ ଶିବ ଭୂତମାନଙ୍କୁ ସତୀଙ୍କ ଶରୀରରୁ ସୃଷ୍ଟି କରିଥିଲେ। ସେ ଭୂତମାନଙ୍କର ନିୟନ୍ତ୍ରକ। ଗଣପତି ହେଉଛନ୍ତି ଭୂତଙ୍କର ନେତା। ମତ୍ସ୍ୟ ପୁରାଣ ଅନୁଯାୟୀ ନନ୍ଦି ଏବଂ ବାମନ ପୁରାଣ ଅନୁଯାୟୀ ବୀରଭଦ୍ର ସେମାନଙ୍କର ମୁଖିଆ। ଭୂତଙ୍କ ସଂଖ୍ୟା ଏଗାର କୋଟି। ସେମାନେ ଦେଖିବାକୁ କ୍ଷୀଣକାୟ ସେମାନଙ୍କ ଓଷ୍ଟଦେଶ ମାଂସାଳ, କର୍ଣ୍ଣ ଲମ୍ୱା, ଚକ୍ଷୁ ଲୋହିତ ବର୍ଣ୍ଣ, ଦନ୍ତ ଲମ୍ବ ଏବଂ ଶାଣିତ ଭ୍ରୁଲତା ବହଳିଆ, ଏବଂ ଶରୀରର ବର୍ଣ୍ଣ ଘନ ନୀଳ। ସେମାନେ ବିଷାକ୍ତ ସର୍ପଙ୍କୁ ଉପନୀତ ଭାବେ ଧାରଣ କରିଥାଆନ୍ତି।

ସେମାନେ ତ୍ରିଶୂଳ, ଧନୁ, ତରବାରି ଭଳି ଶସ୍ତ୍ରଚାଳନାରେ ନିପୁଣ। ଦେବତାଙ୍କ ପକ୍ଷରେ ରହି ସେମାନେ ଦାନବଙ୍କ ସହ ଯୁଦ୍ଧ କରନ୍ତି। ସେମାନଙ୍କୁ ସଂଗୀତ ଆଦୌ ଭଲଲାଗେନାହିଁ। ସେମାନେ ଗୁପ୍ତଧନ ଜଗୁଥିବା ବିଶ୍ୱାସ କରାଯାଏ। ମୁଖ୍ୟତଃ ଦକ୍ଷିଣ ଭାରତର ବିଭିନ୍ନ ମନ୍ଦିରରେ ଭୂତଙ୍କୁ ପାର୍ଶ୍ୱଦେବତା ଭାବେ ପୂଜା କରାଯାଏ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ,**
**ଦୂରଭାଷ : ୯୧୩୨୪୩୩୩୩୩**

# ରଥ 'ମନୋହର' ଏବେ ସାତ ସପନ


ହୃଶିକେଶ ପୁହାଣ

ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେଉଥିବାବେଳେ ଅଗଣିତ ଶ୍ରୀଜଗନ୍ନାଥଙ୍କ ଶ୍ରଦ୍ଧାଳୁ ଖୋଜୁଛନ୍ତି ପୁରୁଣା ସମୟର 'ରଥ ମନୋହର'। ଅନେକ ହୁଏତ ଜାଣି ନାହାଁନ୍ତି ମହାପ୍ରଭୁଙ୍କ ଅତ୍ୟନ୍ତ ପ୍ରିୟ ଏହି ଭୋଗ ନୈବେଦ୍ୟ ଆଉ ଏବେ ପ୍ରସ୍ତୁତ ହେଉନାହିଁ। ପରମ୍ପରା ରହିଛି ପ୍ରଭୁ ଶ୍ରୀଜଗନ୍ନାଥ ରଥାରୂଢ଼ ଥିବାବେଳେ ମୁଖ୍ୟତଃ ଶୁଖିଲା ଭୋଗ ଅର୍ପଣ ହେବ। ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ରଥାରୂଢ଼ ଶ୍ରୀଜୀଉଙ୍କ ଭୋଗ ସଂପର୍କରେ ସବିଶେଷ ବିବରଣୀ ରହିଛି। କିନ୍ତୁ ଏହି ଭୋଗ ତାଲିକା କାଳକ୍ରମେ ଲୋପ ପାଇବାରେ ଲାଗିଛି। ସ୍ୱତ୍ୱଲିପିରେ ଉଲ୍ଲେଖ ଅଛି ରଥ ଉପରେ ଠାକୁର ଥିବାବେଳେ ବଡ଼ସାନ ମନୋହର, ପଶୁପାଳକ କାକରା, ତାଟ ବାବଦ ନାଳି, ଗଜା ବଡ଼ସାନ, ଟାକୁଆ, ଫେଣି, କାକରା, ଡାଳିମ୍ବ, ଟାକୁଆ, ସାନସରା, ଗଜା, ସୁଆରନଡ୍ଡୁ, କୋରା, ଖଇ, ବଡ଼ କାକରା, ଉଠା କାକରା, ମହାପ୍ରସସ୍ତ ମନୋହର, ବଡ଼ ଅମାଲୁ, ସାନ ଅମାଲୁ, ଝଡ଼ାଇ ନେଦା, ମାଣ୍ଡୁଅ, ଟାକୁଆ ବଡ଼ସରା, ରଥ ମନୋହର, ମରିଚ ନଡ୍ଡୁ ଆଦି ସାମଗ୍ରୀ ରଥ ଉପରେ ଭୋଗ ହୋଇଥିଲା। ଏବେ କିନ୍ତୁ ରଥକୋରା, ବଲ୍ଲଭ ଖଇ, ଶଙ୍ଖାକୃତି ସାକର ଲାଗି ହେଉଛି।

ସଂପ୍ରତି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବଡ଼ଦେଉଳ ପରିଚାଳନାରେ ସଂସ୍କାର ବ୍ୟବସ୍ଥା ଲାଗୁ ହେବା ପରେ ମନ୍ଦିର ପ୍ରଶାସନର କର୍ମଚାରୀ ସଂଖ୍ୟା ବଢ଼ିଛି। ମନ୍ଦିର ସ୍ଥାୟୀ ଜମା ପରିମାଣ ଏବେ ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇଛି। ଭକ୍ତମାନଙ୍କ ସଂଖ୍ୟା ମଧ୍ୟ ପାଞ୍ଚଗୁଣକୁ ବୃଦ୍ଧି ପାଇଛି। ଖର୍ଚ୍ଚ ବି ତିନି ଗୁଣାକୁ ବଢ଼ିଛି। ସବୁ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଥିବାବେଳେ ପ୍ରଭୁଙ୍କ ବିଶ୍ୱବିଖ୍ୟାତ ରଥଯାତ୍ରା ବେଳେ ରଥାରୂଢ଼ ଶ୍ରୀବିଗ୍ରହମାନଙ୍କ ଭୋଗ ସାମଗ୍ରୀ ସଂଖ୍ୟା ହ୍ରାସ ପାଇବା ଭକ୍ତମନରେ ଆଘାତ ଦେଇଛି। ସ୍ୱତ୍ୱଲିପିକୁ ସମସ୍ତେ ଏବେ ବ୍ୟକ୍ତିଗତ ସେବା ଅଧିକାର ନେଇ ବେଶ ଗୁରୁତ୍ୱ ଦେଉଛନ୍ତି। ନିଜ ନିଜର ଅଧିକାର ବି ସାବ୍ୟସ୍ତ କରୁଥିବା ବେଳେ ପ୍ରଭୁଙ୍କ ସେବା ସଂଖ୍ୟା କିନ୍ତୁ ହ୍ରାସ ପାଇବାରେ ଲାଗିଛି।

ମନେ ହେଉଛି ସ୍ୱତ୍ୱଲିପିର ପୃଷ୍ଠା ଭିତରେ ସୀମିତ ରହିଯାଇଥିବା ରଥ ଉପରେ ଲାଗି ଶୁଖିଲା ଭୋଗ ସାମଗ୍ରୀଗୁଡ଼ିକ ପୁନଃ ପ୍ରଚଳନ କରିବାରେ ପ୍ରଶାସନ କିମ୍ବା ଅନ୍ୟ କାହାର ଆଗ୍ରହ ନାହିଁ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ଲାଗି ହେଉଥିବା ବିଲୁପ୍ତପ୍ରାୟ ଭୋଗ ସାମଗ୍ରୀ ମଧ୍ୟ ସଂସ୍କୃତି, ପରମ୍ପରାର ଏକ ଅଂଶ ବିଶେଷ ଥିବାରୁ ଏହାର ସୁରକ୍ଷା ଜରୁରୀ ହୋଇପଡ଼ିଛି। ଏଥିପ୍ରତି ସମସ୍ତେ ସଚେତନ ହେବାକୁ ଭକ୍ତମାନେ ଦାବି କରିଛନ୍ତି।

**ଥାଇଲୋ, ଅଲିକଣ୍ଠା, ବାଲିକୁଦା, ଜଗତସିଂହପୁର-୭୫୪୧୦୮,**
**ଦୂରଭାଷ : ୭୦୦୮୪୩୮୯୫୯**
**E-mail : hrushikeshpuhan5@gmail.com**

# ତିନିରଥର ନାମକରଣ


ଡାକ୍ତର ରାମ ପ୍ରସାଦ ରାୟ

ମହାପ୍ରଭୁ ଶ୍ରୀଜଗନ୍ନାଥ ଅସମ୍ପୂର୍ଣ୍ଣ ହୋଇ ମଧ୍ୟ ସ୍ୱୟଂ ସମ୍ପୂର୍ଣ୍ଣ। ସେ ହେଉଛନ୍ତି ସମଗ୍ର ମୂର୍ତ୍ତିତତ୍ତ୍ୱର ପ୍ରତୀକ। ସର୍ବଧର୍ମର ମୂଳାଧାର। ସର୍ବକର୍ମ ସ୍ୱରୂପ। ସର୍ବଜୀବ ସ୍ୱରୂପ। ସେ ସିଦ୍ଧି ଦାତା ଓ ମୁକ୍ତିଦାତା। ସମଗ୍ର ବିଶ୍ୱରେ ସେ ଏକ ପ୍ରତିରୂପ। ତାଙ୍କର ରୂପ, ରଙ୍ଗ, ଆକାର, ବେଶ, ପୋଷାକ, ପୂଜା, ପାର୍ବଣ, ଯାତ୍ରା, ଉତ୍ସବ ଅନୁଷ୍ଠାନ, ମନ୍ଦିର ତଥା କ୍ଷେତ୍ର ବିଷୟକ ସମଗ୍ର ତତ୍ତ୍ୱ ଓ ତଥ୍ୟ ରହସ୍ୟମୟ।

ଆମ ସାମାଜିକ ଓ ଜୀବନ କ୍ଷେତ୍ରର ପରିଚୟ ନିମିତ୍ତ ସମସ୍ତଙ୍କର ଏକ ଏକ ନିର୍ଦ୍ଦିଷ୍ଟ ନାମ ସବୁ ରହିଛି। ଠିକ ସେହିପରି ମହାପ୍ରଭୁଙ୍କ ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ପତିତପାବନ ଯାତ୍ରା ବା ରଥଯାତ୍ରା ନିମିତ୍ତ ରଥ ମାନଙ୍କର ମଧ୍ୟ ନାମ ସବୁ ରହିଛି। ଏହି ରଥଯାତ୍ରା ଦିନ ଚତୁର୍ଦ୍ଧା ମୂର୍ତ୍ତି ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଓ ଆୟୁଦ୍ଧ ସୁଦର୍ଶନଙ୍କୁ ତିନି ରଥ ନେଇ ଯାଇଥାନ୍ତି ମହାପ୍ରଭୁଙ୍କ ଜନ୍ମସ୍ଥାନ ଗୁଣ୍ଡିଚା ମନ୍ଦିର।

ଏହି ରଥ ଗୁଡ଼ିକର ନାମ ମଧ୍ୟ ଭିନ୍ନ ଭିନ୍ନ। ବଳଭଦ୍ରଙ୍କ ରଥର ନାମ ତାଳଧ୍ୱଜ, ଦେବୀ ସୁଭଦ୍ରାଙ୍କ ରଥର ନାମ ଦେବ ଦଳନ ବା ଦର୍ପଦଳନ ଓ ମହାପ୍ରଭୁ ଜଗନ୍ନାଥଙ୍କ ରଥର ନାମ ନନ୍ଦିଘୋଷ। ଏହି ରଥ ଗୁଡ଼ିକର ନାମ ସଂପର୍କରେ ଊଣା ଅଧିକେ ସମସ୍ତେ ପରିଚିତ। ତଥାପି ରଥ ଗୁଡ଼ିକର ଏପରି ନାମକରଣ କାହିଁକି ହୋଇଛି ତାହା ଏବେ ବି ରହସ୍ୟମୟ। ବଳଭଦ୍ରଙ୍କ ରଥର ନାମ ତାଳଧ୍ୱଜ ରହିବାର ତାତ୍ପର୍ଯ୍ୟ ସଂପର୍କରେ ପୁରାଣର କଥାବସ୍ତୁ ଅନୁଯାୟୀ ଦ୍ୱାପର ଯୁଗରେ ତାଳବନ ମଧ୍ୟରେ ଧେନୁକା ନାମକ ଦୁର୍ଦ୍ଦାନ୍ତ ରାକ୍ଷସକୁ ବିନାଶ କରିବା ପାଇଁ ଦେବତାମାନେ ବଳରାମଙ୍କୁ ଯେଉଁ ରଥ ଆଗ୍ରହରେ ପ୍ରଦାନ କରିଥିଲେ, ସେହି ରଥର ଧ୍ୱଜାରେ ତାଳଚିହ୍ନ ଥିବାରୁ ରଥର ନାମ ତାଳଧ୍ୱଜ କରାଯାଇଛି।

ସେହିପରି ଦେବୀ ସୁଭଦ୍ରାଙ୍କ ରଥର ନାମକରଣ ସଂପର୍କରେ ଯାହା ଜଣାଯାଏ ସମସ୍ତ ପ୍ରକାର ଦର୍ପକୁ ଦେବୀ ଯୋଗମାୟା ସୁଭଦ୍ରା ଦଳନ କରିପାରୁଥିବାରୁ ତାଙ୍କ ରଥର ନାମ ଦର୍ପଦଳନ। ଜଗତରନାଥ ଜଗନ୍ନାଥ ରଥର ନାମ ନନ୍ଦିଘୋଷ ରହିବାର ତାତ୍ପର୍ଯ୍ୟ କହେ ବ୍ରହ୍ମାଙ୍କ ଆଦେଶାନୁସାରେ ନନ୍ଦିକେଶ୍ୱର ଦେବ ରଥର ଚକପାଖରେ ରହି ଘୋର ଗର୍ଜ୍ଜନ କରିବାରୁ ଦୈତ୍ୟବଳ ଛତ୍ରଭଙ୍ଗ ଦେଇଥିଲେ। ତେଣୁ ବ୍ରହ୍ମା ଏହି ରଥର ନାମ ନନ୍ଦିଘୋଷ ରଖିଥିଲେ।

**କ୍ୟାମ୍ପ ଆସିଷ୍ଟାଣ୍ଟ, ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ ସେଣ୍ଟର, କଟକ, ଦୂରଭାଷ : ୮୨୬୦୪୦୮୮୩୬**

# ଇଚ୍ଛାଥିଲେ ଉପାୟ ହାତ ପାହାନ୍ତାରେ କାହାଣୀ ଏକ ଆଦିବାସୀ ଗାଁର...

***ସମ୍ବଲପୁର,(ଡିକେ ନ୍ୟୁଜ): ଯୋଡାକୁ ଘୋଡା ଶରି ନୁହଁ, ଏକତାର ଶହ କାମ କଲେ କିଛି ଅସମ୍ଭବ ନୁହଁ। ହାର ନ ମାନି ଆଗକୁ ଗଲେ ସଫଳତା ବାଟ ଦେଖାଏ। ସମସ୍ୟା ଅଛି ସମାଧାନବି ଅଛି। ଖାଲି ଏକାଗ୍ରତାର ସହ କରି ପାରିଲେ ହେଲା। ସରକାର ଯେଉଁଠି ଲୋକଙ୍କୁ ଅଣଦେଖା କଲେ ଲୋକେ ତାହା କରି ଦେଖାଇଲେ। ଏବେ ସରକାରୀ ଅଧିକାରୀ କହନ୍ତି ଆମେବି ଯୋଜନା କରିଛୁ। ଏତେ ଦିନ ପର୍ଯ୍ୟନ୍ତ କେଉଁଠି ଥିଲ ? ଆମ ସମ୍ବଲପୁର ଜିଲ୍ଲା ପ୍ରତିନିଧି ରମାକାନ୍ତ ବିଶ୍ୱାଳଙ୍କ ଏକ ସ୍ୱତନ୍ତ୍ର ଉପସ୍ଥାପନା।***

ଆମେ ସକାଳୁ ସକାଳୁ ଘରକୁ ଘର ଯାଇ ଥାଳି ଧରି ଭିକ୍ଷା ମାଗୁ । କିଏ ତାର ଶକ୍ତି ଅନୁସାରେ ଟଙ୍କା ଦିଏ ତ କିଏ ଚାଉଳ ମୁଠାଏ ଦିଏ। ଏହାକୁ ଆମେ ସଂଗ୍ରହ କରି ଜଙ୍ଗଲରେ ରୋଷେଇ କରୁ ଓ ତାକୁ ଖାଇ ଆଡିବନ୍ଧ ଓ କେନାଲ ଖୋଲିବା କାମ କରୁ । ଗାଁ ର ୫୦ ଜଣ ଲୋକ ସକାଳୁ ଆସି ଏହି କାମରେ ଲାଗିଯାଉ। ଏଥିପାଇଁ କାହାରିକୁ ପାରିଶ୍ରମିକ ଦେବାକୁ ପଡେ ନାହିଁ। ସମସ୍ତେ ମାଗଣାରେ ଏଠାରେ କାମ କରୁଥିଲେ। ଅନ୍ୟପଟେ ଏହି କାର୍ଯ୍ୟ ପାଇଁ ଯାହାବି ଅର୍ଥ ର ଆବଶ୍ୟକ ପଡୁଥିଲା ସେଥିପାଇଁ ଆମେ ଆମର ଦୈନିକ ମଜୁରୀକୁ ଘରକୁ ନ ନେଇ ଏକାଠି କରି ଜମା କରୁଥିଲୁ ଓ ଏହି କେନାଲ ଓ ଆଡି ବନ୍ଧ କାମରେ ଲଗାଉ ଥିଲୁ, ଆଉ ଏବେ ୬୦୦ ଏକର ଜମିରେ ଜଳ ସେଚନ କରିବାକୁ ବନ୍ଧ ପ୍ରସ୍ତୁତ ଏହା ଅତି ସନ୍ତୋଷ ମନରେ କହନ୍ତି ସମ୍ବଲପୁର ଜିଲ୍ଲା ଜୁଯୁମୁରା ବ୍ଲକ କୟାକୁଦ ପଞ୍ଚାୟତର ରାମବଡ଼ମାଲ ଗାଁ ର ଜଣେ ସରଳ ଆଦିବାସୀ ବ୍ୟକ୍ତି । ସେ ହେଉଛନ୍ତି ଚକ୍ରଧର ମିର୍ଦ୍ଧା। ଏହି ଗାଁ ର ଜଙ୍ଗଲ ରେ ଥିବା ଠେଲାକୋ ନାଳରେ ସ୍ଥାନୀୟ ଲୋକେ ନିଜେ ଶ୍ରମଦାନ କରି ୨ ମାସ ଭିତରେ ଏକ ଆଡିବନ୍ଧ ଓ ୧ କିମି ଦୀର୍ଘ କେନାଲ ନିଜେ ତିଆରି କରିଛନ୍ତି ସେଥିପାଇଁ ଏହି ଗାଁର ଏ କାହାଣୀକୁ ଲୋକଲୋଚନକୁ ତଥା ଦୂର ଦୃଷ୍ଟିର ଅଭାବଥିବା ପ୍ରଶାସନିକ ଅଧିକାରୀଙ୍କ ପାକୁ ପହଞ୍ଚାଇବାର ଇଚ୍ଛା ହେଲା। ଏହି ଗାଁ ଟି ସମ୍ବଲପୁର ସହରର କଟକ ଆଡକୁ ଗଲେ ଜୁଯୁମୁରା ପରେ ପରେ





ପଡିଥାଏ। ଏହାର ଦୂରତା ସମ୍ବଲପୁର ସହରରୁ ପ୍ରାୟ ୪୦କିମି ହେବ। ଗାଁ ଟି ଆଦିବାସୀ ଅଧ୍ୟୁଷିତ ଗାଁ । ଆଡିବନ୍ଧକୁ ଯିବାକୁ ହେଲେ ଜଙ୍ଗଲ ଭିତରେ ପ୍ରାୟ ୧ କିମି ଦୂରତା ଚାଲି ଚାଲି ଯିବାକୁ ପଡେ। ଏହି ଆଡି ବନ୍ଧରେ ପାଣି ପୂର୍ଣ୍ଣ ହୋଇଗଲେ ଏହି ପାଣିରେ ରାମବଡ଼ମାଲ ଓ ଜରେସିଂହା ଗାଁ ର ପ୍ରାୟ ୬୦୦ ଏକର ଜମିରେ ଜଳସେଚନର ସୁବିଧା ହୋଇ ପାରିବ ବୋଲି ସ୍ଥାନୀୟ ଲୋକ ପ୍ରକଶ କରିଛନ୍ତି। ସୂଚନାଯୋଗ୍ୟ ଯେ ୨୦୧୨ ରେ ଏହି ଠେଲକୋ ନାଳରେ ଏକ ଆଡିବନ୍ଧ ବ୍ଲକ ପାଣ୍ଠିରୁ ତିଆରି ହୋଇଥିଲା। ତେବେ ୨୦୧୩ ମସିହାରେ ଏହି ଆଡିବନ୍ଧ ଭାଙ୍ଗି ଯାଇଥିଲା। ସେହି ଦିନଠାରୁ ଏହି ଆଡିବନ୍ଧକୁ ମରାମତି କରିବାକୁ ସ୍ଥାନୀୟ ଲୋକେ ବାରମ୍ବାର ବିଡ଼ିଓ କାର୍ଯ୍ୟାଳୟକୁ ଦୌଡ଼ି ନୟାନ୍ତ ହୋଇଗଲେ ମଧ କୌଣସି ଫଳ ନ ମିଳିବାରୁ ଶେଷରେ ଗତ ମଇ ମାସରୁ ଗାଁ ଲୋକେ ଏକ ବୈଠକ କରି ନିଜେ ନିଜ ଉଦ୍ୟମରେ ଏହି ଆଡିବନ୍ଧ ଓ କେନାଲକୁ ମରାମତି କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ସପ୍ତାହରେ ଦିନେ ଘରର ଜଣେ ଲୋକ ଶ୍ରମଦାନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ତା ପରେ ଗାଁ ର ୫୦ ଜଣ ଲୋକ ରବିବାର ଦିନ କୋଦାଳ, ଫାଉଡା ଧରି ନିଜେ ଶ୍ରମ ଦାନ କରି ୨ ମାସ ଭିତରେ ଏହି ଆଡିବନ୍ଧକୁ ମରାମତି କରିବା ସହ କେନାଲକୁ ପୁନଶ୍ଚ ଖୋଲି ସଫା ସୁତୁରା କରିଥିଲେ। ଏହି ଆଡିବନ୍ଧ ଓ କେନାଲ ତିଆରିର ସଂଘର୍ଷ ଓ ତିଆରି ହେବା ପରର ସନ୍ତୁଷ୍ଟି ନେଇ ସ୍ଥାନୀୟ ଆଦିବାସୀ ବୃଦ୍ଧ ଚୈତନ୍ୟ ମିର୍ଦ୍ଧା କୁହନ୍ତି ପୂର୍ବରୁ ଆମ ଗାଁ ରେ ପାଣିର ବହୁତ ଅସୁବିଧା ଥିଲା। ଏହି ଅସୁବିଧାରୁ ବଞ୍ଚିବା ପାଇଁ ଆମେ ଏହି କାମ କରିଛୁ । ଆମ ଗାଁ ଟି ଶୁଖିଲା ଜାଗା ଅଟେ, ପାଣିର ବହୁତ ସମସ୍ୟା ଲାଗି ରହିଥାଏ। ତେଣୁ ଏଠାରେ ଚାଷ ବାସରେ ବହୁତ ସମସ୍ୟା ହୋଇଥାଏ। ତେଣୁ ଆମେ ବୁଦ୍ଧି ଖଟେଇକି ଏହି କାମ କରିଛୁ । ଏହି କାମ ସାରିବାକୁ ଆମକୁ ୨ ମାସ ଲାଗିଗଲା । ବର୍ତ୍ତମାନ ପାଣି ଜମିକୁ ପହଞ୍ଚିବା ଉପରେ, ବର୍ତ୍ତମାନ ଆମକୁ ମରୁଡିର କୌଣସି ଭୟ ନାହିଁ। କାରଣ ଏହି ପାଣି ରାମ ବଡ଼ମାଲ ଓ ଜରେସିଙ୍ଗା ଗାଁ ର ୬୦୦ ଏକର ଜମିକୁ ସେଚିତ କରିବ। ପୂର୍ବରୁ ବର୍ଷା ଅଧିକ ହେବାରୁ କିଛି ସମସ୍ୟା ହେଉନଥିଲା, ତେବେ ବର୍ତ୍ତମାନ ବର୍ଷା ର ପରିମାଣ କମିଯାଇଛି ତଥା ଆମ ଗାଁରେ ପୋଖରୀ କି ବନ୍ଧ କିଛି ନଥିବା ରୁ ଆମେ ବହୁତ ଅସୁବିଧା ପାଉଥିଲୁ। ତେବେ ବର୍ତ୍ତମାନ ଆମେ ବହୁତ ଖୁସି, ଜମିରେ ପାଣି ମାଡିଗଲେ ଆହୁରି ଖୁସି ହେବୁ। ତେବେ ଏହି ଆଡିବନ୍ଧ ଓ କେନାଲ ତିଆରିରେ ପ୍ରମୁଖ ଭୂମିକା ନିଭେଇ ଥିଲେ ଏହି ଗାଁ ର ପ୍ରଭାତ କୁମାର ପ୍ରଧାନ। ସେ ଗାଁ ର ଲୋକଙ୍କୁ ଏକାଠି କରି ଏହି କାମ କରେଇଥିଲେ। ସେ କୁହନ୍ତି ଯେ ୨୦୧୨ରେ ଏହି ଆଡି ବନ୍ଧ ତିଆରି ହୋଇଥିଲା ତେବେ ଗୋଟିଏ ବର୍ଷ ଭିତରେ ଏହା ଭାଙ୍ଗିଗଲା। ତାପରେ ଆମେ ଜିଲ୍ଲା ପ୍ରଶାସନ ଯେତେ ଗୁହାରି କଲେ ମଧ ଶୁଣିଲା ନାହିଁ। ତେଣୁ ଗାଁରେ ମିଟିଙ୍ଗ କରି ଆମେ ନିଜେ ଏହାକୁ ମରାମତି କରିଛୁ। ଏହା ସହ ୧ କିମି ଦୀର୍ଘ କେନାଲକୁ ମଧ ନିଜେ ଖୋଲିକି ସଫା ସୁତୁରା କରିଛୁ କିନ୍ତୁ କେତେକ ସ୍ଥାନରେ ବଡ଼ ବଡ଼ ପଥର ପଡିଯିବାରୁ ଆମକୁ ଜେସିବି ମେସିନ ବ୍ୟବହାର କରିବାକୁ ପଡୁଥିଲା । ଏଭଳି ଭାବରେ ରେ ଗାଁ ର ଲୋକେ ଟଙ୍କା ଆଦାୟ କରି ଆମର ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇ ଯାଇଛି ବୋଲି କହିଛନ୍ତି ଶ୍ରୀଯୁକ୍ତ ପ୍ରଧାନ। ସରକାର ଯଦି ଆମକୁ ଟିକେ ସହାୟତା କରନ୍ତେ ଓ କେନାଲର ଦୀର୍ଘତା ବୃଦ୍ଧି କରାଗଲେ ଅଧିକ ଜମିକୁ ପାଣି ମାଡ଼ିବ। ତେବେ ଏମିତି କେଉଁ ପରିସ୍ଥିତି ହେଲା ଯେ ଗାଁ ଲୋକଙ୍କ କଥା ପ୍ରଶାସନ ଶୁଣିଲା ନାହିଁ ଓ ଗାଁ ଲୋକଙ୍କୁ ଏହି କାମ ନିଜେ କରିବାକୁ ପଡିଲା ଏହା ଏକ ବଡ଼ ପ୍ରଶ୍ନ। ଅବଶ୍ୟ ଗାଁ ଲୋକ ଏହି କାମ କରି ଏକ ଉଦାହରଣ ସ୍ଥାପନ କରିଛନ୍ତି ଏଥିରେ ଦ୍ୱିମତ ହେବାର ନାହିଁ। ଏନେଇ ଯୁଜୁମୁରା ବ୍ଲକର ବିଡ଼ିଓ ଦାୟିତ୍ୱରେ ଥିବା ଏବିଡିଓ ପ୍ରଜ୍ଞା ପାଣିଗ୍ରାହୀ କହିଛନ୍ତି ଯେ ଏନେଇ ଆମେ ତଦନ୍ତ କରି କି ଜାଣିଛୁ ଯେ ଗାଁ ବାସୀ ନିଜସ୍ୱ ଶ୍ରମ ଦାନ କରି ଏହି କାମ କରିଛନ୍ତି । ଏହା ଆମ ନଜରରେ ଅଛି। ସେହି କାମକୁ ଆମେ ଏନଆରଇଜିଏସର ଆନୁଏଲ ଏକ୍ସନ ପ୍ଲାନ ରେ ରଖିଛୁ। ଏହା ଜିଲ୍ଲା ପରିଷଦ ଅଫିସରୁ ମଞ୍ଜୁର ହୋଇକି ଆସିଲେ ଏହା କରା ଯାଇ ପାରିବ। ଏହା ସହ ସେହି ଆଡିବନ୍ଧର ପଛ ପଟେ ଏକ ଗାର୍ଡ ୱାଲ ତିଆରି କରିବାକୁ ଏମଏଲଏ ଲାଡ କିମ୍ବା ଏମପି ଲାଡ ପାଣ୍ଠିରୁ ଏହି କାମ ହାତକୁ ନିଆଯିବ ବୋଲି କହିଛନ୍ତି ବିଡ଼ିଓ । ଅନ୍ୟପଟେ ସମୟ ସମୟରେ ପ୍ରଶାସନିକ ଅଧିକାରୀ ମାନଙ୍କ ବଦଳି ତଥା ଗାଁ ଲୋକଙ୍କ ଏହି ସମସ୍ୟାର ସୂଚନା ଆମ ପାଖକୁ ସଠିକ ଭାବରେ ପହଞ୍ଚି ପାରି ନଥିଲା ତେଣୁ ଏହି ବିଳମ୍ବ ହୋଇଥିବା କହିଛନ୍ତି ବିଡ଼ିଓ । ଏବେ ଦେଖିବାକୁ ବାକି ରହିଲା ଆଗକୁ କଣ ହେଉଛି ।

## ସରକାରୀ ଜମି ଜବରଦଖଲ : ତହସିଲଦାର ନିରବଦ୍ରଷ୍ଟା

**ସମ୍ବଲପୁର,(ଡିକେ ନ୍ୟୁଜ୍):** ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ସମସ୍ତ ତହସିଲଦାରଙ୍କୁ କଡ଼ା ନିର୍ଦ୍ଦେଶ ଜାରି କରିବା ସହିତ ଏହାର ସଫଳ ରୂପାୟନ ପାଇଁ ବାରମ୍ବାର ତାଗିଦ୍ କରି ଆସୁଛନ୍ତି। ହେଲେ ରାଜସ୍ୱ ମନ୍ତ୍ରୀଙ୍କ କଡ଼ା ଆଭିମୁଖ୍ୟ ସତ୍ତ୍ୱେ ରେଙ୍ଗାଲି ତହସିଲ ଅଞ୍ଚଳରେ ପ୍ରତିଯୋଗିତା ଭିତ୍ତିରେ ସରକାରୀ ଜମି ଜବରଦଖଲ ଜୋରସୋରରେ ଚାଲିଛି। ବିଶେଷତଃ ରେଙ୍ଗାଲି ଶିଳ୍ପାଞ୍ଚଳରେ ଜବରଦଖଲ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ସରକାରୀ ଜମି ଜବରଦଖଲରେ ସ୍ଥାନୀୟ ଲୋକଙ୍କ ଅପେକ୍ଷା ଜିଲା ବାହାର ଓ ରାଜ୍ୟ ବାହାର ଲୋକ ଆଗୁଆ ଥିବାର କୁହାଯାଉଛି। ରେଙ୍ଗାଲି ଅଞ୍ଚଳରେ ପ୍ରତିଷ୍ଠିତ ବିଭିନ୍ନ କଳକାରଖାନାରେ ଚାକିରି ପାଇଁ ଆସିଥିବା ବାହାର




ଅଞ୍ଚଳର ଲୋକେ କଳେବଳେ କୌଶଳେ ସରକାରୀ ଜମି ଅକ୍ତିଆର କରି ଅଫିସ ଛୁଟି ରହୁଥିବା ଦିନ ମାନଙ୍କରେ ଯୁଦ୍ଧ କାଳିନ ଭିତ୍ତିରେ ଘର ତିଆରି କରୁଥିବା ନଜରକୁ ଆସୁଛି। ହେଲେ ଖୋଲାଖୋଲି ଏଭଳି ଜବରଦଖଲ ଚାଲିଥିଲେ ହେଁ ତାହା ଉଚ୍ଛେଦ କରିବାରେ ତହସିଲଦାର ବିଫଳ ହୋଇଥିବା ଅଭିଯୋଗ ହେଉଛି। ସରକାରୀ ଜମିରେ ବେଆଇନ କୋଠାବାଡ଼ି ନିର୍ମାଣ କରିଥିବା ତଥାକଥିତ ଜବରଦଖଲ କାରୀଙ୍କ ଘରକୁ ବିଜୁଳି ଓ ପାଣି ସଂଯୋଗ କରାଯାଉଥିବା ସଚେତନ ନାଗରିକଙ୍କୁ ଆଶ୍ଚର୍ଯ୍ୟ କରୁଛି। ଆବାସ ଯୋଜନାରେ ଘର ପାଉଥିବା ଭୂମିହୀନ ଗରିବଙ୍କୁ ୫ ଡିସମିଲ୍ ଜମି ଦେଲା ବେଳକୁ ରାଜସ୍ୱ ବିଭାଗ କେତେ ଆଇନ୍ କାନୁନ୍ ଦେଖାଉ ଥିବା ବେଳେ ରାଜ୍ୟବାହାର ଓ ଜିଲ୍ଲା ବାହାର ଲୋକ ଏଠାକୁ ଆସି ସରକାରୀ ଜମି ଜବରଦଖଲ କରି ଖୁବ୍ ଆରାମରେ ଘର ତିଆରି କରୁଛନ୍ତି। ଏମିତିରେ ଅଞ୍ଚଳର ରାଜସ୍ୱ ବିଭାଗ ମୁଖ୍ୟ ତହସିଲଦାର ନିରବଦ୍ରଷ୍ଟା କାହିଁକି ବୋଲି ପ୍ରଶ୍ନ ଉଠୁଛି। ଗୋଟିଏ ପଟେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ରାଜସ୍ୱ ମନ୍ତ୍ରୀ କଡ଼ା ଆଭିମୁଖ୍ୟ ଗ୍ରହଣ କରୁଥିବା ବେଳେ ଏଠି ମନ୍ତ୍ରୀଙ୍କ ଆଭିମୁଖ୍ୟ ଓ ନିର୍ଦ୍ଦେଶକୁ ଭୃକ୍ଷେପ ନକରି ଜବରଦଖଲ ଅବ୍ୟାହତ ରହିଛି। ଏମିତିରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଏକ ପ୍ରହସନ ପାଲଟିଛି।

## ସନ୍ଧ୍ୟା ଦର୍ଶନ ପାଇଁ ଅସମ୍ଭବ ଭିଡ଼

**ପୁରୀ,(ଡିକେ ନ୍ୟୁଜ୍):** ଆଜି ଥିଲା ନବମୀ ସନ୍ଧ୍ୟା ଦର୍ଶନ। ରାଜ୍ୟ ତଥା ରାଜ୍ୟ ବାହାରର ଲକ୍ଷାଧିକ ଭକ୍ତ ଚଳିତ ବର୍ଷ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଶେଷ ଦର୍ଶନ କରିଥିଲେ। ତେବେ ସନ୍ଧ୍ୟା ଦର୍ଶନ ପାଇଁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ସୁଯୋଗ ମିଳିବ ବୋଲି ପ୍ରଶାସନ ପକ୍ଷରୁ ପୂର୍ବରୁ ସୂଚନା ଦିଆଯାଇଥିଲେ ମଧ ନିର୍ଦ୍ଧାରିତ ସମୟର ଘଣ୍ଟାଏ ପୂର୍ବରୁ ଆଡ଼ପ ଦର୍ଶନ ବନ୍ଦ କରି ଦିଆଯାଇଥିଲା। ଫଳରେ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା।ବହୁ ଦର୍ଶନାର୍ଥୀ ଆଡ଼ପ ଦର୍ଶନରୁ ବଞ୍ଚିତ ହୋଇଥିଲେ। ଆଜି ମହାପ୍ରଭୁଙ୍କ ଆଡ଼ପ ଦର୍ଶନ ପାଇଁ ହୋଇଥିଲା ପ୍ରବଳ ଭିଡ଼ର ଲୋକାରଣ୍ୟ ହୋଇପଡ଼ିଥିଲା ଶରଧାବାଲି ଅଞ୍ଚଳ। ଗତକାଲି ରାତି ଗୋଟାଏ ୧୦ରେ ହୋଇଥିଲା ରାତ୍ର ପହୁଡ଼ ଯଆଜି ଭୋର ସାଢେ ୪ ଟାରେ ଗୁଣ୍ଡିଚା ମନ୍ଦିରର ଦ୍ୱାର ଫିଟିଥିଲା। ଆଜି ସକଳ ୭ ଟା ୨୦ରେ ହୋଇଥିଲା ମହାପ୍ରଭୁଙ୍କ ମଙ୍ଗଳ ଆଳତି। ମଇଲମ, ଅବକାଶ, ତଡ଼ପଲାଗି, ଅଧର ପୋଛା ଆଦି ନୀତି ଶେଷ ହୋଇଥିଲା। ପରେ ପରେ ମହାପ୍ରଭୁଙ୍କ ଆନ୍ୟ ପାରମ୍ପାରିକ ନୀତି ସମ୍ପାଦିତ ହୋଇଥିଲା। ପୂର୍ବାହ୍ନ ୮ ଟା ସୁଦ୍ଧା ଗୋପାଳ ବଲ୍ଲଭ, ୯ ଟା ୫ ସୁଦ୍ଧା ସକାଳ ଧୂପ ,୧୦ ଟା ୪୦ ସୁଦ୍ଧା ଭୋଗ ମଣ୍ଡପ, ଦିନ ସାଢ଼େ ଗୋଟାଏ ସୁଦ୍ଧା ମଧ୍ୟାହ୍ନ ଧୂପ,୨ ଟା ୫୫ ସୁଦ୍ଧା ଦ୍ୱିତୀୟ ଭୋଗ ମଣ୍ଡପ ଆଦି ନୀତି ସମ୍ପନ୍ନ ହୋଇଥିଲା। ଆଡ଼ପ ଦର୍ଶନ ପାଇଁ ଆଜି ଗୁଣ୍ଡିଚା ମନ୍ଦିର ବାହାରୁ ମେଡିକାଲ ଛକ ଯାଏଁ ଲମ୍ବା ଧାଡି ଲାଗିଥିବା ଦେଖିବାକୁ ମିଳିଥିଲା। ଆଡ଼ପ ଅଭଡ଼ା ନେବାକୁ ଲୋକମାନେ ଘଣ୍ଟା ଘଣ୍ଟା ଅପେକ୍ଷା କରିଥିଲେ। ତେବେ ପ୍ରବଳ ଭିଡ଼ ଯୋଗୁଁ ଅନେକଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବାହୁଡାଯାତ୍ରା ପ୍ରସ୍ତୁତି ପାଇଁ ଗୁଣ୍ଡିଚା ମନ୍ଦିରରେ ସନ୍ଧ୍ୟାରୁ ସାଧାରଣ ଦର୍ଶନ ବନ୍ଦ ହୋଇଯାଇଥିଲା। ଶରଧାବାଲିରେ ରଥା ରୁଢ଼ ଜିଉ ମାନଙ୍କ ସମ୍ମୁଖରେ ବଦଳାଚକଟା ଘଟଣା ପରେ ସମସ୍ତ ସମ୍ଭାବ୍ୟ ସ୍ଥିତିକୁ ପାଇଁ ପୋଲିସ ଓ ପ୍ରଶାସନ ଆଗୁଆ ସତର୍କ ରହିଥିବା ଦେଖାଯାଇଥିଲା ।

## ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାରରେ ଅପାତକାଳୀନ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କୌଶଳ

**ପାରାଦୀପ,(ଡିକେ ନ୍ୟୁଜ୍):** ଭାରତୀୟ ତୈଳ ନିଗମ ଲିଃ (ଆଇଓସିଏଲ) ପାରାଦୀପ ତୈଳ ବିଶୋଧନାଗାରରେ ଏକ ଦ୍ୱିତୀୟ ପର୍ଯ୍ୟାୟ ଅପାତକାଳୀନ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କୌଶଳବା ମକ ଡ୍ରିଲ ଶୁକ୍ରବାର ଦିନ ଆୟୋଜିତ ହୋଇଯାଇଛି। ତୈଳ ବିଶୋଧନାଗାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତି ଯାଞ୍ଚ ପାଇଁ ଏହି ମକ ଡ୍ରିଲ ଉଦ୍ଦିଷ୍ଟ। ପାରାଦୀପ ତୈଳ ବିଶୋଧନାଗାରର ଅନୁମୋଦିତ ଏମର୍ଜେନ୍ସି ରେସପନ୍ସ ଆଣ୍ଡ୍ ଡିଜାଷ୍ଟର୍ ମ୍ୟାନେଜମେଣ୍ଟ ପ୍ଲାନ (ଇଆରଡିଏମପି) ଦ୍ୱାରା ପରିଚାଳିତ ଏହି ଅଭ୍ୟାସ କୌଶଳରେ ମିଉଚୁଆଲ ଏଡ଼ ସଂସ୍ଥାର ପ୍ରତିନିଧି ମାନେ ଅଂଶଗ୍ରହଣ କରିଥିଲେ। ପାରାଦୀପ ରିଫାଇନେରୀର ଏସଏଆରୟୁ



ୟୁନିଟରେ ଗାସ୍କେଟ ଫାଟିଯିବା ଯୋଗୁଁ ଯଦି ଏଚ୨ଏସ ଲିକେଜ୍ ହୁଏ, ତାହାକୁ ସଫଳତାର ସହିତ କିପରି ମୁକାବିଲା କରାଯିବ ସେହି ବିଷୟବସ୍ତୁ ଉପରେ ମକଡ୍ରିଲ୍ ଟି ଆଧାରିତ ଥିଲା। ଏଥିରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରୋଟୋକଲ୍ ଅନୁଯାୟୀ ନିଆଯାଇଥିବା ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ଗୁଡିକ ସଠିକ୍ ଭାବରେ ସମନ୍ୱିତ ହୋଇଥିଲା ଏବଂ ଏହାକୁ ସମସ୍ତ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ। ଏହି ଡ୍ରିଲ୍ ପରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ମୁଖ୍ୟ କୌଶିକ ବସୁଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା।

## ମିଳିତ ଶ୍ରମିକ ସଂଗଠନ ତରଫରୁ ଜୁଲାଇ ୯ ଦେଶବ୍ୟାପୀ ଧର୍ମଘଟ




**ରାୟଗଡା,(ଡିକେ ନ୍ୟୁଜ୍):** ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭା ତରଫରୁ ରାମନାଗୁଡା ନିକଟ ଆନନ୍ଦପୁର ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୁଲାଇ ୯ ତାରିଖ ଦିନ ମିଳିତ ଶ୍ରମିକ ସଂଗଠନ ତରଫରୁ ଦେଶ ବ୍ୟାପୀ ଧର୍ମଘଟ ଓ ହଡତାଳକୁ ସମର୍ଥନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସ୍କିମ୍ ଶ୍ରମିକ ମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଓ ମାସିକ ୨୬ ହଜାର ଟଙ୍କା, ପେନସନ ପ୍ରଦାନ କରିବା, ପାଚିକାମାନଙ୍କୁ ସାମାଜିକ ନିରାପତ୍ତା ପ୍ରଦାନ କରିବା, ୪ ଟି ଶ୍ରମ କୋଡ଼ ବାତିଲ କରିବା, ନୂତନ ଶିକ୍ଷା ନିତି ୨୦୨୦କୁ ବାତିଲ କରିବା, ୨୦୨୨ ବିଦ୍ୟୁତ୍‌ର ଘରୋଇ କରଣ ବନ୍ଦ କରିବା, କୃଷକ ବିରୋଧି କୃଷି ଆଇନ୍ ବାତିଲ କରିବା, ଓପିଏସ୍‌କୁ ଲାଗୁକରିବା ଓ ଏନପିଏସ ଓ ୟୁପିଏସକୁ ବାତିଲ କରିବା, ୨୦୦ ଦିନ କାମ ଦୈନିକ ୬୦୦ ମଜୁରୀ ପ୍ରଦାନ କରିବା, କର୍ପୋରେଟ ଲୁଟ ବନ୍ଦ କରିବା, ଜଙ୍ଗଲ ଆଇନ ୨୦୨୩ ବାତିଲ କରିବା, ସମସ୍ତଙ୍କୁ ମାଗଣା ବୈଜ୍ଞାନିକ ଶିକ୍ଷା ପ୍ରଦାନ କରିବା, ମଜୁରୀ ସିମା ଉଚ୍ଛେଦ କରିବା, କୃଷି ଋଣ ଉପରେ ସବସିଡି ପ୍ରଦାନ କରିବା, କୃଷି ଉତ୍ପାଦନ ସର୍ବନିମ୍ନ ସହାୟକ ମୂଲ୍ୟ ଆଇନ ଗତ ଗ୍ୟାରେଣ୍ଟି ପ୍ରଦାନ କରିବା, ସମସ୍ତଙ୍କୁ ରେସନ୍ କାର୍ଡ ସହ ୫୦କେଜି ଚାଉଳ ଯୋଗାଇବା, ସମସ୍ତଙ୍କୁ ଘର ଡିହ, ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବା, ପୂର୍ବ ପୁରୁଷରୁ ଭୋଗ ଦଖଲରେ ରହିଥିବା ଜମିର ପଟ୍ଟା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫ ଲକ୍ଷ ଟଙ୍କା ପ୍ରଦାନ କରିବା, ପେନସେନ ୫୦୦୦ ଟଙ୍କା ପ୍ରଦାନ କରିବା, ୩୦୦ ୟୁନିଟ୍ ବିଦ୍ୟୁତ ଯୋଗାଇଦେବା, ଶିକ୍ଷା ଓ ସ୍ୱାସ୍ଥ୍ୟ ମାଗଣାରେ ଯୋଗାଇବା ନେଇ ଆଲୋଚନା କରିବା ସହ ଜୁଲାଇ ୯ ତାରିଖ ଦିନ ଦେଶ ବ୍ୟାପୀ ଧର୍ମଘଟ ଓ ହଡତାଲକୁ ସଫଳ କରିବା ପାଇଁ ନିଷ୍ପତ୍ତି କରାଯାଇଛି। ମୋଜେସ ବିଡିକା, ଦାସୁରୁ ବିଡିକା, ଗୋବିନ୍ଦ ପାତିକା, ଇଣ୍ଡିମ ଶବର,ଲବ ବିଡିକା, କେ ରାମବାବୁ, ରମେଶ ପାତିକା, ତନମୟ ଶବର ପ୍ରମୁଖ ଉପସ୍ଥିତ ଥିଲେ।

## ଡିଣ୍ଡିରା ଗାଁ ଗ୍ରାମ ପଞ୍ଚାୟତରେ ସାମାଜିକ ସମୀକ୍ଷା ଓ ସ୍ୱତନ୍ତ୍ର ଗ୍ରାମ ସଭା



**ଫିରିଙ୍ଗିଆ,(ଡିକେ ନ୍ୟୁଜ୍):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରା ଗାଁ ଗ୍ରାମ ପଞ୍ଚାୟତରେ ସାମାଜିକ ସମୀକ୍ଷା ଓ ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଡିଣ୍ଡିରା ଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଏକ ସାମାଜିକ ସମୀକ୍ଷା ଓ ମନରେଗା ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଉପରେ ସଚେତନତା ବାର୍ତ୍ତା ପ୍ରଦାନ ସହ ଏକ ପଦଯାତ୍ରା ଗାମ୍ଭେରି ଗୁଡା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଛି ଏବଂ ପଦଯାତ୍ରା ପରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଏକ ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ ହୋଇଛି। ଡିଣ୍ଡିରା ଗାଁ ଗ୍ରାମ ପଞ୍ଚାୟତ ସରପଞ୍ଚ ରଞ୍ଜିତା କହଁର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ଗ୍ରାମ ସଭା ଏବଂ ସାମାଜିକ ସମୀକ୍ଷା ବୈଠକରେ ଜିଲ୍ଲା ସାମାଜିକ ସମୀକ୍ଷକ ଦୁଃଶାସନ ସିଂ ଯୋଗ ଦେଇଥିବା ବେଳେଏ ପି ଓ ସୁମନ୍ତ ଉଠାଣ ସିଂ, ବ୍ଲକ ସାମାଜିକ ସମୀକ୍ଷକ ସଂଜୟ କୁମାର ଦିଗାଲ, ବିଏଫଟି ଅଶୋକ ଦେହୁରୀ, ଭିଆରପି ମଣି ମଞ୍ଜୁଳା କର୍ଣ୍ଣ, ବିଷ୍ଣୁପ୍ରିୟା କହଁର, କୁନି ଦିଗାଲ ଯୋଗ ଦେଇଥିଲେ। ଏହି ସ୍ୱତନ୍ତ୍ର ବୈଠକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମନରେଗା ଓ ଜାତୀୟ ଖାଦ୍ୟ ସୁରକ୍ଷାରେ ଗତ ୬ ମାସର ହୋଇଥିବା କାର୍ଯ୍ୟର ସମୀକ୍ଷା କରା ଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତର ସମସ୍ତ ଗାଁ ସାଥି, ସିଆରପି, ଏମବିକେଙ୍କ ସହ ପଞ୍ଚାୟତର ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ।

## କାକଟପୁରରେ ସିରିଜ୍ ଚୋରି

**କାକଟପୁର,(ଡିକେ ନ୍ୟୁଜ୍):** ଦିନକୁ ଦିନ କାକଟପୁରରେ ବୃଦ୍ଧି ପାଇବାକୁ ଲାଗୁଛି। କିନ୍ତୁ ସଠିକ ଭାବେ ତଦନ୍ତ ହେଉନାହିଁ କି ପ୍ରକୃତ ଚୋରି ଦ୍ରବ୍ୟ ଠାବ କରିବାରେ ପୋଲିସରେ ବିଫଳତା ପ୍ରକାଶ ପାଉଛି।



ଗତକାଲି କାକଟପୁର ବଲରା ସ୍ଥିତ ମାଧବାନନ୍ଦ ମନ୍ଦିର, ପଡିସାହି ମହାବୀର ମନ୍ଦିର ଓ ଆଲୋକ କୁମାର ଦାସ ନାମକ ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଛି। ଏହି ସିରିଜ୍ ଚୋରିକୁ ନେଇ ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଆଜି ଐତିହାସିକ ବଲରା ମାଧବାନନ୍ଦ ମନ୍ଦିରର ପୂଜାରୀ ବିଜୟ କୁମାର ଦାସ ଠାକୁରଙ୍କ ନୀତି ପାଇଁ ମନ୍ଦିରକୁ ଆସି ଦ୍ୱାର ଫିଟାଇବା ବେଳକୁ ଦେଖନ୍ତି ଠାକୁରଙ୍କ ଦ୍ୱାର କୁନ୍ଦା ତଡା ହୋଇଛି। ସେ ଭୟଭୀତ ହୋଇ ସ୍ଥାନୀୟ ଲୋକଙ୍କୁ ଡାକିଥିଲେ ଓ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ଅଭିଯୋଗ ମୁତାବକ ଠାକୁରଙ୍କର ରୁପା ହାର, ପିତଳ ଡାଳ ୨ଟା, ଥାଳି ୧ଟି, ବାଲ୍ଟି ୧ଟି, ଘଣ୍ଟ ୧ଟି, ହାତ ଘଣ୍ଟି ୨ଟା ଗାୟବ ଅଛି। ଠିକ୍ ସେହିପରି କିଛି ଦୂରରେ ପଡିସାହି ମହାବୀର ମନ୍ଦିରରୁ ହନୁମାନଙ୍କ ରୁପାର ମୁକୁଟ, ସୁନା ଆଖି ୨ ଟି,ଅନ୍ୟ ରୁପା ସାମଗ୍ରୀ ୨ ଟି ଓ ଠାକୁରଙ୍କ ହୁଣ୍ଡୀ ତଡା ଯାଇଛି ଯେଉଁଥିରେ ୧୫ ରୁ ୨୦ ହଜାର ଭକ୍ତଙ୍କ ଅନୁଦାନ ଟଙ୍କା ରହିଥିଲା। ଏହି ବାବଦରେ ପୂଜକ ବିପିନ ବିହାରି ଦାସ ଏକ ଲିଖିତ ଅଭିଯୋଗ ମଧ କରିଛନ୍ତି। ଏହି ମହାବୀର ମନ୍ଦିର ନିକଟରେ ଆଲୋକ କୁମାର ଦାସଙ୍କ ଘରୁ ଗ୍ୟାସ୍ ସିଲିଣ୍ଡର ସହିତ ଗୋଟେ ପାଣି ମଟର ମଧ ଚୋରି ହୋଇଛି। ଏହି ବାବଦରେ ମଧ ତାଙ୍କ ତରଫରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଆପଣଙ୍କ ଅବଗତ ନିମନ୍ତେ କହିରଖୁଛୁ ଗୋଟେ ମାସ ତଳେ ମାଧବାନନ୍ଦ ମନ୍ଦିରରୁ ରୁପା ଆଖି ସହ ରୁପା ହାର ଚୋରି ହୋଇଥିଲା। ପରେ ପୁନଃବାର ଆଜି ନୂଆ ରୁପା ହାର ଚୋରୀ ହୋଇଛି। ଏହି ଘଟଣାର ପୃଥକ ପୃଥକ ଏତଲା ପାଇବା ପରେ କାକଟପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଞ୍ଚଳରେ ଦିନକୁ ଦିନ ନିଶାଡୀଙ୍କ ଆଡ୍ଡା ଜମୁଛି ସେଥିପାଇଁ ମନ୍ଦିରମାନଙ୍କ ଚୋରି ବୃଦ୍ଧି ପାଉଛି କି କୌଣସି ଲୁଟେରା ଗ୍ୟାଙ୍ଗ ସକ୍ରିୟ ଅଛନ୍ତି ତାହା ସନ୍ଦେହ ଜନକ, ପୋଲିସ ରେ କଡା ପେଟ୍ରୋଲିଙ୍ଗ ଅଭାବ ଓ ବାରମ୍ବାର ଲୁଟ୍‌କୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ଏବେ ସମ୍ପୂର୍ଣ୍ଣ ରୂପେ ପୋଲିସ ପ୍ରଶାସନ ପାଇଁ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି। ଏବେ ଏହି ସିରିଜ୍ ଲୁଟ୍‌ର ପର୍ଦାଫାସ କେବେ ହେଉଛି ଦେଖିବାକୁ ବାକି ରହିଲା।

## ମିଟ କଲେଜ ଦ୍ୱାରା ବୃହତ ବୃହତ ବନ ମହୋତ୍ସବ

**ବରଗଡ଼,(ଡିକେ ନ୍ୟୁଜ୍):** ମିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ରେ ବନମହୋତ୍ସବ ସପ୍ତାହ ଅବସରରେ ବୃହତ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇ, ୧୨,୦୦୦ଟି ଗଛ ରୋପଣର ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମର ଆରମ୍ଭ ସକାଳ ୭ଟାରୁ ୮୦ ଜଣ ଛାତ୍ରଛାତ୍ରୀଙ୍କ ପଦଯାତ୍ରା ସହ କରାଯାଇଥିଲା। ଯେଉଁମାନେ କଲେଜଠାରୁ ଅମ୍ବାପାଲି ପର୍ଯ୍ୟନ୍ତ ପଦଯାତ୍ରା କରି ପରିବେଶ ସଚେତନତା ବାର୍ତ୍ତା ଦେଲେ। ଏହାପରେ କଲେଜର ଚେୟାରମ୍ୟାନ୍ ସରୋଜ କୁମାର ମାଝୀଙ୍କ ନେତୃତ୍ୱରେ, ସେକ୍ରେଟାରୀ ମିସ୍ ସୁନୀତା ମାଝୀ, ବିଭିନ୍ନ ବିଭାଗର ଅଧ୍ୟାପକ-ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କ




ସହଯୋଗରେ, ୧୨ କିମି ଦୂର ଥିବା କୁସନପୁରୀ ଏବଂ ଧଉରାଖନ୍ଦା ଗ୍ରାମ ନିକଟରେ ଅବସ୍ଥିତ ୬.୫ ଏକର ଜମିରେ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରଗଡ଼ ଜିଲ୍ଲା ଯୁବ ରେଡ୍ କ୍ରସ୍ ସଂଯୋଜକ ପରମାନନ୍ଦ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷର ମହ□ ଉପରେ ଆଲୋକପାତ କରିଛନ୍ତି ଏବଂ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଛନ୍ତି। ସହ ଉପସ୍ଥିତ ଥିଲେ କୁସନପୁରୀ ସରପଞ୍ଚ ସରୋଜ ପ୍ରଧାନ ଓ ଧଉରାଖନ୍ଦା ସରପଞ୍ଚ ଶ୍ରୀ ନିରଞ୍ଜନ ମଲ୍ଲିକ, ଯେଉଁମାନେ ଗ୍ରାମସ୍ତରରେ ପରିବେଶ ସୁରକ୍ଷାକୁ ନେଇ ସଚେତନ ଆନ୍ଦୋଳନକୁ ଶକ୍ତ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। କଲେଜର ରାଜନୀତି ବିଜ୍ଞାନ ଅଧ୍ୟାପିକା ଏବଂ ଭାଇସ୍ ପ୍ରିନ୍ସିପାଲ୍ ମିସ୍ ଭାରତୀ ସାହୁ ବୃକ୍ଷ ରୋପଣ ପ୍ରକ୍ରିୟା, ତା'ର ଦୀର୍ଘକାଳୀନ ଲାଭ ଓ ସୁରକ୍ଷା ଉପରେ ବିସ୍ତୃତ ଆଲୋଚନା କରି, ମା ପାଇଁ ଗଛ ଟିଏ ସ୍ଲୋଗାନ ଆରମ୍ଭ କରିଥିଲେ। ଯାହା ଅନେକ ଛାତ୍ରଛାତ୍ରୀଙ୍କ ଆଗ୍ରହକୁ ବଢ଼ାଇଥିଲା। ଇଂରାଜୀ ଅଧ୍ୟାପକ ମିସ୍ ପ୍ରିୟଙ୍କା ବେହେରା ସ୍ଲୋଗାନ ଲେଖନ, ପ୍ଲାକାର୍ଡ ତିଆରି, ଅଭିବ୍ୟକ୍ତି ଦକ୍ଷତା ବିକାଶ ନେଇ କ୍ଲାସ ଗୁଡ଼ିକ କରାଇଥିଲେ। ହିନ୍ଦୀ ଅଧ୍ୟାପକ ମିସ୍ ଜ୍ୟୋତିକା ପ୍ରଧାନ ହିନ୍ଦୀ ଭାଷାରେ ପରିବେଶ ସୁରକ୍ଷା ବିଷୟକ ଗୀତ ଓ ସ୍ଲୋଗାନ ମାଧ୍ୟମରେ ସଚେତନତା ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଆକାଉଣ୍ଟାଣ୍ଟ ମିସ୍ ସରସ୍ୱତୀ ମହାପାତ୍ର ସମଗ୍ର ଆର୍ଥିକ ହିସାବ ଓ ଲୋଜିଷ୍ଟିକ୍ ସମ୍ବଳନରେ ଭଲ ଭୂମିକା ନିର୍ବାହ କରିଥିଲେ। ସେକ୍ରେଟାରୀ ସୁନୀତା ମାଝୀ ଅତିଥି ସ୍ୱାଗତ, ମଞ୍ଚ ସଂଚାଳନ ଓ ସମଗ୍ର ବ୍ୟବସ୍ଥାର ନିର୍ଦ୍ଦେଶନ ଭାର ନେଇଥିଲେ। ଯେଉଁଥିରେ ଯୁବ ରେଡ୍ କ୍ରସ କାଉନସିଲର୍ ଯୋଗେଶ୍ୱର ପଣ୍ଡା ସଂଗଠନ ଓ ସୁରକ୍ଷା ବ୍ୟବସ୍ଥାରେ ସାହାଯ୍ୟ କରିଥିଲେ। କାର୍ଯ୍ୟକ୍ରମକୁ ସୁରୁରୁ ଭାବରେ କରାଇବାକୁ ପ୍ରଶାନ୍ତ ପ୍ରଧାନ, ମିସ୍ ତନୁଶ୍ରୀ, ମିସ୍ ନିହାରିକା, ମିସ୍ ଡିଲେଶ୍ୱରୀ, ମିସ୍ ନୈନା ମଧ ସକ୍ରିୟ ସହଯୋଗ କରିଥିଲେ। ଅଧିକ ସାଧନ ସାମଗ୍ରୀ ପହଞ୍ଚାଇବା, ଖତ ଓ ପାଣି ଯୋଗାଇବା ଓ ଟ୍ରାକ୍ଟର ମାଧ୍ୟମରେ ଗାତ ଖୋଳିବାରେ ଶ୍ରୀ ମନୋଜ ରଣା ମୁଖ୍ୟ ଭୂମିକା ନିର୍ବାହ କରିଥିଲେ।

## ପାରାଦୀପରେ ଐତିହାସିକ କଳିଙ୍ଗ ସାମୁଦ୍ରିକ ସଂଗ୍ରହାଳୟ ପ୍ରକଳ୍ପର ଶିଳାନ୍ୟାସ

**ପାରାଦୀପ,(ଡିକେ ନ୍ୟୁଜ୍):** ପାରାଦୀପ ବନ୍ଦରରେ ସାମୁଦ୍ରିକ ଐତିହ୍ୟ ସଂରକ୍ଷଣକୁ ପୁନଃପରିଭାଷିତ କରିବା ପାଇଁ ଏକ ଐତିହାସିକ ଅଭିନବ କଳିଙ୍ଗ ସାମୁଦ୍ରିକ ସଂଗ୍ରହାଳୟର ପ୍ରକଳ୍ପ କାର୍ଯ୍ୟର ଶୁକ୍ରବାର ଦିନ ଶିଳାନ୍ୟାସ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ)ର ଅଧ୍ୟକ୍ଷ ପି.ଏଲ.ହରନାଦ କଳିଙ୍ଗ ସାମୁଦ୍ରିକ ସଂଗ୍ରହାଳୟ ଏକ ପ୍ରମୁଖ ସାଂସ୍କୃତିକ ଏବଂ ଶିକ୍ଷାଗତ ସ୍ଥଳ ହେବାକୁ ପ୍ରସ୍ତୁତ, ଯାହା ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଇତିହାସକୁ ପାଳନ କରିବ ଏବଂ ସ୍ଥିରତା ଏବଂ ନବସୃଜନର ପ୍ରତୀକ ଭାବରେ କାର୍ଯ୍ୟ କରିବ ବୋଲି କହିଥିଲେ। ପାରାଦୀପ ବନ୍ଦର ଏବଂ ଇଣ୍ଡିଆନ ପୋର୍ଟ ରେଲ୍ ଏବଂ ରୋପୱେ କର୍ପୋରେସନ,ଲିମିଟେଡ (ଆଇପିଆରସିଏଲ)ର ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କଳିଙ୍ଗ ସାମୁଦ୍ରିକ ସଂଗ୍ରହାଳୟକୁ ସ୍ଥାପତ୍ୟ ନବସୃଜନ ଏବଂ ଜଳବାୟୁ ସ୍ଥିରତା ଉଭୟର ପ୍ରମାଣ ସ୍ୱରୂପ ରୂପାଙ୍କନ କରାଯାଇଛି। ଏହାର ଅନନ୍ୟ ମାଛ ଆକୃତିର ଗଠନ ସମୁଦ୍ର ଆଡ଼କୁ ମୁହଁ କରିବା ପାଇଁ ଉଦ୍ଦିଷ୍ଟ ହେବ। ରଣନୀତିକ ଭାବରେ ପ୍ରାକୃତିକ ପବନ ପ୍ରବାହକୁ ଏହାର ଶରୀର ସହିତ ଲାଞ୍ଜ ପର୍ଯ୍ୟନ୍ତ ପରିଚାଳିତ କରିବ ଯାହା ପବନ ପ୍ରତିରୋଧକୁ ଉନ୍ନତ କରିବ, ଏହି ଉପକୂଳ ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ଓଡ଼ିଶାର



ବିବିଧ ଜଳବାୟୁ ପରିସ୍ଥିତିକୁ ସହ୍ୟ କରିବା ପାଇଁ ନିର୍ମିତ ହୋଇଥିବା ଏହି ସଂଗ୍ରହାଳୟ ୮ ରୁ ୪୫ ଡିଗ୍ରୀ ସେଲସିଅସ ପର୍ଯ୍ୟନ୍ତ ତାପମାତ୍ରାର ଚରମ ସୀମାକୁ ପରିଚାଳନା କରିବ। ଏହା ବ୍ୟତୀତ, ଏହାର ଡିଜାଇନରେ ଘଣ୍ଟା ପ୍ରତି ୨୮୦ କିଲୋମିଟର ପର୍ଯ୍ୟନ୍ତ ଝଡ଼ ପବନ ବେଗକୁ ସହ୍ୟ କରିବା ପାଇଁ ଉନ୍ନତ ବୈଶିଷ୍ଟ୍ୟଗୁଡ଼ିକ ଅନ୍ତର୍ଭୁକ୍ତ କରାଯାଇଛି। ଯାହା ଗଠନ ଏବଂ ଏହାର ମୂଲ୍ୟବାନ ପ୍ରଦର୍ଶନୀର ଦୀର୍ଘକାଳୀନ ସୁରକ୍ଷା ଏବଂ ଅଖଣ୍ଡତାକୁ ସୁନିଶ୍ଚିତ କରିବ। ଏହି ଯୁଗାନ୍ତକାରୀ ପଦକ୍ଷେପ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ, ସାମୁଦ୍ରିକ ଐତିହ୍ୟ ସଂରକ୍ଷଣ ଏବଂ ସ୍ମାର୍ଟ ବନ୍ଦର ବିକାଶରେ ଯୋଗଦାନ ପ୍ରତି ଏହାର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରୁଛି। ଏହି ମହତ୍ୱାକାଂକ୍ଷୀ କାର୍ଯ୍ୟ ପାଇଁ ଆଇପିଆରସିଏଲ ପ୍ରକଳ୍ପ ପରିଚାଳନା ବିଶେଷଜ୍ଞତା ପ୍ରଦାନ କରୁଛି।

## ଅଜଣା ବ୍ୟକ୍ତିର ମୃତ ଦେହ ଉଦ୍ଧାର

**କୋରାପୁଟ,(ଡିକେ ନ୍ୟୁଜ୍):** କୋରାପୁଟ ସୁନାବେଡା ଜାତୀୟ ରାଜପଥ ନିକଟସ୍ଥ ମୋହନ ପଡା ଋଷ ଜମି ନାଳ ପାଖରୁ ଏକ ଅଜଣା ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର କରାଯାଇଛି। କିଛି ବ୍ୟକ୍ତି ଋଷ ଜମିକୁ ଯାଉଥିବା ବେଳେ ମୃତ ଦେହ ଦେଖିବା ପାଇଁ ପାଇଥିଲେ। ସଙ୍ଗେ ସଙ୍ଗେ କୋରାପୁଟ ସାଦର ଥାନାକୁ ଖବର ଦେଇଥିଲେ। ଖବର ପାଇବା କ୍ଷଣି କୋରାପୁଟ ସାଦର ଥାନା ଏସଆଇ ପି.କେ ଖରା ନେତୃତ୍ୱରେ ଏକ ଟିମ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ଅଧିକ ତଦନ୍ତ କରୁଛି। ଶବ ବ୍ୟବଛେଦ ପାଇଁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠା ଯାଇଛି। ଏ ନେଇ କୋରାପୁଟ ସଦର ଥାନାରେ ମାମଲା ରୁଜୁ ହୋଉଛି।

## ଜଗନ୍ନାଥପ୍ରସାଦ ବ୍ଲକ ଉପାଧ୍ୟକ୍ଷଙ୍କ ଇସ୍ତଫା

**ଜଗନ୍ନାଥପ୍ରସାଦ,(ଡିକେ ନ୍ୟୁଜ୍):** ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ବିଜେଡର ରାଜନୈତିକ ଶାସନର ଧୀରେ ଧୀରେ ଅନ୍ତ ଘଟି ନୂତନ ଭାବେ ଶାସନର କ୍ଷମତା ଡୋରି ବିଜେପି ହାତକୁ ଯାଇଛି । ଏ ନିର୍ବାଚନ ମଣ୍ଡଳୀରେ ପୂର୍ବ ସରକାରର ହେଭି ୱେଟ ନେତା ବିକ୍ରମ ଆରୁଖଙ୍କୁ ହରାଇ ବିଜେପି ପାର୍ଥି ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ସ୍ଥାନୀୟ ବିଧାୟକଙ୍କ କାର୍ଯ୍ୟ କଳାପ ଓ ବ୍ୟବହାରରେ ମୋହିତ ହୋଇ ଧୀରେ ଧୀରେ ତାଙ୍କର ଲୋକ ପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଅନେକ ନିର୍ବାଚିତ ପ୍ରତିନିଧି ବିଜେଡି ଛାଡି ଏବେ ପଦ୍ମ ପୋଖରୀରେ ଝାସ ଦେଉଛନ୍ତି । ଏହି ଘଟଣା ଅନୁଷ୍ଠାନିକ ଭାବେ ପଦାକୁ ନ ଆସୁଥିଲେ ମଧ୍ୟ ଆଜି କିନ୍ତୁ ବିଜେଡି ସରକାର ଥିବା ସମୟରେ ବ୍ଲକ ଉପାଧକ୍ଷ ରହିଥିବା ରଂଜିତ କୁମାର ପାତ୍ର ତାଙ୍କ ପଦରୁ ଇସ୍ତଫା ଦେଇ ଏକ ରାଜନୈତିକ କମ୍ପନ ସୃଷ୍ଟି କରିଛନ୍ତି ।ଶ୍ରୀ ପାତ୍ର ଗତ ଜୁନ ମାସ ୧୬ ରିଖରେ ଚିଠି ନମ୍ବର ୫୭୮୬ ପ୍ରକାରେ ଇସ୍ତଫା ପତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହାତାହାତି ପ୍ରଦାନ କରିଥିବା ବେଳେ ଏକଥା ସତ୍ୟତାକୁ ନେଇ କେହି ମୁହଁ ଖୋଲୁ ନ ଥିଲେ ବି ସବୁବେଳେ ଆଲୋଚନା ଜାରି ରହିଥିଲା। ଆଜି ଏହି ଘଟଣା ପର୍ଦାଫାଶ ହୋଇଛି। ଜିଲ୍ଲାପାଳ ଛତ୍ରପୁରଙ୍କ ଚିଠି ନମ୍ବର ୧୪୬୬ ପ୍ରକାରେ ଭଞ୍ଜନଗର ଉପଜିଲ୍ଲାପାଳ, ଜଗନ୍ନାଥ ପ୍ରସାଦ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କୁ ଚିଠି କରି ଏ ନେଇ ସ୍ପଷ୍ଟ ବାର୍ତ୍ତା ଉଲ୍ଲେଖ କରାଯାଇଛି। ଶ୍ରୀ ରଂଜିତ କୁମାର ପାତ୍ର ଉପାଧକ୍ଷ ପଦରୁ ଇସ୍ତଫା ଦେଇଥିବା ଜଣା ପଡିବା ପରେ ବିଜେପି ଶିବିରରେ ଉତ୍ସାହ ଓ ବିଜେଡି ଶିବିରରେ ନୈରାଶ୍ୟ ଖେଳିଯାଇଛି । ତେବେ ଆଗକୁ ବିଜେପିର କେଉଁ ନିର୍ବାଚିତ ସମିତିସଭ୍ୟ ବ୍ଲକର ଉପାଧକ୍ଷ ପଦରେ ରହିବେ ଏହାକୁ ନେଇ ସାଧାରଣରେ ଅଙ୍କ କସା ଚାଲିଛି।

## ଲାକ୍ଷ୍ମୀପୋଷ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ

**କୁତ୍ରା,(ଡିକେ ନ୍ୟୁଜ୍):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଲକ୍ଷ୍ମୀପୋଷ ଠାରେ ଆଜି ଉଭୟ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ର ଛାତ୍ରୀଙ୍କ ମିଳିତ ଉଦ୍ୟମକ୍ରମେ ବନ ମହୋତ୍ସବ ପାଳିତ ହୋଇଯାଇଛ। ଏଥିନିମନ୍ତେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜିତା କୁଜୁରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବୃକ୍ଷ ରୋପଣ ପୂର୍ବକ ଅଧିକ ଜଙ୍ଗଲ ସୃଷ୍ଟି କରାଯାଇପାରିଲେ ପରିବେଶ ସୁରକ୍ଷିତ ହୋଇ ପାରିବ ବୋଲି ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଜ ବକ୍ତବ୍ୟରେ ମତପୋଷଣ କରି ନିଜ ନିଜ ଅଞ୍ଚଳରେ ଅଧିକରୁ ଅଧିକ ଜଙ୍ଗଲ ସୃଷ୍ଟି କରିବାକୁ ଛାତ୍ର ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ଫୁଲ ଓ ଫଳ ଗଛ ସହିତ ଅନ୍ୟାନ୍ୟ ଚାରାରାଜି ରୋପଣ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ବରିଷ୍ଠ ଶିକ୍ଷୟିତ୍ରୀ ସୁଶ୍ରୀ ମମତା ମୟୀ ଶତପଥୀ, ସୁଶ୍ରୀ ମଧୁସ୍ମିତା ଶତପଥୀ, ଡିଲେଶ୍ୱର ବେହେରା, ସଞ୍ଜୟ କୁମାର ମିଞ୍ଜ, ଅନୁପମା ଟପ୍ପୋ, ଫିନୀ ଏକ୍କା, ମେଝରେନ ଏକ୍କା, ଅନିତା ସା, ଦୁର୍ଯ୍ୟୋଧନ ମିଞ୍ଜ, ଉର୍ବଶିନୀ କେର୍କେଟା ପ୍ରମୁଖଙ୍କ ସହ ଛାତ୍ରଛାତ୍ରୀମାନେ ଆନନ୍ଦ ଉତ୍ସାହର ସହିତ ଚାରା ରୋପଣ କରି ବନମହୋତ୍ସ ପାଳନ କରିଥିଲେ।

## ଡକାୟତି କରିବା ପଡିଲା ମହାଙ୍ଗା : ଗାଁ ଲୋକଙ୍କ ହାତରେ ଧରାପଡ଼ିଲେ ଦୁଇ ଚୋର



**ଫିରିଙ୍ଗିଆ,(ଡିକେ ନ୍ୟୁଜ୍):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ଅଞ୍ଚଳରେ ଦିନକୁଦିନ ଚୋରି ଡକାୟତି ବଢ଼ିବାରେ ଲାଗିଥିବା ଅଞ୍ଚଳର ଲୋକମାନେ କହୁଛନ୍ତି। ଏହି ପରିପେକ୍ଷୀରେ ବୁଧବାର ବିଳମ୍ବିତ ରାତିରେ ଏହି ଗୋଛାପଡା ଥାନା ବାଲନ୍ଦାପଡା ଫାଣ୍ଡି ଅଧୀନରେ ଥିବା ସାର୍ତ୍ତାଗୁଡା ଗାଁ କୁ ଚାରୋଟି ବାଇକରେ ପ୍ରାୟ ପାଞ୍ଚରୁ ଛଅ ଜଣ ଅଜଣା ବ୍ୟକ୍ତି ପସି ଗାଁର ବିଭିନ୍ନ ଲୋକଙ୍କ ଘରକୁ ପଶିବାକୁ ଚେଷ୍ଟା କରୁଥିବା ବେଳେ ଗାଁ ଲୋକ ଏକଜୁଟ ହୋଇ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଧରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଗାଁ ଲୋକଙ୍କ ହାତରୁ ଚାରି ଜଣ ବାଇକ ଛାଡି ଫେରାର ହୋଇଯାଇଥିବା ବେଳେ ଦୁଇ ଜଣ ବ୍ୟକ୍ତିଙ୍କୁ ଗ୍ରାମବାସୀ କାବୁ କରିବାରେ ସଫଳ ହୋଇଥିଲେ। ଧରାପଡ଼ିଥିବା ଦୁଇଜଣ ବ୍ୟକ୍ତିଙ୍କୁ ପଚାରିବାରୁ ସମ୍ପୃକ୍ତ ବ୍ୟକ୍ତି ଦୁଇଜଣ ଡକାୟତି କରିବା ପାଇଁ ଆସିଥିବା ସ୍ୱୀକାର କରିଥିଲେ। ପରେ ଗୁରୁବାର ସକାଳୁ ଧରାପଡ଼ିଥିବା ବ୍ୟକ୍ତିମାନଙ୍କୁ ଗ୍ରାମବାସୀ ପୋଲିସର ଜିମା ଦେଇଥିଲେ। ସେପଟେ ଧରାପଡ଼ିଥିବା ଦୁଇ ବ୍ୟକ୍ତି ବଲାଙ୍ଗୀର ଜିଲ୍ଲାର ହୋଇଥିବା ଜଣାପଡିଥିବା ବେଳେ ଘଟଣା ସଂକ୍ରାନ୍ତରେ ଖବର ଲେଖାହେବା ଯାଏ କୌଣସି ମାମଲା ରୁଜୁ ହୋଇନଥିବା ଜଣାପଡ଼ିଥିବା ବେଳେ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

## କନ୍ତପଡ଼ା ହାଇସ୍କୁଲରେ ୭୬ତମ ବନ ମହୋତ୍ସବ



**ଆଠମଲ୍ଲିକ,(ଡିକେ ନ୍ୟୁଜ୍):** ଆଠମଲ୍ଲିକ ବ୍ଲକ କନ୍ତପଡ଼ା ଶ୍ରୀ ଗୋପୀନାଥ ଜୀଉ ଉଚ୍ଚ ବିଦ୍ୟାଳୟରେ ପାଇକସାହି ବନବିଭାଗ ପକ୍ଷରୁ ସ୍କୁଲ୍ ପରିସର ମଧ୍ୟରେ ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ହାଇସ୍କୁଲ ଖେଳ ପଡିଆର ଚାରି ପାଖରେ ଛାୟା ପ୍ରଦାନକାରୀ ଓ ଫଳ ଗଛ ଚାରା ଆଦି ରୋପଣ କରାଯାଇଥିଲା। ପରେ ବିଦ୍ୟାଳୟ ପ୍ରକୋଷ୍ଠରେ ପ୍ରଧାନ ଶିକ୍ଷକ ବିବସ୍ୱ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଧଣ୍ଡାତୋପା ବନାଞ୍ଚଳ ଅଧିକାରୀ ବବୁ ବାହନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଙ୍କଜିନି ବାହୁକ, ସୁବାଷ ସେଠୀ, ଅର୍ଜୁନ ବେହେରା, ବାବୁଲି ପ୍ରଧାନ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ସୁରେଶ ଚନ୍ଦ୍ର ସାହୁଙ୍କ ପ୍ରୋତ୍ସାହନରେ ଏକ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୃକ୍ଷରାଜି ଓ ବନବିଭାଗ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶାରୀରିକ ଶିକ୍ଷକ ବୀରେନ କୁମାର ପ୍ରଧାନ ପରିଚାଳନା କରିଥିଲେ।

# ଆରିୟାନ ଇସ୍ପାତ ଆଣ୍ଡ ପାୱାର ଲିମିଟେଡ଼ର ବଢୁଛି ଦାଦାଗିରି

- ନାମକୁ ମାତ୍ର ଇସ୍ପାତ ଆଣ୍ଡ ପାୱାର ମୂଳ ଲକ୍ଷ୍ୟ କୋଇଲା ଟ୍ରେଡିଂ।
- ରାଜରାସ୍ତାରେ ଭାରିଯାନ ପାର୍କିଂ ବଢୁଛି ଦୁର୍ଘଟଣା।
- କମ୍ପାନୀ ଖାଇଦେଲା ଗ୍ରାମବାସୀଙ୍କ ଜୀବନ ରେଖା ଗଙ୍ଗାଜଳ ନାଳକୁ।
- ମୁହଁ ଖୋଲିଲେ ଆସୁଛି ଧମକ।




**ସମ୍ବଲପୁର,(ଡିକେ ନ୍ୟୁଜ୍):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବୋମାଲୋଇ ଠାରେ କାର୍ଯ୍ୟରତ ଆରିୟାନ ଇସ୍ପାତ ଆଣ୍ଡ ପାୱାର ଲିମିଟେଡ କମ୍ପାନୀର ଦାଦାଗିରି ଏତେ ମାତ୍ରାରେ ବଢିଗଲାଣି ଯେ ଲୋକେ କମ୍ପାନୀ କାହାର ଛତ୍ରଛାୟା ତଳେ ରହି ଏପରି ଦାଦାଗିରି କରୁଛି ବୋଲି ଆଲୋଚନା କରୁଛନ୍ତି। ରେଙ୍ଗାଲି ତହସିଲ ବମାଲୋଇ ମୌଜାର ୧୦ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱ ଫୁଲଚାଙ୍ଗୁଡି ଗ୍ରାମ ନିକଟରେ ଅବସ୍ଥିତ ଏହି କମ୍ପାନୀ ଆଜିକୁ ପ୍ରାୟ ୨୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଏଠାରେ ଇସ୍ପାତ ଓ ପାୱାର ଉତ୍ପାଦନ ପାଇଁ କାର୍ଯ୍ୟ ଆରମ୍ଭ କରି ପରବର୍ତ୍ତି ସମୟରେ ଆରିୟାନ ଇସ୍ପାତ ଆଣ୍ଡ ପାୱାର ଲିମିଟେଡ କମ୍ପାନୀ ନାମରେ କୋଇଲା ଟ୍ରେଡିଂ ଆରମ୍ଭ କରିଛି। ଏହି କମ୍ପାନୀର ପଛପଟେ ରେଲୱେ ଲାଇନ ଯାଇଥିବାରୁ କମ୍ପାନୀ ଭିତରକୁ ରେଲୱେ ଲାଇନ ନେବାକୁ ସହଜ ହୋଇଥିଲା ଯାହା ଏବେ ଏହି କମ୍ପାନୀର କୋଇଲା ଟ୍ରେଡିଂ ପାଇଁ ପ୍ରମୁଖ



ଭୂମିକା ଗ୍ରହଣ କରିଛି। ଏହି କୋଇଲା ଟ୍ରେଡିଂ ଯୋଗୁଁ କମ୍ପାନୀର ଅନତି ଦୂରରେ ଥିବା ଫୁଲଚାଙ୍ଗୁଡି, କପିଳାଶପଡା ଓ ବୋମାଲୋଇ ଆଦି ଗ୍ରାମ ଗୁଡିକ ବ୍ୟାପକ ପ୍ରଦୂଷଣରେ ଅତିଷ୍ଠ ହେଲେଣି ଲୋକେ। ଏହି କମ୍ପାନୀର ରେଲୱେ ସାଇଡିଂରୁ ଏଠାରେ କାର୍ଯ୍ୟରତ ବିଭିନ୍ନ କମ୍ପାନୀକୁ କୋଇଲା ପରିବହନ ପାଇଁ ଆସୁଥିବା ଭାରିଯାନ ଚଳାଚଳ ଯୋଗୁଁ ସାଧାରଣ ଲୋକଙ୍କ ଜୀବନଯାତ୍ରା ଦୁର୍ବିସହ ହୋଇ ପଡିଛି। ଶହ ଶହ ଭାରିଯାନ ରାସ୍ତାର ଉଭୟ ପାର୍ଶ୍ୱରେ ଘଣ୍ଟା ଘଣ୍ଟା ଧରି ଅଟକି ରହୁଥିବାରୁ ଦିନରେ ଏବଂ ରାତ୍ରି ସମୟରେ ବାଇକ ଚାଳକ, ପଥଚାରୀ ଏପିରିକି ଛୋଟ ଚାରିଚକିଆ ଗାଡିଗୁଡିକ ମଧ୍ୟ ଦୁର୍ଘଟଣାଗ୍ରସ୍ତ ହୋଇ ଲୋକେ ମୃତ୍ୟୁବରଣ କରୁଥିବା ନଜିର ରହିଛି। ଉପରୋକ୍ତ ଗ୍ରାମର ଲୋକମାନଙ୍କ ପାଇଁ ଥିବା ନିତିଦିନିଆ ରାସ୍ତା ମଧ୍ୟ ଶୋଚନୀୟ ଭାବରେ କାଦୁଅ ଓ ଖାଲ ଖମା ହୋଇଥିଲେ ମଧ୍ୟ ନା ଆରିୟାନ ଇସ୍ପାତ କମ୍ପାନୀ ଲୋକଙ୍କ ଦୁଃଖ ବୁଝୁଛି ନା ସେହି ରାସ୍ତା ଉପରେ ନିର୍ଭରଶୀଳ ଆଦିତ୍ୟ ଆଲୁମିନିୟମ ବହୁରାଷ୍ଟ୍ରୀୟ କମ୍ପାନୀ ଲୋକଙ୍କ ଛାତି ଉପରେ କମ୍ପାନୀ କରି କଳ୍ପନାତିତ ଅର୍ଥ ଉପାର୍ଜନ କରି ଏଠାକାର ବାସଚ୍ୟୁତ, ନିଜର ଭିଟାମାଟି ଏବଂ ଶତାଧିକ ବର୍ଷର ଭାଇଚାରା ସମ୍ପର୍କକୁ ଦେଶର ଆର୍ଥିକ ଅଭିବୃଦ୍ଧି ପାଇଁ ଜଳାଞ୍ଜଳି ଦେଇ ଚାତକ ପକ୍ଷୀ ପରି କମ୍ପାନୀର ଦୟାକୁ ଅପେକ୍ଷା କରି ବସିଥିବା ଅଧିବାସୀମାନେ ଆଜି ପର୍ଯ୍ୟନ୍ତ ପାଇଲେ କଣ ତାହାର ଉଚ୍ଚ ସ୍ତରୀୟ ତଦନ୍ତର ଆବଶ୍ୟକତା ଅଛି ? ଅନ୍ୟ ପକ୍ଷରେ ଅତିତରେ ଫୁଲଚାଙ୍ଗୁଡି ଏବଂ କପିଳାସପଡାର ଅଧିବାସୀଙ୍କ ଜୀବନରେଖା ଥିବା ଗଙ୍ଗାଜଳ ଜୋରର ପ୍ରକୃତିଦତ ଜଳ ସ୍ରୋତକୁ ଆବଦ୍ଧ କରି ନିଜ କମ୍ପାନୀ ପାଇଁ ଆବଶ୍ୟକ ପଡୁଥିବା ଜଳ ସେଠାରୁ ନେଇ ଲୋକଙ୍କୁ ନାଲି ଆଖି ଦେଖାଉଛି ଆରିୟାନ ଇସ୍ପାତ କମ୍ପାନୀ। ଯେଉଁ ଅଧିବାସୀ ମାନେ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଏହି ଗଙ୍ଗାଜଳ ଜୋର ପାଣିରୁ ବର୍ଷକୁ ଛ ମାସର ଗୁଜୁରାଣ ମେଣ୍ଟାଇବା ପାଇଁ ଅର୍ଥକାରୀ ଫସଲ କରୁଥିଲେ ସେଥିରୁ ମଧ୍ୟ ବଞ୍ଚିତ ହେଲେ ଏଠାକାର ଅଧିବାସୀ। ଏବେ ସମୟ ଆସିଛି ଏମାନଙ୍କ ହୃଦୟର କରୁଣ ସ୍ପନ୍ଦନର ମାପ କାଠି କିଏ ? ସରକାର ନା ପ୍ରଶାସନ ନା କମ୍ପାନୀର ଲାଲ ଆଖି। ଆଗାମି ଦିନରେ ଉପରୋକ୍ତ ଲୋକଙ୍କ ମୌଳିକ ଅଧିକାର ପ୍ରତି ସରକାର କିମ୍ୱା ପ୍ରଶାସନ ଅଧିକାରୀ ଉଦାସୀନ ରହିଲେ ଏକ ବଡଧରଣର ଜନ ଆନ୍ଦୋଳନକୁ ପ୍ରଶାସନକୁ ସ୍ୱାଗତ କରିବାକୁ ପଡିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।

## ଚାରି ହଜାର ଟଙ୍କା ପାଇଁ ଯୁବକଙ୍କୁ ପିଟିପିଟି ମାରିଦେଲେ ଦୁଇଭାଇ



**ଖୋର୍ଦ୍ଧା,(ଡିକେ ନ୍ୟୁଜ୍):** ବାକି ଥିବା ଚାରି ହଜାର ଟଙ୍କା ନ ଦେବାରୁ ଆରମ୍ଭ ହୋଇଥିଲା ବଚସା। ବଚସା ଏତେ ଉଗ୍ରରୂପ ଧାରଣ କରିଥିଲା ଯେ ଦୁଇଭାଇଙ୍କ କାଠ ଫାଳିଆ ମାଡ଼ରେ ଯୁବକର ମୃତ୍ୟୁ ଘଟିଛି। ପୋଲିସ ମୃତ ଦେହ ଜବତ କରିବା ସହ ହତ୍ୟାକାଣ୍ଡର ଖୁଲାସା କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଘଟଣା ଘଟିଥିଲା ଜଟଣୀ ଥାନା ଅନ୍ତର୍ଗତ ପଦନପୁର ଅଞ୍ଚଳରେ। ସେଇ ଅଞ୍ଚଳର ଭିମରାଜ ମହାନ୍ତି (୩୮) ଏବଂ ସୁରେଶ ମହାନ୍ତି (୩୬) ଦୁଇଭାଇଙ୍କ ସହ ଗତ ୨୮ତାରିଖ ସନ୍ଧ୍ୟାରେ ଜଟଣୀ ଥାନା ଅଧିନସ୍ଥ ବିକାଶ ନଗରର ହିରଣ୍ୟ ବେହେରାଙ୍କ ସହ ଚାରି ହଜାର ଟଙ୍କା ବାକି ପଇସାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳର କିଛି ସମୟ ପରେ ସମସ୍ତେ ମଦ ପିଇ ପୁନର୍ବାର ପୂର୍ବକଥାକୁ ଦୋହରାଇ ଥିଲେ। ଦୁଇଭାଇଙ୍କ କାଠ ଫାଳିଆ ମାଡ଼ରେ ହିରଣ୍ୟର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତଦେହକୁ ଉଭୟ ଦୁଇଭାଇ ନିଜ ସମ୍ପର୍କୀୟଙ୍କ ସହ ମିଶି ଖୋର୍ଦ୍ଧା ଠେଙ୍ଗାହାଟ ବୋଧାପୋଖରୀ ନିକଟରେ ଫୋପାଡି ଦେଇଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଖୋର୍ଦ୍ଧା ଶିକ୍ଷାଞ୍ଚଳ ପୁଲିସ ୨୯,ତାରିଖ ଦିନ ମୃତଦେହ ଜବତ କରିବା ସହ ଅନୁସନ୍ଧାନ ଜାରିରଖିଥିଲା। ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥଙ୍କ ନିର୍ଦ୍ଦେରେ ତିନୋଟି ଟିମ ଏସ. ଡି.ପି.ଓ. ଖୋର୍ଦ୍ଧା ନିହାର ରଞ୍ଜନ ପ୍ରଧାନ, ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରୀ ଇନ୍ସପେକ୍ଟର ସଞ୍ଜୟ ନାୟକ, ସଦର ଥାନା ଅଧିକାରୀ ଇନ୍ସପେକ୍ଟର କାହ୍ନୁଚରଣ ସ୍ୱାଇଁ, ସବଇନିସପେକ୍ଟର ବାସୁଦେବ ଜୟସିଂହ ଏବଂ ଭାଗ୍ୟଶ୍ରୀ ବେହେରା ପ୍ରମୁଖ ଏହି ଘଟଣାର ଅନୁସନ୍ଧାନ କରିଥିଲେ। ଘଟଣାର ୫ଦିନ ପରେ ପୁଲିସ ଏହାର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ସମ୍ପୃକ୍ତି ଦୁଇ ଜଣ ମୁଖ୍ୟ ଅଭିଯୁକ୍ତ ଦୁଇ ଭାଇ ଭୀମରାଜ ମହାନ୍ତି, ସୁରେଶ ମହାନ୍ତି ଏବଂ ତାଙ୍କ ସମ୍ପର୍କୀୟ ବିକ୍ରମ ଦାସକୁ ଗିରଫ କରିବାରେ ସଫଳ ହୋଇଥିଲା ପୁଲିସ। ହତ୍ୟାକାଣ୍ଡରେ ବ୍ୟବହୃତ ଅଟୋ, ଟାଟା ମ୍ୟାଜିକ, ବାଇକ୍, କାଠ ଫାଳିଆ, ମୋବାଇଲ ଗୁଡିକୁ ଜବତ କରାଯିବା ସହିତ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେବା ସହିତ ଏହି ହତ୍ୟା ଘଟଣାର ତଦନ୍ତ ରିପୋର୍ଟ ଏକ ମାସ ମଧ୍ୟରେ ଅଦାଲତକୁ ପ୍ରଦାନ କରାଯିବା ସହିତ ଅଭିଯୁକ୍ତମାନେ ଯେପରି କଠୋର ଦଣ୍ଡ ପାଇପାରିବେ ସେଥିପ୍ରତି ପୁଲିସ ପକ୍ଷରୁ ସମସ୍ତ ଉଦ୍ୟମ କରାଯିବ ବୋଲି କହିଥିଲେ।

## ପବିତ୍ର ହେରାପଞ୍ଚମୀ ଉପଲକ୍ଷେ ଟିଟିଲାଗଡ଼ ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ଭଜନ ସନ୍ଧ୍ୟା




**ଟିଟିଲାଗଡ଼,(ଡିକେ ନ୍ୟୁଜ୍):** ପବିତ୍ର ରଥଯାତ୍ରା ଅବସରରେ ହେରାପଞ୍ଚମୀ ଉପଲକ୍ଷେ ଟିଟିଲାଗଡ଼ ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ଟିଟିଲାଗଡ଼ର ପ୍ରତିଷ୍ଠିତ ବ୍ୟବସାୟୀ ତଥା କୃଷକର ସାଥି ସ୍ୱର୍ଗତ ଲଛମନଦାସ କେଜ୍ରିୱାଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କରି କନିଷ୍ଠ ପୁତ୍ର ସମାଜସେବୀ ରାଜେଶ କୁମାର କେଜ୍ରିୱାଲ ( ବର୍ତ୍ତମାନ ଭୁବନେଶ୍ୱରରେ ଅବସ୍ଥାପିତ )ଙ୍କ ଆୟୋଜନରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଠାରେ ଅନ୍ନଭୋଗ ଲାଗି କରାଇ ସହସ୍ରାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଅଭଭୋଗ ବଣ୍ଟନ କରାଯାଇଥିଲା ଏବଂ ସନ୍ଧ୍ୟା ସମୟରେ ଶୁଖିଲା ଭୋଗ ଲାଗି କରାଇ ବଣ୍ଟନ କରାଯାଇଥିଲା। ଏହି ସନ୍ଧ୍ୟା ସମୟରେ ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ଏହି ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟାର ସତ୍ତ୍ୱାଧିକାରୀ ସୁନାମଧନ୍ୟ କଣ୍ଠଶିଳ୍ପୀ ଧନେଶ୍ୱର ଦାଶ ଏବଂ ତାଙ୍କରି ସାଥିଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଭଜନ ସମ୍ରାଟ ଭିକାରିବଳଙ୍କ ହୃଦୟସ୍ପର୍ଶୀ ଭଜନ ଓ ଜଣାଣ କଣ୍ଠଶିଳ୍ପୀ ଶ୍ରୀ ଦାଶ ଗାନକରି ଶ୍ରୋତାମାନଙ୍କ ହୃଦୟକୁ ଜିଣି ଥିଲେ। ଏହି କାର୍ଯ୍ୟକ୍ରମକୁ ସମସ୍ତ ଜନସାଧାରଣ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ସମୟରେ ଟିଟିଲାଗଡ଼ର ସହକାରୀ ଜିଲ୍ଲାପାଳ ସନ୍ଦୀପ ଚନ୍ଦ୍ରକାର, ଦଧିବାମନ ଟ୍ରଷ୍ଟ ବୋର୍ଡ଼ର ବରିଷ୍ଠ ସଭ୍ୟ ତଥା ପୂର୍ବତନ ନଗରପାଳ ଭବାନୀ ପ୍ରସାଦ ହୋତା, ଟ୍ରଷ୍ଟବୋର୍ଡ଼ର ସଭ୍ୟ ତଥା ଆଇନଜୀବି ସଂଜୀବ କୁମାର ପାଢ଼ୀ, ରାଧାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ୧୧୬ତମ ଶିକ୍ଷା ଚେତନା କାର୍ଯ୍ୟକ୍ରମ

**ଧର୍ମଗଡ,(ଡିକେ ନ୍ୟୁଜ୍):** କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ସ୍ଥିତ ମହିଳା ମହାବିଦ୍ୟାଳୟରେ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗନାଇଜେସନ୍ ଏବଂ ସ୍ୱସ୍ତି ହେଲଥ କେୟାର ପ୍ରା. ଲି., ଭବାନୀପାଟଣାର ମିଳିତ ଆନୁକୂଲ୍ୟରେ ଜଗନ୍ନାଥ ସଂସ୍କୃତି ଉପରେ ୧୧୬ତମ ଶିକ୍ଷା ଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧକ୍ଷା ପ୍ରିୟମ୍ବଦା ଚାନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଲିଙ୍ଗରାଜ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଡ. ପଦ୍ମାଳୟା ଦଣ୍ଡସେନା, ଅଧ୍ୟାପିକା ମମତା ତ୍ରିପାଠୀ, ସରିତା ସାମନ୍ତରାୟ, ଲିପିରାଣୀ ବାଗ, ସୁଜାତା ସାହୁ, ଭାଗ୍ୟବତୀ ମିଶ୍ର, ଉମେଶ ସୁନା ପ୍ରମୁଖ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ବଙ୍କିମ ମୁଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଗଠନର ଯୁଗ୍ମ ସଂପାଦକ ରଜତ ବଂଶଲ ବିସ୍ତୃତ ଭାବେ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଯୁବ ସଂଗଠକ ଅବିନାଶ ମୁଣ୍ଡ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଜଗନ୍ନାଥ ସଂସ୍କୃତି ଉପରେ ବିଭିନ୍ନ ପ୍ରଶ୍ନ ପଚରାଯାଇ କୃତୀ ଛାତ୍ରୀମାନଙ୍କୁ ସମ୍ମାନୀତ ଓ ପୁରସ୍କୃତ କରାଯାଇଥିଲା। ନିରୁପମା ବଗର୍ତି ପ୍ରଥମ, ହେମାଙ୍ଗିନୀ ପ୍ରଧାନୀ ଦ୍ୱିତୀୟ ଏବଂ ଖୁସବୁ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହାବିଦ୍ୟାଳୟର ଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିବା ବେଳେ ଲକ୍ଷପତି ନାଏକ, ମନୋଜ ସେଠୀ, ଡମ୍ବରୁଧର ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ମୋବାଇଲ ଚାର୍ଜ ସମୟରେ ଅଘଟଣ : ବିଦ୍ୟୁତ୍ ସଂସ୍ପର୍ଶରେ ଆଖି ବୁଜିଲେ ନାବାଳକ



**ଧର୍ମଗଡ,(ଡିକେ ନ୍ୟୁଜ୍):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କୋକସରା ପଞ୍ଚାୟତ ଚିଲିଗୁଡା ନୂଆପଡା ଗ୍ରାମର ଚାଷୀ ଡମ୍ବରୁ ଧର ନାଏକଙ୍କ ନାବାଳକ ପୁଅ ପ୍ରତାପ ନାଏକ (୧୪) ଆଜି ସକାଳେ ବାପା ମା ଚାଷଜମିକୁ ଗଲାପରେ ମୋବାଇଲ ଚାର୍ଜ କରୁଥିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଛି। ତେବେ ଘରେ କେହି ନଥିବା କାରଣରୁ ମଧ୍ୟାହ୍ନରେ ଚାଷଜମିରୁ ବାପା ମା ଫେରିବା ପରେ ପୁଅକୁ ମୃତ ଅବସ୍ଥାରେ ପାଇଥିଲେ। ପରେ କୋକସରା ଡାକ୍ତରଖାନାକୁ ଆଣିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଚାଷୀ ଡମ୍ବରୁଙ୍କ ଦୁଇପୁଅ ମଧ୍ୟରୁ ବଡ଼ପୁଅ ଘରର ଆର୍ଥିକ ଅବସ୍ଥା ଶୋଚନୀୟ କାରଣରୁ ଯୁକ୍ତ ତିନି ପଢିବା ପରେ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଛି। ଏଭଳି ଦୁଃଖଦ ସ୍ଥିତିରେ ନାବାଳକ ପୁଅର ଅକାଳ ବିୟୋଗରେ ପରିବାର ଭାଙ୍ଗି ପଡିଛନ୍ତି। କୋକସରା ପୋଲିସ ପକ୍ଷରୁ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଥିବା ସୂଚନା ମିଳିଛି। ପରିବାର ଗରିବ ଶ୍ରେଣୀର ହୋଇଥିବା ବେଳେ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀମାନେ ଅନୁରୋଧ କରିଛନ୍ତି।

## ଘାଟିରେ ଅଟକିଲା ଆମ୍ବୁଲାନ୍ସ : ଛଟପଟ ହୋଇ ଅଧାବାଟରେ ଗଲା ଯୁବକଙ୍କ ଜୀବନ

**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ରୋଗୀଙ୍କୁ ନେଇ ଯାଉଥିବା ବେଳେ ଘାଟିରେ ଖରାପ ହୋଇଗଲା ୧୦୮ ଆମ୍ବୁଲାନ୍ସ । ଅଧାବାଟରେ ଅଟକି ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଥାନ୍ତି ୨୦ ବର୍ଷିୟ ଯୁବକ। ପୁଅକୁ ବଞ୍ଚାଇବା ପାଇଁ ରାସ୍ତାରେ ଯାଉଥିବା ଗାଡ଼ିକୁ ସାହଯ୍ୟ ମାଗିଥିଲେ ପରିବାର ଲୋକ। ହେଲେ ରାତି ବେଶୀ ହୋଇଯାଇଥିବାରୁ ବାଟରେ କୌଣସି ଗାଡି ଅଟକିଲେ ନାହିଁ। ଏଭଳି ଭାବରେ ଦୀର୍ଘ ୩ ଘଣ୍ଟା ଧରି ଯୁବକ ଜଣଙ୍କ ଆମ୍ବୁଲାନ୍ସ ଭିତରେ ପଡି ରହିଥାନ୍ତି। ଶେଷରେ ଅନ୍ୟ ଏକ ଆମ୍ବୁଲାନ୍ସରେ ଯୁବକଙ୍କୁ ହସ୍ପିଟାଲ ନିଆଯାଇଥିଲା। ମାତ୍ର ଦୁଃଖର ବିଷୟ ମେଡିକାଲରେ ପହଞ୍ଚିବାର ୧ ଘଣ୍ଟା ପୂର୍ବରୁ ଯୁବକଙ୍କ ମୃତ୍ୟୁ ହୋଇ ସାରିଥିଲା। ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଅଞ୍ଚଳରେ। ଗଞ୍ଜାମ ଜିଲ୍ଲାରେ ରୋଗୀ ସେବା କ୍ଷେତ୍ରରେ ନିୟୋଜିତ ରହିଥିବା ରାଜ୍ୟ ସରକାରଙ୍କ ୧୦୮ ଆମ୍ବୁଲାନ୍ସ ସେବାର ବିକଳ ଚିତ୍ର ଦେଖିବାକୁ ମିଳିଛି। ବାଲୁଗାଁ ସରକାରୀ ମେଡିକାଲରୁ ଅଧିକ ଚିକିତ୍ସା କରାଇବା ପାଇଁ ବ୍ରହ୍ମପୁର ଏମ୍.କେ.ସି.ଜି ମେଡିକାଲକୁ ଏକ ୨୦ ବର୍ଷୀୟ ଯୁବକଙ୍କୁ ଅଣାଯାଉଥିବା ବେଳେ ଜିଲ୍ଲାର ଖଲ୍ଲିକୋଟ ଘାଟିରେ ମଧରାତ୍ରରେ ଗାଡ଼ି ହଠାତ୍ ଖରାପ ହୋଇଯିବା ଯୋଗୁଁ ପ୍ରାୟ ୩ ଘଣ୍ଟା ଧରି ଫସି ରହିଥିଲେ ପରିବାର ବର୍ଗଙ୍କ ଶେଷରେ ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ମଧ୍ୟରେ ରହିବା ପରେ ଅନ୍ୟ ଏକ ଆମ୍ବୁଲାନ୍ସ ଆସି ଅସୁସ୍ଥ ଯୁବକଙ୍କୁ ବ୍ରହ୍ମପୁର ଏମ୍.କେ.ସି.ଜି ମେଡିକାଲରେ ପହଞ୍ଚାଇଥିଲା। ମାତ୍ର ମେଡିକାଲରେ ପହଞ୍ଚିବା ପୂର୍ବରୁ ଅସୁସ୍ଥ ଯୁବକଙ୍କ ମୃତ୍ୟୁ ଘଟିସାରିଥିବା ଡାକ୍ତର ପରିବାର ଲୋକଙ୍କୁ ଅବଗତ କରାଇଥିଲେ। ରୋଗୀ ସେବା ପାଇଁ ନିୟୋଜିତ ୧୦୮ ଆମ୍ବୁଲାନ୍ସର ବିକଳ ଅବସ୍ଥା ନେଇ ମୃତକଙ୍କ ପରିବାର ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଘଟଣା ରହିଥିଲା ଏହିପରି: ମୃତ ଯୁବକଙ୍କ ଭାଇଙ୍କ କହିବା ଅନୁସାରେ, ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଅଞ୍ଚଳର ଜଣେ ୨୦ ବର୍ଷୀୟ ଯୁବକ ଗତକାଲି (ଗିରିବାର) ସନ୍ଧ୍ୟାରେ କ୍ରିକେଟ୍ ଖେଳିବା ପରେ ଘରକୁ ଫେରିଥିଲେ। କ୍ରିକେଟ ଖେଳୁଥିବା ସମୟରେ ଛାତିରେ ବଲ ବାଜି ଯନ୍ତ୍ରଣା ହେଉଥିବା କହିବା ସହିତ କିଛି ସମୟ ମଧ୍ୟରେ ବାନ୍ତି କରିଥିଲେ। ପରିବାର ଲୋକ ଯୁବକଙ୍କୁ ନେଇ ସ୍ଥାନୀୟ ଜଣେ ଚିକିତ୍ସକଙ୍କ ନିକଟରେ ଚିକିତ୍ସା କରାଇଥିଲେ। କିନ୍ତୁ ଯନ୍ତ୍ରଣା ନ କମିବାରୁ ଶେଷରେ ରାତିରେ ପରିବାର ଲୋକ ଯୁବକଙ୍କୁ ବାଲୁଗାଁ ସରକାରୀ ମେଡ଼ିକାଲ ନେଇଥିଲେ। ହେଲେ ରାତି ସମୟରେ ଯୁବକର ଅବସ୍ଥା ଗୁରୁତର ହୋଇପଡିଥିଲା। ଯୁବକ ଜଣଙ୍କ ନିଶ୍ୱାସ ନେବାରେ ସମସ୍ୟା ଉପୁଜୁଥିବା ଦେଖି ଚିକିତ୍ସା କରୁଥିବା ଡ଼ାକ୍ତର ଜଣକ ଯୁବକଙ୍କୁ ବ୍ରହ୍ମପୁର ଏମ୍.କେ.ସି.ଜି ମେଡିକାଲକୁ ନେବା ପାଇଁ ପରାମର୍ଶ ଦେଇଥିଲେ। ମାତ୍ର ଡାକ୍ତରଖାନାରେ ପହଞ୍ଚିବାର ୧ ଘଣ୍ଟା ପୂର୍ବରୁ ଯୁବକଙ୍କ ମୃତ୍ୟୁ ହୋଇସାରିଥିବା ଡାକ୍ତର କହିଥିଲେ। ସେପଟେ ସାଥିରେ ରହିଥିବା ଅନ୍ୟ ଏକ ଯୁବକ ଶିବ ରଞ୍ଜନ ବାରିକ କିଭଳି ଅସୁବିଧାର ସମ୍ମୁଖୀନ ହୋଇଥିଲେ ଏବଂ ଆମ୍ବୁଲାନ୍ସରେ ଫାର୍ମାସିଷ୍ଟ ନଥିଲେ ବୋଲି କହିଛନ୍ତି। ଅନ୍ୟପଟେ ଆଖି ସାମ୍ନାରେ ନିଜର ଭେଣ୍ଡିଆ ପୁଅ ଚାଲିଯାଇଥିବା ଘଟଣାକୁ ସହ୍ୟ କରିନପାରି ମାଆ ମାଗି ମହାରଣାଙ୍କ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ମେଡିକାଲରେ କାନ୍ଦିକାନ୍ଦି ଏଣେ ତେଣେ ଦୌଡି ଯାଉଥିବା ଦେଖିବାକୁ ମିଳିଥିଲା। ବାରମ୍ବାର ଅଭିଯୋଗ ସତ୍ତ୍ୱେ ମରାମତି ହୋଇପାରୁନାହିଁ ଆମ୍ବୁଲାନ୍ସ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମରାମତି ହୋଇପାରୁନାହିଁ ଆମ୍ବୁଲାନ୍ସ। ଏଭଳି କହିଛନ୍ତି ଆମ୍ବୁଲାନ୍ସ ଚାଳକ ମିଟୁ ବେହେରା। ଡ୍ରାଇଭର ମିଟୁ କହିଛନ୍ତି, ରୋଗୀ ଏବଂ ତାଙ୍କ ପରିବାର ବର୍ଗଙ୍କୁ ନେଇ ଯାଉଥିବା ସମୟରେ ଖଲ୍ଲିକୋଟ ଘାଟିରେ ଗାଡି ଉପରକୁ ଯାଉଥିବା ସମୟରେ ହଠାତ୍ ଗାଡି ଖରାପ ହୋଇଯାଇଥିଲା । ଏହାକୁ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲି। ପରବର୍ତ୍ତୀ ସମୟରେ କୋଦଳା ଅଞ୍ଚଳରୁ ଅନ୍ୟ ଏକ ଆମ୍ବୁଲାନ୍ସ ଆସି ରୋଗୀଙ୍କୁ ନେଇଥିଲା।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ମୃତ, ୪ ଗୁରୁତର



କୋଇଡା, (ଡିକେ ନ୍ୟୁଜ୍): ସୁନ୍ଦରଗଡ଼ ଜିଲ୍ଲା କୋଇଡା ଥାନା ଅନ୍ତର୍ଗତ ଏରିଆନ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଚାରି ଜଣ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାଇ କମଣ୍ଡ ସ୍ଥିତ ରୁଙ୍ଗ୍ଟା ଷ୍ଟିଲ ପ୍ଲାଣ୍ଟରେ କାର୍ଯ୍ୟରତ ଡିଜେ ସ୍କ୍ରଓପ ନାମକ ଠିକା ସଂସ୍ଥାର କର୍ମଚାରୀମାନେ କୋଇଡାରୁ ଏକ ଓମିନି ଗାଡି ନମ୍ବର ଜେଏଚ ୦୫ବିୟୁ ୩୪୧୬ ଯୋଗେ କମଣ୍ଡ ଷ୍ଟିଲ ପ୍ଲାଣ୍ଟ ଅଭିମୁଖେ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଓଡି୧୯କ୍ୟୁ ୦୯୭୮ନମ୍ବର ହାଇୱା ଗାଡି ସହିତ ମୁହାଁ ମୁହିଁ ଧକ୍କା ହେବା ଫଳରେ ଓମିନି ଚାଳକ ଅଭିମନ୍ୟୁ କୁମାର ଓ ସାଜନ କୁମାରଙ୍କର ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। କୌଣସି ସୂତ୍ରରୁ ଖବର ପାଇ କୋଇଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ଚାରି ଜଣ ଗୁରୁତର ଆହତ ରାହୁଲ କୁମାର ଶର୍ମା (୩୪), ଅର୍ଜୁନ କୁମାର ଯାଦବ (୩୨), ଶ୍ରୀକାନ୍ତ କୁମାର (୩୨), ସଞ୍ଜୟ ପ୍ରସାଦ (୨୯)ଙ୍କୁ ଉଦ୍ଧାର କରି କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ସମସ୍ତ ଗୁରୁତରମାନଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲାକୁ ସ୍ଥାନାନ୍ତର କରିଛନ୍ତି। ସମସ୍ତ ଗୁରୁତର ଆହତ ଏବଂ ମୃତକମାନେ ବଡ଼ବିଲ, ବିହାର, ଝାଡ଼ଖଣ୍ଡ ଏବଂ ଉତ୍ତର ପ୍ରଦେଶର ବାସିନ୍ଦା ହୋଇଥିବା ଜଣାପଡିଛି।

# ମେଡିକାଲ ସାର୍ଟିଫିକେଟ ଦେଇ ବଦଳି ପାଇଁ କସରତ: ଯାଞ୍ଚ ପାଇଁ ୫ ଜଣିଆ ଟିମ ଗଠନ

କଳାହାଣ୍ଡି, (ଡିକେ ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାରେ ଅଧିକାଂଶ ଶିକ୍ଷକ ବ୍ୟାଧିଗ୍ରସ୍ତ ଥିବା ଯୋଗୁ ବଦଳି ପାଇଁ ଆବେଦନ କରିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏପରି କି ଏହି ଶିକ୍ଷକମାନେ ପ୍ରକୃତରେ ବ୍ୟାଧିଗ୍ରସ୍ତ ନୁହନ୍ତି, ଏହାର ଯାଞ୍ଚ ପାଇଁ ଏକ ପାଞ୍ଚଜଣିଆ ଟିମ୍ ଗଠନ କରାଯାଇଛି। ଚଳିତବର୍ଷ ୨୧୪ଜଣ ଶିକ୍ଷକ ବ୍ୟାଧିଗ୍ରସ୍ତ ଥିବା ଯୋଗୁଁ ବଦଳି ପାଇଁ ଆବେଦନ କରିଥିବା ଜଣାପଡିଛି। ପ୍ରକାଶ ଯେ, ଜିଲ୍ଲାରେ ୧୫୧ ପ୍ରାଥମିକ ଶିକ୍ଷକ ବ୍ୟାଧିଗ୍ରସ୍ତ ଯୋଗୁ ଜିଲ୍ଲା ବାହାରକୁ ବଦଳି ପାଇଁ ଆବେଦନ କରିଛନ୍ତି। ସେହିପରି ୨୮ଜଣ ହାଇସ୍କୁଲ ଶିକ୍ଷକ ବ୍ୟାଧିଗ୍ରସ୍ତ ଯୋଗୁ ଜିଲ୍ଲା ବାହାରକୁ ବଦଳି ପାଇଁ ଆବେଦନ କରିଛନ୍ତି। ଏହାସହ ଜିଲ୍ଲା ଭିତରେ ୨୯ଜଣ ପ୍ରାଥମିକ ଶିକ୍ଷକ ଓ ୬ଜଣ ହାଇସ୍କୁଲ ଶିକ୍ଷକ ବ୍ୟାଧିଗ୍ରସ୍ତ ଥିବାରୁ ବଦଳି ପାଇଁ ଦରଖାସ୍ତ କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପତ୍ର ସଂଖ୍ୟା ୪୩୫୮/ ତା୨୬/୦୬/ ୨୦୨୫ରେ ଏକ ୫ ଜଣିଆ ମେଡିକାଲ ବୋର୍ଡ ଗଠନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ସର୍ଦ୍ଦାର ରାଜା ମେଡିକାଲ କଲେଜର ମେଡିସିନ ବିଭାଗ, ସର୍ଜରୀ ବିଭାଗ, ଅସ୍ଥିଶଲ୍ୟ ବିଭାଗ, ସ୍ତ୍ରୀ ଓ ପ୍ରସୂତି ବିଭାଗ ଏବଂ ମାନସିକ ବିଭାଗର ମୁଖ୍ୟ ପ୍ରଫେସର ରହିଛନ୍ତି। ଜୁଲାଇ ୧ରୁ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ଆବେଦନ କରିଥିବା ବ୍ୟାଧିଗ୍ରସ୍ତ ଶିକ୍ଷକଙ୍କ ଯାଞ୍ଚ କରାଯିବ ବୋଲି ସୂଚନା ମିଳିଛି। ୨୦୨୪ ମସିହାରେ ୩୫ ଜଣ ପ୍ରାଥମିକ ଶିକ୍ଷକ ଓ ୩୪ ଜଣ ହାଇସ୍କୁଲ ଶିକ୍ଷକ, ୨୧୪ ଶିକ୍ଷକ ବ୍ୟାଧିଗ୍ରସ୍ତ ବୋଲି ଆବେଦନ କରିଛନ୍ତି। ଏମାନେ ମେଡିକାଲ ସାର୍ଟିଫିକେଟ ଦେଇ ଜିଲ୍ଲା ବାହାରକୁ ବଦଳି ହୋଇଛନ୍ତି। ଗତ ଜୁନ ୩୦ ତାରିଖରେ ୪୪ ଜଣ ଶିକ୍ଷକ ଅବସର ନେଇଛନ୍ତି। ଗତ ୨୦୧୮ ମସିହାରେ ରାଜ୍ୟ ଭିତ୍ତିକ କ୍ୟାଡର ଦ୍ୱାରା ଜିଲ୍ଲାରେ ୧୧୦୦ଜଣ ଶିକ୍ଷକ ନିଯୁକ୍ତି ପାଇଥିଲେ। ବର୍ତ୍ତମାନ ସେମାନଙ୍କ ପଦବୀ ରେଗୁଲାର ହେବା ପରେ ଜିଲ୍ଲା ବାହାରକୁ ମେଡିକାଲ ସାର୍ଟିଫିକେଟ ଦେଇ ବଦଳି ହେବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଜିଲ୍ଲାରେ ୧୭୭ଟି ସରକାରୀ ହାଇସ୍କୁଲରେ ୧୭୮୮ ଶିକ୍ଷକ ପଦବୀ ଥିବାବେଳେ ୨୭୩ଟି ପଦବୀ ଖାଲି ପଡିଛି। ସେହିପରି ପ୍ରାଥମିକ ସ୍କୁଲରେ ୧୮୯୮ ଶିକ୍ଷ ଶିକ୍ଷକ ପଦବୀ ଖାଲି ପଡିଛି। ଜିଲ୍ଲା କ୍ୟାଡର ଭିତ୍ତିକ ନିଯୁକ୍ତି ଜିଲ୍ଲାରେ ବ୍ୟାପକ ଆନ୍ଦୋଳନ ହୋଇଥିଲା। କିନ୍ତୁ ରାଜ୍ୟ ସରକାର ରାଜ୍ୟ ଭିତ୍ତିକ କ୍ୟାଡର ନିଯୁକ୍ତି ବଳବତ୍ତର ରଖିବା ଯୋଗୁ ବର୍ତ୍ତମାନ ରେଗୁଲାର ହେବା ପରେ ଅନ୍ୟ ଜିଲ୍ଲାକୁ ଶିକ୍ଷକମାନେ ମେଡିକାଲ ସାର୍ଟିଫିକେଟ ଦେଇ ବଦଳି ହେବା ପାଇଁ କସରତ ଆରମ୍ଭ କରିଛନ୍ତି। ବଦଳି ହେଉଥିବା ଶିକ୍ଷକମାନଙ୍କ ପଦବୀ ପୂରଣ ନ ହେବା ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ତେଣୁ ରାଜ୍ୟ ସରକାର ଜିଲ୍ଲା ଭିତ୍ତିକ କ୍ୟାଡର ନିଯୁକ୍ତି କରିବା ସହିତ ମେଡିକାଲ ବୋର୍ଡକୁ କଡାକଡି କରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରିଙ୍କୁ ପଚାରିବାରୁ ବ୍ୟାଧଗ୍ରସ୍ତ ଯୋଗୁ ବଦଳି ପାଇଁ ଆବେଦନ କରିଥିବା ଶିକ୍ଷକମାନଙ୍କ ଯାଞ୍ଚ ପାଇଁ ଏକ ମେଡିକାଲ ବୋର୍ଡ ଗଠନ କରାଯାଇ ଯାଞ୍ଚ ଚାଲିଛି ବୋଲି କହିଥିଲେ।

## ସ୍ତ୍ରୀ ସହ ଝଗଡ଼ା କରି ନିଜ ବେକ କାଟିଲେ ଯୁବକ

ବ୍ରହ୍ମପୁର, (ଡିକେ ନ୍ୟୁଜ୍): ଘରେଇ କଳିକୁ ନେଇ ନିଜ ବେକ କାଟିଦେଲେ ଯୁବକ। ଗଞ୍ଜାମ ଜିଲ୍ଲା ଖାରବେଳ ନଗରରେ ରହୁଥିବା ଅଶୋକ କୁମାର ପାଣିଗ୍ରାହୀ ନାମକ ଜଣେ ଯୁବକ ନିଜ ସ୍ତ୍ରୀ ସହ ଝଗଡା କରି ନିଜ ବେକ କାଟିଥିବା ସୂଚନା ମିଳିଛି। ବର୍ତ୍ତମାନ ଏମକେସିଜି ମେଡ଼ିକାଲରେ ତାଙ୍କ ଚିକିତ୍ସା ଚାଲିଛି। ସୂଚନା ମୁତାବକ, ଖାରବେଳ ନଗରରେ ରହୁଥିବା ଅଶୋକ କୁମାର ପାଣିଗ୍ରାହୀ ନାମକ ଯୁବକଙ୍କର ତାଙ୍କ ପତ୍ନୀଙ୍କ ସହ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ରାଗି ଯାଇ ଯୁବକ ଜଣକ ନିଜ ବେକ କାଟି ଦେଇଥିଲେ। ଏହା ପରେ ଅଶୋକ ନିଜେ ବାଇକ୍ ଚଳାଇ ଏମକେସିଜି ମେଡ଼ିକାଲକୁ ଆସିଛନ୍ତି। ବର୍ତ୍ତମାନ ଏମକେସିଜି ମେଡ଼ିକାଲରେ ତାଙ୍କ ଚିକିତ୍ସା ଜାରି ରହିଛି।

# ଦୁର୍ଘଟଣାରେ ଜଣେ ମୃତ ଅନ୍ୟ ଜଣେ ଗୁରୁତର



ସାଲେପୁର, (ଡିକେ ନ୍ୟୁଜ): କଟକ ସଦର ଅନ୍ତର୍ଗତ କଟକ ପାରାଦୀପ ରାସ୍ତାର ସୋମପୁର ନିକଟରେ କାର ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ଗୁରୁତରଙ୍କୁ କଟକ ଏସସିବିକୁ ସ୍ଥାନାନ୍ତର କରାଯାଇଛି। ପାରାଦୀପ ଅଡୁ ଆସୁଥିବା ବାଇକ ଓ କଟକ ଅଡୁ ଆସୁଥିବା କାର ମଧ୍ୟରେ ଧକ୍କା ହୋଇଛି। ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ତେବେ ଘଟଣାସ୍ଥଳରେ କିଶନନଗର ପୋଲିସ ପହଞ୍ଚି ଅନୁଧାନ କରିବା ସହ ଗୁରୁତର ଆହତଙ୍କୁ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଡାକ୍ତରଖାନା ପଠାଯାଇଛି। ବାଇକ୍‌ଟି ସମ୍ପୂର୍ଣ୍ଣ ଭାଙ୍ଗି ରୁଜି ଯାଇଥିବା ବେଳେ କାରଟି ରାସ୍ତା ତଳକୁ ଖସି ପଡ଼ିଛି। ଆହତ ଓ ମୃତଙ୍କଙ୍କ ପରିଚୟ ମିଳିପାରିନାହିଁ।

# କେବେ କାର୍ଯ୍ୟକ୍ଷମ ହେବ ଇନ୍ଦ୍ରଗଡ଼ ସାହି ରାସ୍ତା

## ବ୍ଲକ କାର୍ଯ୍ୟାଳୟରେ ଧାରଣା ଦେବା ପାଇଁ ଚେତାବନୀ



ଜଗନ୍ନାଥ ପ୍ରସାଦ, (ଡିକେ ନ୍ୟୁଜ୍): ଜଗନ୍ନାଥ ପ୍ରସାଦ ବ୍ଲକ ହେଡକ୍ୱାଟର ଅନ୍ତର୍ଗତ ମା' କରଞ୍ଜେଇ ମନ୍ଦିରଠାରୁ ମାତ୍ର ୧୦୦ ମିଟରଗଲେ ୨୧ନମ୍ବର ରାଜ୍ୟ ରାଜପଥକୁ ଲାଗିଛି ଇନ୍ଦ୍ରଗଡ଼ଗ୍ରାମ ହେଲେ ତାହାର ଅବସ୍ଥା କହିଲେ ନସରେ ସେହି ଗ୍ରାମକୁ ଯିବାକୁ ଥିବା ଚଲାପଥ ଏବେ ପାଲଟିଛି ମରଣଯନ୍ତା। ଏହି ରାସ୍ତାରେ କେତେବେଳେ କୁନିକୁନି ଛୁଆ ପଡ଼ି ଆହତ ହେଉଥିବା ବେଳେ କେତେବେଳେ ପଡ଼ୁଛନ୍ତି ଗ୍ରାମର ବୁଢ଼ା ବୁଢ଼ୀ। ରୋଗୀ ନେବା ନ କହିବା ଭଲ। ଆଗରୁ ଯିବାକୁ ଟିକେ ହେଉ ଥିଲା ହେଲେ ବର୍ତ୍ତମାନ ମେଗା ଜଳ ନିମନ୍ତେ ଖୋଳି ରାସ୍ତାକୁ ସମ୍ପୂର୍ଣ୍ଣ କଦର୍ଯ୍ୟକରିଛନ୍ତି ଯାହା ଫଳରେ ପାଦଚଲା ତ ଦୂରର କଥା ଆମ୍ବୁଲାନ୍ସଟିଏ ସାହିକୁ ଯିବା ଅସମ୍ଭବ। ନିତିଦିନିଆ ସଉଦା ହେଉ କି ଶିଶୁମାନେ ବିଦ୍ୟାଳୟକୁ ଯିବା ଆସିବା କରିବା ପାଇଁ ରାସ୍ତାରେ ଯାତାୟତ ପାଇଁ ମହଙ୍ଗା ହେଉଥିବା ଗ୍ରାମବାସି ଅଭିଯୋଗ କରିଛନ୍ତି। ଏହାର ବିଷୟରେ ପ୍ରତିକ୍ରିୟା ନିମନ୍ତେ ଆମ ପ୍ରତିନିଧି ଯାଇଥିଲେ ବ୍ଲକ କାର୍ଯ୍ୟାଳୟ ହେଲେ ବିଡ଼ିଓ ଛୁଟିରେ ଥିବା କହିଛନ୍ତି।

# ଜବାହର ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳନ

ଧର୍ମଗଡ, (ଡିକେ ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କୋକସରା ସଦର ମହୁକୁମା ସ୍ଥିତ ଜବାହାର ଉଚ୍ଚ ବିଦ୍ୟାଳୟ ଠାରେ ଶୁକ୍ରବାର ମା'ପାଇଁ ଗଛ ଟିଏ, ୭୬ତମ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା ସଭାପତିତ୍ୱରେ ମା'ପାଇଁ ଗଛ ଟିଏ ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ମୁଖ୍ୟବକ୍ତା ଭାବେ ଗୋଷ୍ଠି ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି, ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା ସଦସ୍ୟ ତ୍ରିଭୁବନ ନାଏକ, କୋକସରା ବନପାଳ ରଶ୍ମି ରଞ୍ଜିତା ନାଏକ, ବିଜେପି ନେତା ତ୍ରିନାଥ ଶବର, କୋକସରା ମଣ୍ଡଳ ସଭାପତି ବସନ୍ତ ନାଗ, ସମ୍ପାଦକ ମନୋଜ ନାଏକ, ଶାରଳା ପ୍ରଧାନୀ ପ୍ରମୁଖ ଉପସ୍ଥିତ ରହି ଦୈନନ୍ଦିନ ଜୀବନରେ ବୃଦ୍ଧି ପାଉଥିବା ପ୍ରଦୂଷଣ ନିୟନ୍ତ୍ରଣ ଓ ପରିବେଶକୁ ସନ୍ତୁଳନ ପାଇଁ ବୃକ୍ଷ ରୋପଣ ହିଁ ଏକମାତ୍ର ବିକଳ୍ପ, ଏଣୁ ଆମେ ଛାତ୍ର ଜୀବନରେ ବୃକ୍ଷ ରୋପଣ କରି ପ୍ରକୃତିକୁ ସବୁଜିମା ପୂର୍ଣ୍ଣ କରି ଏକ ସୁନ୍ଦର ପୃଥିବୀ ଗଢିବା ବୋଲି ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଫଳମୂଳ ଓ ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ।

# ବାହୁଡ଼ା ଓ ସୁନାବେଶ ଲାଗି ଜାରି ହେଲା ଟ୍ରାଫିକ କଟକଣା

ପୁରୀ, (ଡିକେ ନ୍ୟୁଜ): ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ଓ ସୁନାବେଶରେ ପୁରୀରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେବ। ଜନସମାଗମକୁ ଦୃଷ୍ଟିରେ ରଖି ସୁଗମ ଯାନବାହାନ ଚଳାଚଳ ଏବଂ ପାର୍କିଂ ବ୍ୟବସ୍ଥା ପାଇଁ ପୁରୀ ପୋଲିସ ପକ୍ଷରୁ ଟ୍ରାଫିକ କଟକଣା ଜାରି ହେବା ସହ ସ୍ୱତନ୍ତ୍ର ରୁଟ ଚାର୍ଟ ଜାରି କରାଯାଇଛି। ବ୍ରହ୍ମଗିରି, ଭୁବନେଶ୍ୱର ଏବଂ କୋଣାର୍କ ଆଦି ବିଭିନ୍ନ ଦିଗରୁ ଆସୁଥିବା ଯାନବାହାନ ପାଇଁ ପୃଥକ ରୁଟ୍ ଏବଂ ପାର୍କିଂ ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱରରୁ ଆସୁଥିବା ସମସ୍ତ ପର୍ଯ୍ୟଟନ ବସ୍ ଗୁଡ଼ିକ ମାଳତୀପାଟପୁରରେ ପାର୍କିଂ ପାଇଁ ଅନୁମତି ଦିଆଯିବ। ପର୍ଯ୍ୟଟକମାନଙ୍କୁ ନେଇ ବ୍ରହ୍ମଗିରି ପାର୍ଶ୍ୱରୁଆସୁଥିବା ବସକୁ ଫ୍ଲୋରିସ୍ ଇଣ୍ଡିଆରେ ପାର୍କିଂ ପର୍ଯ୍ୟନ୍ତ ଅନୁମତି ଦିଆଯିବ। ଆସୁଥିବା ରାସ୍ତା ଦେଇ ସେମାନେ ଫେରିପାରିବେ। ସେହିପରି କୋଣାର୍କ ପାର୍ଶ୍ୱରୁ ଆସୁଥିବ ସମସ୍ତ ବସକୁ ସ୍ୱାମୀ ନାରାୟଣ ମନ୍ଦିର ପର୍ଯ୍ୟନ୍ତ ଯାଇ ସେଠାରେ ପାର୍କିଂ ଅନୁମତି ଦିଆଯିବ। ଆସିଥିବା ରାସ୍ତା ଦେଇ ସେମାନେ ପ୍ରତ୍ୟାବର୍ତ୍ତନ କରିପାରିବେ। ତାଳବଣିଆରୁ ଆସୁଥିବା ତିନି ଚକିଆ ଯାନଗୁଡ଼ିକ ୱାଟର ୱାର୍କ ରୋଡ, ଓଡ଼ିଶା ବେକେରୀ ଏବଂ ରାମ ମନ୍ଦିର ଦେଇ ଘୋଡା ବଜାରକୁ ଯାଇପାରିବେ। ସେଠାରୁ ଯାତ୍ରୀମାନଙ୍କୁ ଛାଡ଼ିବା ପରେ ରାମ ମନ୍ଦିର, ଶ୍ରୀକ୍ଷେତ୍ର କଲୋନୀ ଏବଂ ମଙ୍ଗଳା ମନ୍ଦିର ଦେଇ ତାଳବଣିଆକୁ ଫେରିବେ। ସେହିପରି ମାଳତୀପାଟପୁର ପାର୍ଶ୍ୱରୁ ଆସୁଥିବା ତିନି ଚକିଆ ଯାନଗୁଡ଼ିକୁ ବାଟଗାଁ ଛକ ଦେଇ ଅଠରନଳା ପର୍ଯ୍ୟନ୍ତ ଯାଇ ସେଠାରେ ଯାତ୍ରୀମାନଙ୍କୁ ଛାଡ଼ିବା ପରେ ସମାନ ରୁଟ୍ ଦେଇ ଫେରିବେ। ବ୍ରହ୍ମଗିରି ପାର୍ଶ୍ୱରୁ ଆସୁଥିବା ତିନି ଚକିଆ ଯାନଗୁଡ଼ିକୁ ମଙ୍ଗଳାଘାଟ ଦେଇ ଷ୍ଟର୍ଲିଂ ପର୍ଯ୍ୟନ୍ତ ଆସି ସେହି ସମାନ ରୁଟ୍ ଦେଇ ଫେରି ପାରିବେ। ଭୁବନେଶ୍ୱର ଆସୁଥିବା ସମସ୍ତ ହାଲୁକା ମୋଟର ଯାନଗୁଡ଼ିକ ମାଳତୀପାଟପୁର ବ୍ରିଜ୍, ବାଇଦାସନଗର ଛକ, ଗ୍ରୀଡ୍ ଷ୍ଟେସନ୍ ଛକ ଦେଇ ତାଳବଣିଆ ପାର୍ଶ୍ୱରେ ନିର୍ଦ୍ଦିଷ୍ଟ ପାର୍କିଂ ପଏଣ୍ଟକୁ ଆସିପାରିବେ। ତାଳବଣିଆ ପାର୍ଶ୍ୱରେ ସେମାନେ ଯଥାକ୍ରମେ ବିଧାନସଭା ଅତିଥି ଭବନ, ଶିଳ୍ପ ତାଲିମ କେନ୍ଦ୍ର, ହେଲିପ୍ୟାଡ୍, ଇଣ୍ଡୋର ଷ୍ଟାଡିୟମ୍, ଉଦ୍ୟାନ କୃଷି ପ୍ରତିଷ୍ଠାନରେପାର୍କିଂ କରିବେ। ସେଠାରୁ, ସେମାନେ ପିକେ ଆରଇଟି ଛକ, କେନ୍ଦ୍ରୀୟ ବିଦ୍ୟାଳୟ, ଭୂଦାନ ଛକ, ଗ୍ରୀଡ୍ ଷ୍ଟେସନ୍, ଭୂଦାନ ଛକ, ବାଲିଘାଟ ଭୂଦାନ ଛକ, ସମଙ୍ଗରା ଓ ବାଟଗାଁ ଭୂଦାନ ଛକ ଦେଇ ଭୁବନେଶ୍ୱର ଫେରିବାକୁ ପରାମର୍ଶ ଦିଆଯାଇଛି। କୋଣାର୍କରୁ ଆସୁଥିବା ସମସ୍ତ ହାଲୁକା ମୋଟର ଯାନଗୁଡ଼ିକ ବାଇଦାସ ନଗର ଛକ, ଗ୍ରୀଡ୍ ଷ୍ଟେସନ୍ ଏବଂ ତାଳବଣିଆ ଦେଇ ନିର୍ଦ୍ଦିଷ୍ଟ ପାର୍କିଂ ଅଞ୍ଚଳକୁ ଆସିବେ। ତାଳବଣିଆ, ବିଧାନସଭା ଅତିଥି ଭବନ, ଶିଳ୍ପ ତାଲିମ କେନ୍ଦ୍ର, ହେଲିପ୍ୟାଡ୍, ଇଣ୍ଡୋର ଷ୍ଟାଡିୟମ୍, ଉଦ୍ୟାନ କୃଷି କ୍ଷେତ୍ର ଏବଂ ତାଜା ମାଛ ବଜାରରେ କ୍ରମାନୁସାରେ ସେମାନଙ୍କର ଯାନଗୁଡ଼ିକ ପାର୍କିଂ କରିବେ। ସେଠାରୁ ସମାନ ରାସ୍ତା ଦେଇ ଫେରିବାକୁ ପରାମର୍ଶ ଦିଆଯାଉଛି। ବ୍ରହ୍ମଗିରି ଆଡୁ ଆସୁଥିବା ସମସ୍ତ ହାଲୁକା ମୋଟର ଯାନ ଗୁଡ଼ିକ ମଙ୍ଗଳାଘାଟ ଛକରୁ ଷ୍ଟର୍ଲିଂ ଛକକୁ ଯିବେ ଏବଂ ସେଠାରେ ନିର୍ଦ୍ଦିଷ୍ଟ ଯାନ ପାର୍କିଂ ଅଞ୍ଚଳ (ଷ୍ଟର୍ଲିଂ ପାର୍କିଂ)ରେ ପାର୍କିଂ କରିବେ ଓ ସେହି ସମାନ ରାସ୍ତା ଦେଇ ସେମାନେ ପ୍ରତ୍ୟାବର୍ତ୍ତନ କରିପାରିବେ। ସେହିପରି ବ୍ରହ୍ମଗିରି ପାର୍ଶ୍ୱରୁ ଆସୁଥିବା ଦୁଇ ଚକିଆ ଯାନଗୁଡ଼ିକୁ ପୁରୁଣା ଜଗନ୍ନାଥ ବଲ୍ଲଭ ପାର୍କିଂ ମାଟିତୋଟା ହେଲିପ୍ୟାଡ୍ ଗ୍ରାଉଣ୍ଡ ଏବଂ ମଙ୍ଗଳାଘାଟ ଦେଇ ମାଟିତୋଟା ପ୍ଲେ ଗ୍ରାଉଣ୍ଡ ପାର୍କିଂରେ ପହଞ୍ଚିପାରିବେ। ତେବେ ଯେଉଁମାନେ ପ୍ରଥମେ ଆସିବେ ସେମାନଙ୍କୁ ପ୍ରାଥମିକତା ଦିଆଯାଇ ପୁରୁଣା ଜଗନ୍ନାଥ ବଲ୍ଲଭ ପାର୍କିଂ ପର୍ଯ୍ୟନ୍ତ ଯିବାକୁ ଅନୁମତି ଦିଆଯିବ। ସେମାନେ ମଙ୍ଗଳାଘାଟ ଦେଇ ଫେରିବେ। ଭୁବନେଶ୍ୱର ପାର୍ଶ୍ୱରୁ ଆସୁଥିବା ଦୁଇ ଚକିଆ ଯାନ ଗୁଡ଼ିକ ପୁରୁଣା ଜଗନ୍ନାଥ ବଲ୍ଲଭ ପାର୍କିଂ, ମାଟିତୋଟା ହେଲିପ୍ୟାଡ୍ ଗ୍ରାଉଣ୍ଡ ଏବଂ ମାଟିତୋଟା ପ୍ଲେ ଗ୍ରାଉଣ୍ଡ ପାର୍କିଂ ମାଳତୀପାଟପୁର, ବାଟଗାଁ ଏବଂ ମଙ୍ଗଳାଘାଟ ଦେଇ ଯାଇପାରିବେ। ଯେଉଁମାନେ ଭୁବନେଶ୍ୱରରୁ ପ୍ରଥମେ ଆସିଥିବା ସେମାନଙ୍କୁ ପୁରୁଣା ଜଗନ୍ନାଥ ବଲ୍ଲଭ ପାର୍କିଂ ପର୍ଯ୍ୟନ୍ତ ଅନୁମତି ଦିଆଯିବ। ତେବେ ପୁରୁଣା ଜଗନ୍ନାଥ ବଲ୍ଲଭରେ ପାର୍କିଂ କରିଥିବା ଯାନଗୁଡ଼ିକ ଜଟିଆବାବାଜୀ ଛକ, କୁମ୍ଭାରପଡ଼ା ଥାନା ଅଠରନଳା ଏବଂ ବାଟଗାଁ ଦେଇ ଫେରିପାରିବେ। କୋଣାର୍କ ପାର୍ଶ୍ୱରୁ ଆସିବାକୁ ଥିବା ଦୁଇ ଚକିଆ ଯାନଗୁଡ଼ିକୁ ବାଇଦାସ ନଗର, ଗ୍ରୀଡ୍ ଷ୍ଟେସନ୍, ହେଲିପ୍ୟାଡ୍, ପେଣ୍ଟକଟା ଛକ, ସିଟି ରୋଡ୍ ଏବଂ ସୁବାଷ ବୋଷ ଛକ ଦେଇ ବ୍ଲୁ ଫ୍ଲାଗ ବିଚ୍ ଏବଂ ହୋଟେଲ ନୀଳାଚଳ ଅଶୋକ ନିକଟରେ ପାର୍କିଂ ପାଇଁ ଅନୁମତି ଦିଆଯିବ। ସେହି ଦୁଇ ଚକିଆ ଯାନଗୁଡ଼ିକ ସମାନ ରାସ୍ତା ଦେଇ ଫେରିବ। କିନ୍ତୁ ବାଇଦାସନଗର ଛକରୁ କୌଣସି ଯାନକୁ ଆରଓବି ରୋଡ୍ ବ୍ୟବହାର କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ନିର୍ଦ୍ଦେଶ ନାମରେ ସ୍ପଷ୍ଟ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପୁରୀ ପୌରପାଳିକା...

ଜଗନ୍ନାଥ ସଂସ୍କୃତି ଓ ଇତିହାସ ଯେପରିକି ଏହାର ପୌରାଣିକ ମହତ୍ତ୍ୱ, ନୀଳବଧବଙ୍କ ଠାରୁ ମନ୍ଦିର ନିର୍ମାଣର ଇତିହାସ, ବିଗ୍ରହ ପ୍ରତିଷ୍ଠା, କାଞ୍ଚି ବିଜୟ, ଯାନିଯାତ୍ରା, ମନ୍ଦିର ରୀତିନୀତି, ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ ଭାବାବେଗ ଇତ୍ୟାଦି ପ୍ରଦର୍ଶିତ ହେବ। ଏହି ସବୁ ଘଟଣାବଳୀକୁ ବିଭିନ୍ନ ଚିତ୍ରକଳା, କ୍ଷୁଦ୍ର ପ୍ରତିମୂର୍ତ୍ତି, ପଟ୍ଟଚିତ୍ର ଇତ୍ୟାଦି ମାଧ୍ୟମରେ ପ୍ରଦର୍ଶିତ କରାଯାଇପାରିବ। ସେହିପରି ଏହି ପରିସରରେ ଏକ ପୁସ୍ତକାଗାର ଏବଂ ଜଗନ୍ନାଥ ସଂସ୍କୃତି ଗବେଷଣା କେନ୍ଦ୍ର ସ୍ଥାପିତ କରାଯିବ। ଏହି ପୁସ୍ତକାଗାରରେ ଜଗନ୍ନାଥ ସଂସ୍କୃତି ସହିତ ଓଡିଆ ସଂସ୍କୃତି ଓ ପରମ୍ପରା ସମ୍ବନ୍ଧୀୟ ପୁସ୍ତକ ବି ରହିବ। ଏହି ପୁସ୍ତକାଗାରରେ ଇ-ଲାଇବ୍ରେରୀର ସୁବିଧା ପ୍ରଦାନ କରାଯିବ ଏବଂ ପାଠକମାନେ ଇ-ଲାଇବ୍ରେରୀ ମାଧ୍ୟମରେ ସବୁ ପ୍ରକାର ପଠନ ସାମଗ୍ରୀ ପାଇ ପାରିବେ। ଜଗନ୍ନାଥ ସଂସ୍କୃତି ଏବଂ ସାହିତ୍ୟକୁ ଋଦ୍ଧିମନ୍ତ କରିବା ପାଇଁ ଏହା ନିଶ୍ଚିତ ଭାବେ ସାହାଯ୍ୟ କରିବ। ଏଥିସହିତ ଏହି ପରିସରରେ ପ୍ରାୟ ୩୦୦ ଆସନ ବିଶିଷ୍ଟ ଏକ ପ୍ରେକ୍ଷାଳୟ (ଅଡିଟରିଅମ) ନିର୍ମାଣ କରାଯିବ। ଏହି ଅଡିଟରିଅମରେ ପ୍ରତି ଦିନ ଲାଇଟ ଓ ସାଉଣ୍ଡ ଶୋ ପ୍ରସ୍ତୁତ କରାଯିବ। ଜଗନ୍ନାଥ ମନ୍ଦିର ଏବଂ ଠାକୁରଙ୍କୁ ନେଇ ଅନେକ କାହାଣୀ, ଅନେକ ପ୍ରସଙ୍ଗ ରହିଛି। ଏହି ସବୁ ପ୍ରସଙ୍ଗକୁ ବିଭିନ୍ନ ଅଧ୍ୟାୟରେ ବିଭାଜନ କରି ଗୋଟିଏ ଗୋଟିଏ ଅଧ୍ୟାୟ (ଏପିସଡ) ପ୍ରସ୍ତୁତ କରି ବିଭିନ୍ନ ଭାଷା ଯେପରିକି ଓଡିଆ, ହିନ୍ଦୀ, ଇଂରାଜୀ ଏବଂ ବଙ୍ଗାଳୀ ଭାଷାରେ ପ୍ରସ୍ତୁତ କରାଯାଇ ପ୍ରଦର୍ଶିତ କରାଯିବ। ତା'ଛଡା ଏହି ପରିସର ମଧ୍ୟରେ ଏକ ମୁକ୍ତାକାଶ ରଙ୍ଗମଞ୍ଚ ବି ନିର୍ମିତ ହେବ ଯେଉଁଠି ରାଜ୍ୟର କଳାକାର ଏବଂ ସାଂସ୍କୃତିକ ଅନୁଷ୍ଠାନ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇପାରିବ। ଏହି ପ୍ରକଳ୍ପ ଜଗନ୍ନାଥ ସଂସ୍କୃତି, ପରମ୍ପରା ଏବଂ ସାହିତ୍ୟକୁ ସୁଦୃଢ ଏବଂ ପରିପୁଷ୍ଟ କରିବା ସହିତ ପୁରୀ ଜଗନ୍ନାଥ ଧାମକୁ ଆସୁଥିବା ହଜାର ହଜାର ପର୍ଯ୍ୟଟକଙ୍କ ପାଇଁ ଉତ୍କୃଷ୍ଟ ସମୟ ବ୍ୟତୀତ କରିବା ପାଇଁ ସୁଯୋଗ ପ୍ରଦାନ କରିବ। ଏହା ପୁରୀକୁ ଦେଶର ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବାରେ ସହାୟକ ହେବ ବୋଲି କୁହାଯାଇଛି।

### ପ୍ରବାସୀ ଭାରତୀୟ...

ଉତ୍ପାଦନ, ସବୁଜ ପଥ, ମହାକାଶ, ନବସୃଜନ ଏବଂ ଷ୍ଟାର୍ଟ-ଅପ୍ କ୍ଷେତ୍ରରେ ଭାରତର ଦ୍ରୁତ ବିକାଶ ଏବଂ ପରିବର୍ତ୍ତନକୁ ଉଲ୍ଲେଖ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଗତ ଏକ ଦଶନ୍ଧିରେ ଭାରତ ୨୫୦ ନିୟୁତରୁ ଅଧିକ ଲୋକଙ୍କୁ ଅତି ଦାରିଦ୍ର୍ୟରୁ ମୁକ୍ତ କରି ସମନ୍ୱିତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛି। ଭାରତର ଅଭିବୃଦ୍ଧି କାହାଣୀର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ସେ ଉଲ୍ଲେଖ କରିଥିଲେ ଯେ ଦେଶ ଖୁବ୍ ଶୀଘ୍ର ବିଶ୍ୱର ଶ୍ରେଷ୍ଠ ତିନୋଟି ଅର୍ଥନୀତି ମଧ୍ୟରେ ସାମିଲ ହେବ। ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଏଆଇ ସେମିକଣ୍ଡକ୍ଟର ଏବଂ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଉପରେ ଜାତୀୟ ମିଶନ ଦେଶର ଅଭିବୃଦ୍ଧିର ନୂତନ ଇଞ୍ଜିନ୍ ହେଉଛି। ଭାରତରେ ୟୁପିଆଇ ଆଧାରିତ ଡିଜିଟାଲ୍ ପେମେଣ୍ଟର ସଫଳତାକୁ ରେଖାଙ୍କିତ କରି, ସେ ଆଶା ପ୍ରକାଶ କରିଥିଲେ ଯେ ତ୍ରିନିଦାଦ ଏବଂ ଟୋବାଗୋରେ ଏହାର ଗ୍ରହଣ ସମାନ ଭାବରେ ଉତ୍ସାହଜନକ ହେବ। ଭାରତର ପୁରୁଣା ଦର୍ଶନ ବସୁଧୈବ କୁଟୁମ୍ବକମ୍, ଅର୍ଥାତ ବିଶ୍ୱ ଗୋଟିଏ ପରିବାର, କୋଭିଡ୍ ମହାମାରୀ ସମୟରେ ସ୍ପଷ୍ଟ ଭାବରେ ପ୍ରଦର୍ଶିତ। ଏହା ସହିତ ସେ ପ୍ରଗତି ଏବଂ ରାଷ୍ଟ୍ର ନିର୍ମାଣ ପାଇଁ ଟି ଆଣ୍ଡ ଟିକୁ ନିରନ୍ତର ସମର୍ଥନ ପ୍ରଦାନ କରିଥିଲେ। ୪୦୦୦ରୁ ଅଧିକ ଲୋକଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଆକର୍ଷଣୀୟ କାର୍ଯ୍ୟକ୍ରମରେ ମହାତ୍ମା ଗାନ୍ଧୀ ସାଂସ୍କୃତିକ ସହଯୋଗ ପ୍ରତିଷ୍ଠାନ ଏବଂ ଅନ୍ୟାନ୍ୟ ସଂଗଠନର କଳାକାରମାନଙ୍କ ଦ୍ୱାରା ଏକ ମନମୁଗ୍ଧକର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା।

### ଆଜି ରତ୍ନବେଦୀକୁ...

ଆରପିଏଫ ଭଳି ୮ କମ୍ପାନୀ କେନ୍ଦ୍ରୀୟ ଫୋର୍ସଙ୍କୁ ନିୟୋଜିତ କରାଯାଇଛି। ସମୁଦ୍ରକୂଳ ସୁରକ୍ଷା ପାଇଁ ମେରାଇନ, କୋଷ୍ଟ ଗାର୍ଡ ଓ ନୌସେନା ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଛି। ଏଆଇ ସର୍ଭେ ସାଙ୍ଗକୁ ଆକାଶ ମାର୍ଗରୁ ତୀକ୍ଷ୍ଣ ନଜର ରଖାଯାଇଛି। ରେଳ ଷ୍ଟେସନ, ବସଷ୍ଟାଣ୍ଡ ଓ ସମୁଦ୍ରକୂଳ ଭଳି ଜନଗହଳି ପୂର୍ଣ୍ଣ ସ୍ଥାନରେ ସାଧା ପୋଷକଧାରୀ ପୋଲିସଙ୍କୁ ମୁତୟନ କରଯାଇଛି। ସମୁଦ୍ର ବେଳାଭୂମୀ ଅଞ୍ଚଳରେ ଲାଇଫ୍ ଗାର୍ଡ ନିୟୋଜିତ ହୋଇଛନ୍ତି। ଭିଡ଼ ନିୟନ୍ତ୍ରଣ ଓ ଦର୍ଶନାର୍ଥିଙ୍କ ସୁରକ୍ଷା ପାଇଁ ଫୋର୍ସମାନଙ୍କ ସହିତ ପ୍ରାୟ ୧୦ ହଜାର ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ୨୧ଜଣ ଏସପି ପାହ୍ୟା ଅଧିକାରୀ, ୪୧ଜଣ ଅତିରିକ୍ତ ଏସପି ପାହ୍ୟା ଅଧିକାରୀ, ୯୬ଜଣ ଡିଏସପି ପାହ୍ୟା ଅଧିକାରୀ ଏବଂ ୧୭୧ଜଣ ଇନ୍ସପେକ୍ଟର ସମଗ୍ର ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବେ ବୋଲି ଜଣାଯାଇଛି।

### ହିମାଚଳ ପ୍ରଦେଶରେ...

ଅଞ୍ଚଳ ଅଧିକ ପ୍ରଭାବିତ ହୋଇଛି। ଧରମପୁର ଅଞ୍ଚଳରେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଛି। ବହୁ ଲୋକଙ୍କ ପତ୍ତା ମିଳୁନାହିଁ। କେବଳ ମଣ୍ଡିରୁ ୪୦ ଜଣ ଲୋକ ନିଖୋଜ ଅଛନ୍ତି। ବିଳାସପୁର, ହମୀରପୁର, କିନ୍ନାଉର, କୁଲ୍ଲୁ, ଲାହୌଲ ସ୍ପୀତି, ସିରମୌର, ସୋଲନ ଓ ଉନା ଜିଲ୍ଲାରେ ମଧ୍ୟ ଜୀବନହାନି ଘଟିଛି। ବର୍ଷା ବିପ୍ଳବ ଯୋଗୁ ରାଜ୍ୟରେ ୧୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ୧୦୦ରୁ ଅଧିକ ଘର ନଷ୍ଟ ହୋଇଯାଇଥିବା ବେଳେ ୧୪ଟି ବ୍ରିଜ୍ ଭାସିଯାଇଛି। ୩୦୦ ଗୃହପାଳିତ ପ୍ରାଣୀଧନ ମରିଛନ୍ତି। ସେମାନଙ୍କ ମଧ୍ୟରେ କେବଳ ୧୬୪ଟି ଗାଈଗୋରୁ ଅଛନ୍ତି। ପୂରା ରାଜ୍ୟରେ ୫୦୦ଟି ରାସ୍ତା ବନ୍ଦ ହୋଇଯାଇଛି। ୫୦୦ରୁ ଅଧିକ ଟ୍ରାନ୍ସଫରମର ଅଚଳ ହୋଇଯାଇଛି। ଫଳରେ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହୋଇଛି। ବିଦ୍ୟୁତ ସେବା ବ୍ୟାହାତ ହୋଇଥିବା ଯୋଗୁ ହଜାର ହଜାର ଲୋକ ଅନ୍ଧାରରେ ରହୁଛନ୍ତି। ସେହିଭଳି ବିଦ୍ୟୁତ ଯୋଗାଣ ବନ୍ଦ ରହିଥିବାରୁ ଜଳ ଯୋଗାଣରେ ବାଧା ସୃଷ୍ଟି ହୋଇଛି। ରାଜ୍ୟରେ ନଦୀଗୁଡ଼ିକ ଭୟଙ୍କର ଦେଖାଯାଉଛନ୍ତି। ପ୍ରବଳ ବର୍ଷା ଯୋଗୁ ନଦୀଗୁଡ଼ିକରେ ଆସୁଥିବା ଆକସ୍ମିକ ବନ୍ୟାରେ ଗୋଟିଏ ଗୋଟିଏ ସ୍ଥାନରେ ପୂରା ଗାଁ ଭାସି ଯାଉଛି। ଘରଗୁଡ଼ିକର ଚିହ୍ନବର୍ଣ୍ଣ ରହୁନାହିଁ। ଉଭୟ ଗାଁ ଓ ସହରଗୁଡ଼ିକ ସମାନ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ସେହିପରି ଭୂସ୍ଖଳନର ଭୟଙ୍କର ଦୃଶ୍ୟ ଦେଖିବାକୁ ମିଳିଛି।

### 'ଅପରେଶନ ସିନ୍ଦୂର' ସମୟରେ...

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଅନ୍ତିମ ଘଣ୍ଟାରେ ପଡ଼ୋଶୀ ଦେଶର ୯ଟି ସ୍ଥାନକୁ ଟାର୍ଗେଟ୍ ଲକ୍ କରାଯାଇଥିଲା। ସୁପରସୋନିକ୍ ବାଲାଷ୍ଟିକ୍ ମିସାଇଲ୍ ବ୍ରହ୍ମୋସ ମାଡ଼ରେ ଛାନିଆ ହୋଇଯାଇଥିଲା ପାକିସ୍ତାନ। ଆଉ ବାଧ ହୋଇ ମୁଣ୍ଡ ନୁଆଇଁଥିଲା ଏବଂ ତୁରନ୍ତ ଅସ୍ତ୍ରବିରତି ପାଇଁ ଆବେଦନ କରିଥିଲା। କାରଣ ପାକିସ୍ତାନ ଜାଣିଥିଲା ପାଲଟା ଜବାବ ଦେବାକୁ ଚେଷ୍ଟା କଲେ ସ୍ଥିତି ଆହୁରି ଭୟଙ୍କର ହେବ। ଫିଜିରେ ସେନା ଉପମୁଖ୍ୟ ଭାରତର ଏୟାର ଡିଫେନ୍ସ ସିଷ୍ଟମକୁ ପ୍ରଶଂସା କରିଛନ୍ତି। ଏହାଛଡ଼ା ଭବିଷ୍ୟତରେ ଅଧିକ ସତର୍କ ରହିବାକୁ ପରାମର୍ଶ ମଧ୍ୟ ଦେଇଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଆକ୍ସନକୁ ଆସିଥିଲେ ଭାରତ ସରକାର। ଆଉ ସେନାକୁ ଖୋଲାଖୋଲି ଛାଡ଼ି ଦେଇଥିଲେ। ବାୟୁସେନା 'ଅପରେସନ ସିନ୍ଦୂର' ଲଞ୍ଚ କରି ପିଓକେ ସହିତ ପାକିସ୍ତାନରେ ଥିବା ଆତଙ୍କୀ ଆଡ୍ଡାକୁ ଟାର୍ଗେଟ୍ କରି ଧ୍ୱସ୍ତବିଧ୍ୱସ୍ତ କରି ଦେଇଥିଲା। ଏହା ପରେ ଆରମ୍ଭ ହୋଇଥିଲା ଅସଲ ଲଢ଼େଇ। ଯେଉଁଥିରେ ପାକିସ୍ତାନ ସହିତ ଚୀନ୍ ଏବଂ ତୁର୍କୀକୁ ଏକସାଙ୍ଗରେ ପରାସ୍ତ କରିଛି ଭାରତୀୟ ସେନା।

# ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳିତ




ଯାଜପୁର, (ଡିକେ ନ୍ୟୁଜ୍): ବରୀ ବ୍ଲକ ଅଧୀନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ରାମପୁର ଠାରେ ଭାରତ ସରକାରଙ୍କର ସେଣ୍ଟର ଫର ଏନଭର୍ଣ୍ଣମେଣ୍ଟାଲ ଷ୍ଟଡ଼ିଜ, ଭୁବନେଶ୍ୱର ଆନୁକୂଲ୍ୟରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ନିର୍ମଳ କୁମାର ଜେନା ସଭାପତିତ୍ୱ କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବାବାଜୀ ଚରଣ ଦାସ, ସୁବାଷ ଚନ୍ଦ୍ର ସାହୁ, ନିର୍ମଳ ଚନ୍ଦ୍ର ବେହେରା, ସୁଚିତ୍ରା ଖୁଣ୍ଟିଆ, ଦୁଃଶାସନ ବେହେରା, ଗୌରୀ ପ୍ରସାଦ ସାମଲ ଓ ବ୍ରଜ କିଶୋର ରାଉତ ଆଦି ସଭାର ସାଫଲ୍ୟତା ପାଇଁ ସହଯୋଗ କରିଥିଲେ। ମୁଖ୍ୟଅତିଥି ଭାବରେ ସୁପରିଟେଣ୍ଡେଣ୍ଟ ଇଞ୍ଜିନିଅର ତଥା ଡେପୁଟି ଇଲେକ୍ଟ୍ରିକାଲ ଇନିସ୍ପେକ୍ଟର, ଯାଜପୁର ସୋନାଲି ଶ୍ୱେତପଦ୍ମା ଏବଂ ସମ୍ମାନିତ ଅତିଥି ଭାବରେ ଆସିଷ୍ଟାଣ୍ଟ ଏକଜୁକଟିଭ ଇଞ୍ଜିନିଅର ତଥା ଆସିଷ୍ଟାଣ୍ଟ ଇଲେକ୍ଟ୍ରିକାଲ ଇନ୍ସପେକ୍ଟର, ଯାଜପୁର ସମୀକ୍ଷା ମହାପାତ୍ର, ଟିଏ (ଆସିଷ୍ଟାଣ୍ଟ) ବୀରେନ୍ଦ୍ର କୁମାର ରାଉତ, ଟିଏ ଆସିଷ୍ଟାଣ୍ଟ ରାମଚନ୍ଦ୍ର ସାହୁ ଆଦି ଯୋଗଦେଇଥିଲେ। ବକ୍ତାମାନେ ବିଦ୍ୟୁତ ସୁରକ୍ଷା ଜୀବନ ରକ୍ଷା ବାର୍ତ୍ତା ଦେବା ସହିତ ବିଦ୍ୟୁତ ଆଘାତରୁ କିପରି ସୁରକ୍ଷିତ ରହିବେ ଏ ବିଷୟରେ ସଚେତନ କରାଇଥିଲେ, ଭିଡିଓ କ୍ଲିପ ଓ ପିପିଟି ମାଧ୍ୟମରେ ପ୍ରାଞ୍ଜଳ ଭାବରେ ବୁଝାଇ ଥିଲେ। ଉକ୍ତ ସଭାରେ ଆଖ ପାଖ ଗ୍ରାମର ଏଚଜି ମହିଳା, ଯୁବକ, ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ବିଦ୍ୟୁତ ସୁରକ୍ଷା ସମ୍ବନ୍ଧିତ ଏକ କୁଇଜ ପ୍ରତିଯୋଗିତା କାରାଯାଇ ଶ୍ରେଷ୍ଠ ପାଞ୍ଚ ଜଣ ଛାତ୍ରଛାତ୍ରୀଙ୍କୁ ଉପଢୌକନ ଦେଇ ପୁରସ୍କୃତ କରାଯିବା ସହ ବିଦ୍ୟୁତ ସୁରକ୍ଷା ନିମିତ୍ତ ଶପଥ ପାଠ କରାଯାଇଥିଲା। ଏହା ଏକ ଜାତୀୟ କାର୍ଯ୍ୟକ୍ରମ ହୋଇଥିବାରୁ ଉପସ୍ଥିତ ସମସ୍ତେ ଏହାର ପ୍ରଚାର ପ୍ରସାର ନିମିତ୍ତ ଶପଥ ନେଇଥିଲେ ବିଦ୍ୟାଳୟ ତରଫରୁ ସମସ୍ତଙ୍କୁ ଲିଫଲେଟ ବଣ୍ଟନ କରାଯାଇଥିଲା। ଶେଷରେ ଶିକ୍ଷକ ସୁବାଷ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।





# ଗିଲଙ୍କ ଉପରେ ବିସିସିଆଇର ଟଙ୍କା ବର୍ଷା !



ନୂଆଦିଲ୍ଲୀ, ୪।୭ (ହି.ସ): ଏଜବାଷ୍ଟନ ଟେଷ୍ଟର ପ୍ରଥମ ଇନିଂସରେ ଶୁଭମନ ଗିଲ ତାଙ୍କ କ୍ୟାରିୟରର ଏକ ଅବିସ୍ମରଣୀୟ ଇନିଂସ ଖେଳିଥିଲେ। ଗିଲ ପ୍ରଥମ ଥର ପାଇଁ ଟେଷ୍ଟ କ୍ରିକେଟରେ ଦ୍ୱିଶତକ ହାସଲ କରିଥିଲେ ଏବଂ ୨୬୯ ରନ କରିଥିଲେ। ଗିଲ ଏହି ଇନିଂସ ସହିତ ଅନେକ ରେକର୍ଡ ଭାଙ୍ଗିଥିଲେ। ଭାରତୀୟ ଅଧିନାୟକ ଏହି ଇନିଂସ ପାଇଁ ଏକ ସ୍ୱତନ୍ତ୍ର ପୁରସ୍କାର ମଧ୍ୟ ପାଇବେ। ପ୍ରତ୍ୟେକ ମ୍ୟାଚରେ ଭଲ ପ୍ରଦର୍ଶନ କରୁଥିବା ଖେଳାଳିମାନଙ୍କୁ ବିସିସିଆଇ ବୋନସ ଦେଇଥାଏ, ଏପରି ପରିସ୍ଥିତିରେ ବିସିସିଆଇ ଦ୍ୱିଶତକ ହାସଲ କରିବା ପାଇଁ ଶୁଭମନ ଗିଲଙ୍କୁ ଟଙ୍କା ମଧ୍ୟ ଦେବ। ବିଶ୍ୱର ସବୁଠାରୁ ଧନୀ କ୍ରିକେଟ ବୋର୍ଡ ବିସିସିଆଇ କେବଳ ତାର ଖେଳାଳିମାନଙ୍କୁ ମ୍ୟାଚ ଫିସ ଦେଇନଥାଏ। ଏହି ବୋର୍ଡ ମ୍ୟାଚରେ ଚମତ୍କାର ପ୍ରଦର୍ଶନ କରୁଥିବା ଖେଳାଳିମାନଙ୍କୁ ମଧ୍ୟ ବୋନସ ଦେଇଥାଏ। ବିସିସିଆଇ ଶତକ ହାସଲ କରୁଥିବା ଖେଳାଳିମାନଙ୍କୁ ୫ ଲକ୍ଷ ଟଙ୍କା ବୋନସ ଦେଇଥାଏ, ଯେତେବେଳେ ଖେଳାଳିମାନେ ଦ୍ୱିଶତକ ହାସଲ କରନ୍ତି, ତେବେ ଏହି ପରିମାଣ ୭ ଲକ୍ଷ ଟଙ୍କା ହୋଇଯାଏ। ଅର୍ଥାତ ଶୁଭମନ ଗିଲ ଦ୍ୱିଶତକ ପାଇଁ ୭ ଲକ୍ଷ ଟଙ୍କା ପାଇବେ। ଯଦି ସେ ତ୍ରିଶତକ ହାସଲ କରିଥାନ୍ତେ, ତେବେ ଏହି ଖେଳାଳିଙ୍କୁ ମଧ୍ୟ ୧୦ ଲକ୍ଷ ଟଙ୍କା ମିଳିଥାନ୍ତା। ତେବେ ଯଦି ଜଣେ ବୋଲର ଗୋଟିଏ ଟେଷ୍ଟରେ ପାଞ୍ଚଟି ୱିକେଟ ନିଅନ୍ତି, ତେବେ ତାଙ୍କୁ ୫ ଲକ୍ଷ ଟଙ୍କା ମଧ୍ୟ ଦିଆଯାଏ। ବ୍ରମିଂହାମରେ ଶୁଭମନ ଗିଲ ଏଜବାଷ୍ଟନ ଟେଷ୍ଟରେ ଅନେକ ରେକର୍ଡ ଭାଙ୍ଗିଛନ୍ତି। ସେ ଇଂଲଣ୍ଡରେ ସବୁଠାରୁ ବଡ଼ ଇନିଂସ ଖେଳିଥିବା ଭାରତୀୟ ହୋଇଥିଲେ। ସେ ଟେଷ୍ଟ କ୍ରିକେଟରେ ଏସିଆ ବାହାରେ ୨୫୦ ରୁ ଅଧିକ ରନର ଇନିଂସ ଖେଳିଥିବା ପ୍ରଥମ ଭାରତୀୟ। ସେ ଜଣେ ଭାରତୀୟ ଅଧିନାୟକ ଭାବରେ ସବୁଠାରୁ ବଡ଼ ଟେଷ୍ଟ ଇନିଂସ ଖେଳିଥିବା ଖେଳାଳି ମଧ୍ୟ ହୋଇଥିଲେ। କେବଳ ଏତିକି ନୁହେଁ, ସେ ଏସ୍ଇଏନ୍ଏ ଦେଶଗୁଡ଼ିକରେ ଦ୍ୱିଶତକ ହାସଲ କରିଥିବା ପ୍ରଥମ ଏସୀୟ ଅଧିନାୟକ। ସେହିପରି ଭାରତୀୟ ଅଧିନାୟକ ଭାବେ ସର୍ବାଧିକ ଟେଷ୍ଟ ସ୍କୋର୍ ହାସଲ କରିଛନ୍ତି ଶୁଭମନ ଗିଲ୍। ଚଳିତ ଦ୍ୱିତୀୟ ଟେଷ୍ଟମ୍ୟାଚରେ ଗିଲ୍ଙ୍କ ଐତିହାସିକ ୨୬୯ ରନର ଇନିଂସ ବଳରେ ଘରୋଇ ଇଂଲଣ୍ଡ ବିପକ୍ଷରେ ଭାରତ ପ୍ରଥମ ଇନିଂସରେ ୫୮୭ ରନର ବଡ଼ ସ୍କୋର୍ ଛିଡ଼ା କରିପାରିଛି। ପ୍ରଥମଦିନରେ ଶତକ ହାସଲ କରି ଅପରାଜିତ ଥିବା ଶୁଭମନ ଗିଲ୍ ଗୁରୁବାର ଦ୍ୱିତୀୟ ଦିନରେ ମାରାଥନ୍ ଇନିଂସ ଖେଳିଥିବା ବେଳେ ଦୁଇ ସ୍ପିନ୍ ବୋଲିଂ ଅଲରାଉଣ୍ଡର ରବୀନ୍ଦ୍ର ଜାଡ଼େଜା ଓ ୱାଶିଂଟନ ସୁନ୍ଦର ତାଙ୍କ ସହ ଲମ୍ବା ଭାଗୀଦାରି କରିବାରୁ ଭାରତର ଏହି ବିଶାଳ ସ୍କୋର୍ ସମ୍ଭବ ହୋଇଛି। ପରେ ଇଂଲଣ୍ଡକୁ ଦ୍ୱିତୀୟ ଦିନରେ ୧୦୦ ମିନିଟ ବ୍ୟାଟିଂ କରିବାକୁ ପଡ଼ିଥିଲା। ଭାରତୀୟ ପେସ୍ ବୋଲର ଇଂଲଣ୍ଡକୁ ପ୍ରାରମ୍ଭିକ ଝଟ୍କା ଦେଇଥିଲେ। ୨ୟ ଦିନ ଶେଷରେ ଇଂଲଣ୍ଡ ପ୍ରଥମ ଇନିଂସରେ ୩ ୱିକେଟ୍ ହରାଇ ୭୭ ରନ୍ କରିପାରିଛି। ୭ ୱିକେଟ୍ ବାକିଥାଇ ଇଂଲଣ୍ଡ ଏବେ ୫୧୦ ରନ୍ ପଛରେ ରହିଛି। ଇଂଲଣ୍ଡ ୨ୟ ଇନିଂସ ଆରମ୍ଭ କରିବା ପରେ ଆକାଶ ଦୀପ ତାଙ୍କ ଦ୍ୱିତୀୟ ଓଭରରେ କ୍ରମାଗତ ୨ଟି ବଲରେ ପ୍ରଥମ ଟେଷ୍ଟର ଦୁଇ ଶତକ ହାସଲକାରୀଙ୍କୁ ଆଉଟକରି ଭାରତକୁ ବଡ଼ ସଫଳତା ଦେଇଥିଲେ। ଶୁଭମନ ଗିଲ୍ଙ୍କ ଦର୍ଶନୀୟ କ୍ୟାଚରେ ବେନ୍ ଡକେଟ୍ ଆଉଟ୍ କରିଥିଲେ। ପରବର୍ତ୍ତୀ ବଲରେ ଓଲି ପୋପ୍ଙ୍କ କ୍ୟାଚକୁ ସ୍ଲିପରେ ୨ୟ ପ୍ରୟାସରେ କେ.ଏଲ୍. ରାହୁଲ ଧରିଥିଲେ। ଦୁହେଁ ଖାତା ଖୋଲି ପାରିନଥିଲେ। ପରେ ମହମ୍ମଦ ସିରାଜ୍ଙ୍କ ବାହାର ବଲକୁ ଖେଳି ସ୍ଲିପରେ କ୍ୟାଚ୍ ଦେଇଥିଲେ କ୍ୟାକ୍ କ୍ରଲି। ୩ଟି ଚୌକା ସହ କ୍ରଲି ୧୯ ରନ୍ କରିଥିଲେ। ୨୫ ରନରେ ଇଂଲଣ୍ଡ ୩ଟି ୱିକେଟ୍ ହରାଇବା ପରେ ଜୋ ରୁଟ୍ ଓ ହ୍ୟାରୀ ବ୍ରୁକ୍ ଷ୍ଟମ୍ପ୍ ଅପସାରଣ ପର୍ଯ୍ୟନ୍ତ ଆଉ ୱିକେଟ୍ ପଡ଼ିବାକୁ ଦେଇନାହାନ୍ତି। ଦଳର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ରୁଟ୍ ୩୭ ବଲରୁ ୧୮ ଓ ବ୍ରୁକ୍ ୫୩ ବଲରୁ ୩୦ ରନକରି ଅପରାଜିତ ଅଛନ୍ତି। ଫଲୋଅନ୍ ଏଡ଼ାଇବା ୩ୟ ଦିନରେ ଇଂଲଣ୍ଡର ପ୍ରଥମ ଲକ୍ଷ୍ୟ ରହିବ। ଭାରତ ଏହି ମ୍ୟାଚରେ ବିଶେଷଜ୍ଞ ବୋଲରଙ୍କ ସ୍ଥାନର ଅଲରାଉଣ୍ଡରଙ୍କୁ ଖେଳାଇବା ରଣନୀତିକୁ ସମାଲୋଚନା କରାଯାଇଥିବା ବେଳେ ଦୁଇ ଅଲରାଉଣ୍ଡର ରବୀନ୍ଦ୍ର ଜାଡ଼େଜା ଓ ୱାଶିଂଟନ ସୁନ୍ଦରଙ୍କ ଯୋଗୁଁ ହିଁ ଭାରତ ୫୮୭ ରନ୍ କରି ପାରିଥିଲା। ପ୍ରଥମ ଦିନରେ ୨୧୧ ରନରେ ଭାରତ ୫ଟି ୱିକେଟ୍ ହରାଇବା ପରେ ଶୁଭମନ ଗିଲ୍ ଓ ରବୀନ୍ଦ୍ର ଜାଡ଼େଜା ସ୍କୋର୍କୁ ୩୧୦ ରନରେ ପହଞ୍ଚାଇଥିଲେ। ଗୁରୁବାର ୨ୟ ଦିନରେ ଭୋଜନ ବିରତି ପୂର୍ବରୁ ଭାରତ ୪୦୦ ଓ ଚା'ପାନ ବିରତି ପୂର୍ବରୁ ୫୦୦ ରନରେ ପହଞ୍ଚି ଯାଇଥିଲା। ୨ୟ ଦିନ ଆରମ୍ଭରେ ନୂଆ ବଲରେ ଇଂଲଣ୍ଡ ଜଲ୍ଦି ୱିକେଟ୍ ନେବାକୁ ଆଶା ରଖିଥିଲେ ହେଁ ଗିଲ୍ ଓ ଜାଡ଼େଜା ଏହା କରିବାକୁ ଦେଇନଥିଲେ। ଦୁହେଁ ୬ଷ୍ଠ ୱିକେଟ୍ ପାଇଁ ୨୦୩ ରନ୍ ଯୋଗ କରିଥିଲେ। ଭୋଜନ ବିରତି ପୂର୍ବରୁ ଭାରତ ଗୋଟିଏ ୱିକେଟ୍ ହରାଇଥିଲା। ରବୀନ୍ଦ୍ର ଜାଡ଼େଜା ୧୩୭ ବଲରୁ ଗୋଟିଏ ଛକା ଓ ୧୦ଟି ଚୌକା ସହ ୮୯ ରନକରି ବିଦାୟ ନେଇଥିଲେ। ପରେ ବାମହାତି ୱାଶିଂଟନ ସୁନ୍ଦର ମଧ୍ୟ ଲଢୁଆ ବ୍ୟାଟିଂ କରିଥିଲେ। ସ୍କୋର୍ ୪ ଶହ ରନ୍ ଟପିବା ପରେ ଇଂଲଣ୍ଡ ନିରାଶହୋଇ ଅଧିକାଂଶ ଓଭର କାମଚଳା ବୋଲରଙ୍କୁ ଦେଇଥିଲା। ଶୁଭମନ ଗିଲ୍ ଓ ୱାଶିଂଟନ ସୁନ୍ଦର ୭ମ ୱିକେଟ୍ ପାଇଁ ୧୪୪ ରନ୍ ଯୋଡ଼ିଥିଲେ। ସୁନ୍ଦର ୧୦୩ ବଲରୁ ଗୋଟିଏ ଛକା ଓ ୩ଟି ଚୌକା ସହ ୪୨ ରନକରି ଆଉଟ୍ ହୋଇଥିଲେ। ଅଧିନାୟକ ଭାବେ କ୍ରମାଗତ ୨ୟ ଟେଷ୍ଟରେ ଶତକ ଏବଂ ବ୍ୟକ୍ତିଗତ ପ୍ରଥମ ଦ୍ୱିଶତକ ହାସଲ କରିଥିବା ଶୁଭମନ ଗିଲ୍ ୩୮୭ ବଲରୁ ୩ଟି ଛକା ଓ ୩୦ଟି ଚୌକା ସହ ୨୬୯ ରନକରି ବାଉଣ୍ଡରୀ ଲାଇନରେ କ୍ୟାଚ୍ ଦେଇ ଫେରିଥିଲେ। ସୋଏବ୍ ବସିର ୩ଟି ଏବଂ କ୍ରିସ୍ ୱକସ ଓ ଜୋଶ୍ ଟଙ୍ଗ୍ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ।

## ଗିଲ୍ଙ୍କ ଦ୍ୱିଶତକ ଦେଖି ଖୁସି ହୋଇଗଲେ ସଚିନ

ବର୍ମିହାମ, ୪।୭ (ହି.ସ): ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଏଜବାଷ୍ଟନରେ ଖେଳାଯାଉଥିବା ଦ୍ୱିତୀୟ ଟେଷ୍ଟରେ ଶୁବମନ ଗିଲ ୨୬୯ ରନର ଏକ ଐତିହାସିକ ଇନିଂସ ଖେଳିଥିଲେ। ଏହି ଇନିଂସରେ ସେ ୧୦ରୁ ଅଧିକ ରେକର୍ଡ କରିଥିଲେ। କ୍ରିକେଟର ଭଗବାନ କୁହାଯାଉଥିବା ସଚିନ ତେନ୍ଦୁଲକର ମଧ୍ୟ ତାଙ୍କ ଦ୍ୱାରା ବହୁତ ପ୍ରଭାବିତ ହୋଇଥିଲେ ଏବଂ ସୋସିଆଲ ମିଡିଆରେ ତାଙ୍କୁ ପ୍ରଶଂସା କରି ଏକ ପୋଷ୍ଟ କରିଥିଲେ। ଏହା ଉପରେ ଜଣେ ୟୁଜର ସାରା ତେନ୍ଦୁଲକରଙ୍କ ବିବାହ ବିଷୟରେ ଏକ ପ୍ରଶ୍ନ ପଚାରିଥିଲେ। ଶୁବମନ ଗିଲ ଏବଂ ସାରା ତେନ୍ଦୁଲକରଙ୍କ ବିଷୟରେ ବହୁତ ଦିନ ଧରି ଗୁଜବ ଥିଲା, ଉଭୟ ପରସ୍ପରକୁ ଡେଟ କରୁଛନ୍ତି। କିନ୍ତୁ, କିଛି ଦିନ ପରେ ଉଭୟଙ୍କ ସମ୍ପର୍କ ଭାଙ୍ଗିଯାଇଥିବା ଚର୍ଚ୍ଚା ହୋଇଥିଲା। ଡେଟିଂ ଖବର ଉପରେ ସାରା କିମ୍ବା ଗିଲ କେହି କେବେ ପ୍ରତିକ୍ରିୟା ଦେଇ ନ ଥିଲେ। ସଚିନ ସୋସିଆଲ ମିଡିଆରେ ଲେଖିଛନ୍ତି, ଆଜି ଶୁବମନ ଗିଲ ଏବଂ ରବିନ୍ଦ୍ର ଜାଡେଜାଙ୍କ ଦ୍ୱାରା ଦେଖାଯାଇଥିବା ଉଦ୍ଦେଶ୍ୟ ଏବଂ ପ୍ରତିବଦ୍ଧତା ଦେଖି ମୁଁ ବହୁତ ଖୁସି ହୋଇଥିଲି। ବହୁତ ଭଲ ଖେଳିଲେ। ସାରା ତେନ୍ଦୁଲକର ଏବେ ଭାରତରେ ନାହାନ୍ତି। ସେ ୟୁରୋପରେ ଅଛନ୍ତି। ସାରା ଇନଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରି କହିଛନ୍ତି ଯେ, ସେ ବର୍ତ୍ତମାନ ସ୍ୱିଜରଲାଣ୍ଡର ଜୁରିଚରେ ଅଛନ୍ତି। ୨୬୯ ରନର ତାଙ୍କ ଇନିଂସରେ ଗିଲ ସଚିନଙ୍କ ରେକର୍ଡ ସମେତ ୧୦ରୁ ଅଧିକ ରେକର୍ଡ ଭାଙ୍ଗିଛନ୍ତି। ପୂର୍ବରୁ ସଚିନ (୨୪୧) ସେନା ଦେଶ (ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଏବଂ ଅଷ୍ଟ୍ରେଲିଆ) ରେ ସବୁଠାରୁ ବଡ଼ ଇନିଂସ ଖେଳିଥିବା ଭାରତୀୟ ଥିଲେ, ଏବେ ଏହି ରେକର୍ଡ ଗିଲଙ୍କ ନାମରେ ହୋଇଥିଲା। ଶୁବମନ ଗିଲ ଏବେ ସବୁଠାରୁ ବଡ଼ ଟେଷ୍ଟ ଇନିଂସ ଖେଳିଥିବା ଭାରତୀୟ ଅଧିନାୟକ ହୋଇଛନ୍ତି। ସେ ଇଂଲଣ୍ଡରେ ୨୫୦ରୁ ଅଧିକ ଇନିଂସ ଖେଳିଥିବା ତୃତୀୟ ଅଧିନାୟକ ହୋଇଛନ୍ତି। ସେ ଟେଷ୍ଟରେ ଦ୍ୱିଶତକ ହାସଲ କରିଥିବା ଦ୍ୱିତୀୟ ସର୍ବକନିଷ୍ଠ ବ୍ୟାଟସମ୍ୟାନ ହୋଇଛନ୍ତି, ସେ ଇଂଲଣ୍ଡ ବିପକ୍ଷରେ ଲଗାତାର ୩ଟି ଶତକ ହାସଲ କରିଥିବା ଚତୁର୍ଥ ଭାରତୀୟ। ଏହା ବ୍ୟତୀତ, ସେ ଏହି ଇନିଂସରେ ଅନେକ ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି।

# ଡୁରାଣ୍ଡ କପ୍ ଟ୍ରଫି ଉନ୍ମୋଚିତ କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ, ୪।୭ (ହି.ସ): ଏସିଆର ପୁରାତନ ଡୁରାଣ୍ଡ କପର ୧୩୪ତମ ସଂସ୍କରଣରେ ମୋଟ ୨୪ଟି ଦଳ ଅଂଶଗ୍ରହଣ କରିବେ। ଇଣ୍ଡିଆନ ଆର୍ମି ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ୫ଟି ରାଜ୍ୟରେ ଜୁଲାଇ ୨୩ରୁ ଅଗଷ୍ଟ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବିଶ୍ୱର ଏହି ତୃତୀୟ ସର୍ବପୁରାତନ ଟୁର୍ଣ୍ଣାମେଣ୍ଟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ମଣିପୁର, ମେଘାଳୟ ଓ ଆସାମରେ ଖେଳାଯିବ। ଶୁକ୍ରବାର ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଟୁର୍ଣ୍ଣାମେଣ୍ଟର ଟ୍ରଫି ଉଦ୍‌ଘାଟିତ ହୋଇଯାଇଛି। ଇଭେଣ୍ଟରେ ଭାରତୀୟ ସଶସ୍ତ୍ର ବାହିନୀର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଅନିଲ ଚୌହାନ, ଚିଫ୍ ଅଫ୍ ଇଣ୍ଡିଆନ ଆର୍ମି ଉପେନ୍ଦ୍ର ଦ୍ୱିବେଦୀ, ଚିଫ୍ ଇଣ୍ଡିଆନ ଏୟାର ଫୋର୍ସ ଏୟାର ଚିଫ୍ ମାର୍ଶଲ ଅମରପ୍ରୀତ ସିଂ ଓ ଚିଫ୍ ଅଫ୍ ଇଣ୍ଡିଆ ନ୍ୟାଭି ଆଡମିରାଲ ଦୀନେଶ କେ. ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଷ୍ଟ୍ରପତି ମୁର୍ମୁ ସମ୍ବୋଧନ କରି କହିଥିଲେ, କ୍ରୀଡ଼ା ହେଉଛି ଏକ ମାଧ୍ୟମ ଯାହା ଶୃଙ୍ଖଳା, ଦୃଢ଼ ସଂକଳ୍ପ ଏବଂ ଦଳଗତ ମନୋଭାବକୁ ପ୍ରୋତ୍ସାହିତ କରିଥାଏ ଏବଂ ବିଭିନ୍ନ ଧର୍ମ, ଭାଷାଭାଷୀର ଲୋକ ଏବଂ ଦେଶକୁ ଯୋଡ଼ିବା କ୍ଷେତ୍ରରେ ସହାୟକ ହୋଇଥାଏ।

# ଡି. ଗୁକେଶ ଲଗାତାର ପଞ୍ଚମଥର ପାଇଁ ମାଗନସ୍ କାର୍ଲସେନଙ୍କୁ ହରାଇଲେ




ନୂଆଦିଲ୍ଲୀ, ୪।୭ (ହି.ସ): ଭାରତୀୟ ଚେସ୍ ବିଶ୍ୱ ଚାମ୍ପିଅନ୍ ଡି. ଗୁକେଶ କ୍ରୋଏସିଆର ଜାଗ୍ରେବରେ ଚାଲିଥିବା ଗ୍ରାଣ୍ଡ ଚେସ୍ ଟୁରର ସୁପରଇଉନାଇଟେଡ୍ ରାପିଡ୍ ଓ ବ୍ଲିଟ୍ଜ ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ନମ୍ବର ଓ୍ୱାନ୍ ଖେଳାଳି ମାଗନସ୍ କାର୍ଲସେନଙ୍କୁ ପୁଣିଥରେ ପରାସ୍ତ କରି ଚମକ ସୃଷ୍ଟି କରିଛନ୍ତି। ଏହା ତାଙ୍କର କ୍ରମାଗତ ପଞ୍ଚମ ବିଜୟ ଏବଂ ଦ୍ୱିତୀୟ ଦିନ ଶେଷରେ ସେ ୧୦ ପଏଣ୍ଟ ସହ ଟୁର୍ଣ୍ଣାମେଣ୍ଟରେ ଏକମାତ୍ର ଅଗ୍ରଣୀ ଭାବେ ଉଭା ହୋଇଛନ୍ତି। ଷଷ୍ଠ ରାଉଣ୍ଡରେ ଗୁକେଶ କଳା ଗୋଟି ନେଇ ଖେଳିଥିବା ଏହି ମୁକାବିଲାରେ କାର୍ଲସେନଙ୍କୁ ୪୯ ଚାଲରେ ପରାସ୍ତ କରିଥିଲେ। ଏହା ପୂର୍ବରୁ ନରୱେ ଚେସ୍ ୨୦୨୫ରେ ମଧ୍ୟ ଗୁକେଶ କାର୍ଲସେନଙ୍କୁ ହରାଇଥିଲେ, ଯାହା ତାଙ୍କ ପାଇଁ ଏକ ବଡ଼ ସଫଳତା ଥିଲା। ଏହି ବିଜୟ ଗୁକେଶଙ୍କୁ କେବଳ ଟୁର୍ଣ୍ଣାମେଣ୍ଟରେ ଆଗରେ ରଖିନାହିଁ, ବରଂ କାର୍ଲସେନଙ୍କର ପ୍ରାଧାନ୍ୟକୁ ପ୍ରଶ୍ନବାଚୀ କରିଛି, ଯେଉଁଥିପାଇଁ ଚେସ୍ ଲିଜେଣ୍ଡ ଗ୍ୟାରି କାସ୍ପାରୋଭ ମଧ୍ୟ ମନ୍ତବ୍ୟ ଦେଇଛନ୍ତି ଯେ, ଏବେ ଆମେ ମାଗନସ୍ଙ୍କ ଆଧିପତ୍ୟକୁ ପ୍ରଶ୍ନ କରିପାରିବା। ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ କାର୍ଲସେନ ଗୁକେଶଙ୍କୁ ଟୁର୍ଣ୍ଣାମେଣ୍ଟର ସମ୍ଭାବ୍ୟ ଦୁର୍ବଳ ଖେଳାଳିମାନଙ୍କ ମଧ୍ୟରୁ ଜଣେ ବୋଲି ମନ୍ତବ୍ୟ ଦେଇଥିଲେ। କିନ୍ତୁ ଗୁକେଶ ଏହି ମନ୍ତବ୍ୟର ଦମଦାର ଜବାବ ଦେଇ ପ୍ରଥମ ଦିନରେ ଅନ୍ୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଆଲିରେଜା ଫିରୋଜା ଓ ପ୍ରଜ୍ଞାନନ୍ଦଙ୍କୁ ହରାଇ କାର୍ଲସେନଙ୍କ ସହ ଯୁଗ୍ମ ଶୀର୍ଷ ସ୍ଥାନ ହାସଲ କରିଥିଲେ। ଦ୍ୱିତୀୟ ଦିନରେ ସେ କାର୍ଲସେନଙ୍କୁ ପରାସ୍ତ କରି ଏକ ୨ ପଏଣ୍ଟର ଅଗ୍ରଣୀ ପାଇଁ ଏକାକୀ ଶୀର୍ଷରେ ପହଞ୍ଚିଛନ୍ତି। ଏହି ବିଜୟ ଗୁକେଶଙ୍କ ରାପିଡ୍ ଓ ବ୍ଲିଟଜ ଫର୍ମାଟରେ ସାମର୍ଥ୍ୟକୁ ପ୍ରମାଣ କରିଛି, ଯେଉଁଥିରେ କାର୍ଲସେନ ପୂର୍ବରୁ ତାଙ୍କୁ ଦୁର୍ବଳ ବୋଲି ଭାବିଥିଲେ। ଏହା ଗୁକେଶଙ୍କ କ୍ୟାରିଅରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ, ଯିଏକି ନିକଟରେ ନରୱେ ଚେସରେ ମଧ୍ୟ କାର୍ଲସେନଙ୍କୁ ପ୍ରଥମଥର ପାଇଁ କ୍ଲାସିକାଲ ଫର୍ମାଟରେ ହରାଇଥିଲେ।

# ଭଉଣୀଙ୍କ ବିବାହକୁ ନେଇ ଇମୋଶନାଲ ହେଲେ ଅର୍ଜୁନ କପୁର



ମୁମ୍ବାଇ, ୪।୭ (ହି.ସ): ବଲିଉଡ ଅଭିନେତା ଅର୍ଜୁନ କପୁର ଗତ ବର୍ଷ ମଲାଇକା ଆରୋରାଙ୍କ ସହ ବ୍ରେକଅପ କରିଥିଲେ ଏବଂ ଅଭିନେତା ଏବେ ଅବିବାହିତ ଏବଂ ତାଙ୍କ ଜୀବନରେ ଆଗକୁ ବଢୁଛନ୍ତି। ଏହି ସମୟରେ, ଅଭିନେତାଙ୍କ ଭଉଣୀ ଅଂଶୁଲା କପୁର ତାଙ୍କର ଜୀବନସାଥୀ ପାଇଛନ୍ତି ଏବଂ ତାଙ୍କ ଜୀବନର ଏକ ନୂତନ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛନ୍ତି। ଅଂଶୁଲା ତାଙ୍କର ଦୀର୍ଘକାଳୀନ ପ୍ରେମିକ ରୋହନ ଠକ୍କରଙ୍କ ସହିତ ନିର୍ବନ୍ଧ କରିଛନ୍ତି। ସେ ଏହାର ଫଟୋ ମଧ୍ୟ ଶେୟାର କରିଛନ୍ତି। ଏହାକୁ ନେଇ ଅର୍ଜୁନ ତାଙ୍କ ଭଉଣୀଙ୍କ ପାଇଁ ଏକ ଇମୋଶନାଲ ନୋଟ ଲେଖିଛନ୍ତି। ଅଂଶୁଲା କପୁରଙ୍କୁ ତାଙ୍କ ବହୁ ଦିନର ପ୍ରେମିକ ରୋହନ ଠକ୍କର ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ। ଅଂଶୁଲା ନିର୍ବନ୍ଧ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ରୋହନ ତାଙ୍କ ଆଣ୍ଠୁରେ ବସି ଅଂଶୁଲାଙ୍କୁ ଏକ ଅତ୍ୟନ୍ତ ରୋମାଣ୍ଟିକ ଢଙ୍ଗରେ ନିର୍ବନ୍ଧ ମୁଦି ପିନ୍ଧାଇଛନ୍ତି। ଅଂଶୁଲା ପୋଷ୍ଟ ଶେୟାର କରି ଲେଖିଛନ୍ତି 'ଆମେ ଏକ ଡେଟିଂ ଆପ ମାଧ୍ୟମରେ ଭେଟିଥିଲୁ। ଏହା ସବୁ ମଙ୍ଗଳବାର ଦିନ ୧ଟା ୧୫ରେ ଆରମ୍ଭ ହୋଇଥିଲା, ଯେତେବେଳେ ହଠାତ ଆମେ କଥାବାର୍ତ୍ତା ଆରମ୍ଭ କଲୁ, ସେହି କଥାବାର୍ତ୍ତା ସକାଳ ୬ଟା ପର୍ଯ୍ୟନ୍ତ ଚାଲିଲା ଏବଂ ତା'ପରେ ଏପରି ଲାଗିଲା ଯେପରି କିଛି ବିଶେଷ ଆରମ୍ଭ ହୋଇଛି। ତିନି ବର୍ଷ ପରେ, ମୋର ପ୍ରିୟ ସହର ନ୍ୟୁୟର୍କରେ, ସେଣ୍ଟ୍ରାଲ ପାର୍କର ଏକ ପ୍ରାସାଦ ସମ୍ମୁଖରେ, ସେ ମୋତେ ଠିକ ଅପରାହ୍ନ ୧ଟା୧୫ (ଆଇଏସ୍‌ଟି)ରେ ପ୍ରସ୍ତାବ ଦେଇଥିଲେ। 'ଯେପରି ସାରା ଦୁନିଆ ସେହି ମୁହୂର୍ତ୍ତ ପାଇଁ ଅଟକି ଯାଇଥିଲା।' ଭଉଣୀଙ୍କ ନିର୍ବନ୍ଧରେ ଅର୍ଜୁନ କପୁର ଭାବପ୍ରବଣ ହୋଇଯାଇଛନ୍ତି। ସେ ଅଂଶୁଲା ଏବଂ ରୋହନଙ୍କୁ ଅଭିନନ୍ଦନ ଜଣାଇ ଲେଖିଛନ୍ତି 'ମୋ ଜୀବନ ତାଙ୍କୁ ସବୁଦିନ ପାଇଁ ପାଇଗଲା। ଅଂଶୁଲା ଏବଂ ରୋହନ, ମୁଁ କାମନା କରେ ଯେ ତୁମେ ଦୁହେଁ ସବୁବେଳେ ଏହିପରି ଖୁସି ରୁହ। ଆଜି ମୁଁ ମୋ ମାଆଙ୍କୁ ଟିକେ ଅଧିକ ମନେ ପକାଉଛି। ତୁମ ଦୁହିଁଙ୍କୁ ଭଲ ପାଉଛି।' ସେହି ସମୟରେ, ଜାହ୍ନବୀ ଏବଂ ଖୁସି ମଧ୍ୟ ବଡ଼ ଭଉଣୀ ଅଂଶୁଲାଙ୍କ ନିର୍ବନ୍ଧ ଉପରେ ଏକ ପୋଷ୍ଟ ଶେୟାର କରେିଛନ୍ତି। ଜାହ୍ନବୀ ଲେଖିଛନ୍ତି 'ମୋ ଭଉଣୀର ନିର୍ବନ୍ଧ ହୋଇଛି। ଏହା ସବୁଠାରୁ ଭଲ ହେବା କଥା ଥିଲା, ସବୁଠାରୁ ଭଲ ଘଟିଲା।' ସେହି ସମୟରେ, ଖୁସି କହିଥିଲେ 'ମୋ ଭଉଣୀ ବିବାହ କରିବାକୁ ଯାଉଛି। ମୁଁ ତୁମ ଦୁହିଁଙ୍କୁ ବହୁତ ଭଲ ପାଏ।'

# ପରଦାକୁ ଆସୁଛି ଯୋଗୀ ଆଦିତ୍ୟନାଥଙ୍କ ବାୟୋପିକ




ମୁମ୍ବାଇ, ୪।୭ (ହି.ସ): ଖୁବଶୀଘ୍ର ପରଦାକୁ ଆସୁଛି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବାୟୋପିକ ଫିଲ୍ମ। ଯାହାର ନାଁ 'ଅଜୟ: ଦ ଅନଟୋଲ୍ଡ ଷ୍ଟୋରୀ ଅଫ୍ ଏ ଯୋଗୀ'। ଫିଲ୍ମ ରିଲିଜକୁ ନେଇ ଫ୍ୟାନ୍ସ ଉତ୍ସାହ ସହ ଅପେକ୍ଷା କରିଥିବା ବେଳେ ଏହାରି ମଧ୍ୟରେ ରିଲିଜ ହୋଇଯାଇଛି ଫିଲ୍ମର ଟିଜର। ନିର୍ମାତାମାନେ ଜୁଲାଇ ୨ ତାରିଖରେ ଫିଲ୍ମର ଟିଜର ରିଲିଜ୍ କରିଛନ୍ତି। ଅନନ୍ତ ଜୋଶୀ ଏହି ଫିଲ୍ମରେ ଯୋଗୀ ଆଦିତ୍ୟନାଥଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ଟିଜର ଦେଖିବାକୁ ମିଳିଛି ଜଣେ ବ୍ୟକ୍ତିଙ୍କ ଯାତ୍ରାର ଏକ ମନୋରଞ୍ଜନକାରୀ ଝଲକ। ଯିଏ ସନ୍ୟାସୀ ହୋଇ ରାଜନୀତିରେ ସଫଳତା ହାସଲ କରିଥିଲେ। ଯେଉଁଥିରେ ଦୁର୍ନୀତି ବିରୋଧରେ ତାଙ୍କର ସଂଘର୍ଷ ଏବଂ ମାଫିଆ ଆଧିପତ୍ୟ ବିରୋଧରେ ଲଢ଼େଇ ବିଷୟରେ ମଧ୍ୟ କୁହାଯାଇଛି। ଟିଜରରେ ଯୋଗୀ ଆଦିତ୍ୟନାଥଙ୍କ ସନ୍ୟାସୀ ହେବାଠାରୁ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ହେବା ପର୍ଯ୍ୟନ୍ତ ଯାତ୍ରା ଦର୍ଶାଯାଇଛି। ତେବେ 'ଅଜୟ: ଦି ଅନଟୋଲ୍ଡ ଷ୍ଟୋରୀ ଅଫ୍ ଏ ଯୋଗୀ' ଆସନ୍ତା ଅଗଷ୍ଟ ୧ ତାରିଖରେ ସାରା ବିଶ୍ୱରେ ମୁକ୍ତିଲାଭ କରିବ। ନିର୍ମାତାମାନେ ଏନେଇ ସୋସିଆଲ ମିଡିଆରେ ଟିଜରଟି ସେୟାର କରିବା ପରେ, ନେଟିଜେନମାନେ ଯୋଗୀଙ୍କ ଭୂମିକାରେ ଅନନ୍ତଙ୍କୁ ପ୍ରଶଂସା କରିଛନ୍ତି। 'ଅଜୟ' ନିର୍ଦ୍ଦେଶନା ରବିନ୍ଦ୍ର ଗୌତମ ଦେଇଥିବା ବେଳେ ଏହା ଶାନ୍ତନୁ ଗୁପ୍ତାଙ୍କ ଦ୍ୱାରା ଲିଖିତ। ଅନନ୍ତ ଯୋଶୀଙ୍କ ବ୍ୟତୀତ ଅନ୍ୟାନ୍ୟ କଳାକାରଙ୍କ ମଧ୍ୟରେ ନିରହୁଆ, ପବନ ମାଲହୋତ୍ରା, ରାଜେଶ ଖଟ୍ଟର ଏବଂ ଅନ୍ୟମାନେ ଥିବା ଜଣାପଡ଼ିଛି।




# ସାଉଥରେ ଡେବ୍ୟୁ କରିବେ ହର୍ଷାଲି ମଲହୋତ୍ରା

ମୁମ୍ବାଇ, ୪।୭ (ହି.ସ): ''ବଜରଙ୍ଗୀ ଭାଇଜାନ' ପରେ ସିଧା ସାଉଥ୍ ଫିଲ୍ମରେ ଡେବ୍ୟୁ। ହର୍ଷାଲି ମଲହୋତ୍ରା ଖୁବଶୀଘ୍ର ଆଗାମୀ ଫିଲ୍ମ 'ଅଖଣ୍ଡା ୨'ରେ ନଜର ଆସିବେ। ଏନେଇ ସେ ନିଜେ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଫିଲ୍ମର ପୋଷ୍ଟର ସେୟାର କରି ତାଙ୍କ ଫ୍ୟାନ୍ସଙ୍କୁ ସୂଚନା ଦେଇଛନ୍ତି। ନନ୍ଦାମୁରୀ ବାଲକୃଷ୍ଣଙ୍କ ଆଗାମୀ ଫିଲ୍ମ 'ଅଖଣ୍ଡା ୨'କୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଚର୍ଚ୍ଚା। କଳାକାରଙ୍କ ଘୋଷଣା ଠାରୁ ପ୍ରଥମ ଝଲକ ପର୍ଯ୍ୟନ୍ତ, ପ୍ରଶଂସକମାନେ ବଡ଼ ପରଦାରେ ଧମାକା ଦେଖିବାକୁ ଉତ୍ସାହିତ ଅଛନ୍ତି। ଏସବୁ ମଧ୍ୟରେ, ନିର୍ମାତା ଏକ ବଡ଼ ଘୋଷଣା କରିଛନ୍ତି। ସଲମାନ ଖାନଙ୍କ ଫିଲ୍ମ 'ବଜରଙ୍ଗୀ ଭାଇଜାନ'ରେ ମୁନ୍ନି ଭୂମିକା ପାଇଁ ଲୋକପ୍ରିୟ ହୋଇଥିବା ହର୍ଷାଲି ମଲହୋତ୍ରାଙ୍କ 'ଅଖଣ୍ଡା ୨'ରେ ଜନନୀ ଭାବରେ ଯୋଗ ଦେଇଛନ୍ତି। ସେ ଏକ ପାରମ୍ପରିକ ଲୁକରେ ବହୁତ ସୁନ୍ଦର ଦେଖାଯାଉଛନ୍ତି। ନିର୍ମାତାମାନେ ଫିଲ୍ମରେ ତାଙ୍କର ପ୍ରଥମ ପୋଷ୍ଟର ସେୟାର କରି କ୍ୟାପସନ ଦେଇଛନ୍ତି, 'ଦୃଢ଼ଙ୍କ ହସ ଏବଂ ସୁନାର ହୃଦୟ। ବଜରଙ୍ଗୀ ଭାଇଜାନ ଫେମ୍ ହର୍ଷାଲି ମଲହୋତ୍ରାଙ୍କୁ 'ଅଖଣ୍ଡ ୨'ରୁ 'ଜନନୀ' ଭାବରେ ପରିଚିତ କରାଯାଉଛି। ଦଶହରାରେ ସିନେମା ଘରେ 'ଅଖଣ୍ଡା ୨ ତାଣ୍ଡବମ୍'। ସେହିପରି ହର୍ଷାଲି ଏକ ଭାବପ୍ରବଣ ନୋଟ୍ ଲେଖିଛନ୍ତି, 'ଏକ ନୀରବତା ଥିଲା ଯାହା ସବୁ କହିଦେଉଥିଲା, ହୃଦୟରେ ଏକ ହସ ଥିଲା ଯାହା ରହିଗଲା। ଗୋଟିଏ ଛୋଟ ମୁନ୍ନି ଥିଲା, କିନ୍ତୁ ସେ ସ୍ମୃତିରେ ବଡ଼ ହୋଇଗଲା। ଆଜି ମୁଁ ପୁଣି ଏକ କାହାଣୀ ନେଇ ଆସିଛି, ଏଥର ଶବ୍ଦ ସହିତ। ମୁନ୍ନି କେବଳ ଏକ ଚରିତ୍ର ନଥିଲେ, ସେ ଏକ ଭାବନା, ଏକ ସ୍ମୃତି, ଏକ ହୃଦୟ ସ୍ପନ୍ଦନ - ଏପରି କିଛି ଯାହା ତୁମ ଏବଂ ମୋ ସହିତ ରହିଲା। ଫିଲ୍ମ 'ଅଖଣ୍ଡା ୨', ଏହା ନନ୍ଦମୁରୀ ବାଳକୃଷ୍ଣଙ୍କ 'ଅଖଣ୍ଡା'ର ସିକ୍ୱେଲ୍, ଯାହାକୁ ଦର୍ଶକମାନେ ପସନ୍ଦ କରିଥିଲେ।

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik